


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୦୬ ● ୨୬ ଅଗଷ୍ଟ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-206 ● 26th August 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

# ସୁଭଦ୍ରା ଯୋଜନାର ଅଗ୍ରଗତି ନେଇ କଲେ ଅବଗତ

**ନୂଆଦିଲ୍ଲୀ, ୨୫।୮**

ଆସନ୍ତା ୨୮ ତାରିଖ ରାକ୍ଷୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ଠାରେ ପ୍ରଦାନ କରାଯିବାକୁ ଥିବା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ପ୍ରସ୍ତୁତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଅବଗତ କରାଇଛନ୍ତି। ଏହି ପଞ୍ଚମ କିସ୍ତି ମାଧ୍ୟମରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଜରିଆରେ ୫୦୦୦ ଟଙ୍କା ଲେଖାଏଁ ପାଇବେ।

ସାମ୍ପ୍ରତିକ ପ୍ରସ୍ତୁତି ଅନୁଯାୟୀ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ମହିଳା ହିତାଧିକାରୀ ଏହି କିସ୍ତି ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଯାହା ପାଇଁ ମୋଟ ୫,୧୬୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସଠିକ୍ ସମୟରେ ଏବଂ ସୁରୁଖୁରୁରେ ସହାୟତା ରାଶି ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପରିଡ଼ା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ।



ବିଶେଷ କରି ହିତାଧିକାରୀଙ୍କ ଯାଞ୍ଚ ଇ-କେୱାଇସି, ଆଧାର-ସଂଯୋଗୀକୃତ ବ୍ୟାଙ୍କ ଆକାଉଣ୍ଟ, ଏନପିସିଆଇ ମ୍ୟାପିଂ ଏବଂ ଅନ୍ୟାନ୍ୟ ବ୍ୟାକିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଯାହାଦ୍ୱାରା କୌଣସି ବିଳମ୍ବ ନହୋଇ ଆର୍ଥିକ ସହାୟତା ପହଞ୍ଚି ପାରିବ। ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ଆଗେଇ ନେବାରେ ଏହି ପଞ୍ଚମ କିସ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମଧ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରଧାନମନ୍ତ୍ରୀଙ୍କୁ ଆଲୋକପାତ କରିଥିଲେ।

ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କର ଏହି ପ୍ରମୁଖ ମହିଳା କେନ୍ଦ୍ରିକ ଯୋଜନାର ଲକ୍ଷ୍ୟ ହେଉଛି *(ପୃଷ୍ଠା ୭ରେ)*

# ସୀମା ସମସ୍ୟା ନେଇ ଅଜିତ ଡୋଭାଲ ଓ ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

**ନୂଆଦିଲ୍ଲୀ, ୨୫।୮**

ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଓ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ବେଜିଂଠାରେ ଭାରତ-ଚୀନ୍ ସୀମା ସଂକ୍ରାନ୍ତରେ ବିଶେଷ ପ୍ରତିନିଧିମାନଙ୍କ ସହିତ ୨୫ତମ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଚୀନର ପୁନର୍ବାର କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ଆଲୋଚନା ବୈଠକ ହୋଇଛି।



ନୂଆଦିଲ୍ଲୀ ଓ ବେଜିଂ ୨୦୨୦ର ଗଲୱାନ ସଂଘର୍ଷ ପରେ ପୂର୍ବ ଲଦାଖରେ ଦୀର୍ଘ ସାମରିକ ମୁହାଁମୁହିଁ ସ୍ଥିତି ପରେ ସମ୍ପର୍କରେ ସାବଧାନତା ଅବଲମ୍ବନମୂଳକ ସ୍ଥିରତା ଆଣିବାକୁ ଚେଷ୍ଟା କରୁଥିବାବେଳେ ଆଲୋଚନାରେ ସୀମା ପ୍ରଶ୍ନ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ସୀମା ଆଲୋଚନା ପାଇଁ ଭାରତର ନିଯୁକ୍ତ ବିଶେଷ ପ୍ରତିନିଧି ଡୋଭାଲ, ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗଙ୍କ ଆମନ୍ତ୍ରଣରେ *(ପୃଷ୍ଠା ୭ରେ)*

## ଆଇଏଏସ୍ ଓ ଓଏଏସ୍ ସ୍ତରରେ ଅଦଳବଦଳ
# ସଞ୍ଜୟ ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ନିଯୁକ୍ତ



**ଭୁବନେଶ୍ୱର, ୨୫।୮ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ମଙ୍ଗଳବାର ପ୍ରଶାସନିକସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ ୭ଜଣ ଆଇଏଏସ୍ ଅଫିସର ଓ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର *(ପୃଷ୍ଠା ୭ରେ)*

# ସେପ୍ଟେମ୍ବର ୨୨ରୁ ମୌସୁମୀ ଅଧିବେଶନ

**ଭୁବନେଶ୍ୱର, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସେପ୍ଟେମ୍ବର ୨୨ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଅଧିବେଶନରେ ମୋଟ ୮ଟି କାର୍ଯ୍ୟଦିବସ ରହିଥିବା ନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ଅବଗତ କରାଯାଇଛି।

ସୂଚନା ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୩୭୫ (-୨୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୦୧୦ (-୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୮୧ (-୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଅଗ୍ରଗତି ନେଇ ମୁଖ୍ୟଶାସନ ସଚିବଙ୍କ ସମୀକ୍ଷା

**ଭୁବନେଶ୍ୱର, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାର କାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ବୈଠକ ପ୍ରାରମ୍ଭରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟସ୍ତରୀୟ ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନ୍ୱୟନ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସବୁକଥାରେ ଖୁବ୍ ତଦନ୍ତ
ଫଳବି ବାହାରେ ଭଲ
ଛୋଟ ମୁଣ୍ଡ ପାଇଁ ଇଏ ଟେନ୍‌ସନ୍
ବଡ ଲୋକଙ୍କୁ ଏ ଗେଲ
ହେ ପ୍ରଭୁ କାହୁଁ ଗଲ
ନ୍ୟାୟ ନିସାବ ତୁମ୍ଭେ ସମ୍ଭାଳ
ଉତ୍ତାର ସଭିଙ୍କ ଛାଲ।

# ଆମ ସାହିତ୍ୟରେ ପାଠକୀୟ ଉଦାସୀନତା-୨



**ଦୁର୍ଗା ଚରଣ ଷଡଙ୍ଗୀ**
**ମୋ : ୯୪୩୮୫୩୫୫୭୭**

ଶସ୍ତା ସାହିତ୍ୟ ଲେଖି ସ୍ୱଳ୍ପ କାଳ ମଧ୍ୟରେ ମାନ-ଧନ-ପ୍ରତିପତ୍ତି ଗୋଟାଇବାରେ ବହୁ ଅଭିଜାତ ଲେଖକ ସେମାନଙ୍କର ଗଳଦ୍‌ଘର୍ମ ପ୍ରଚେଷ୍ଟା ଜାରି ରଖିଛନ୍ତି । ସଚ୍ଚା ସାହିତ୍ୟକାର ଜଣେ ଯଦି ଗୋଷ୍ଠୀଭୁକ୍ତ ହୋଇ ସାହିତ୍ୟକୁ ନେଇ ରାଜନୀତି କରେ ତେବେ ସାହିତ୍ୟ ତା'ର ମୂଳ ଲକ୍ଷ୍ୟଠାରୁ ଦୂରେଇ ଯିବାଟା ନିର୍ଧାର୍ଯ୍ୟ ମନେ ହୁଏ । ଭାଗ୍ୟବଳରୁ ପୂର୍ବାର୍ଜିତ କିଛି ସମ୍ମାନ ଓ ପୁରସ୍କାର ଗୋଟାଇ ଥିବା ସାହିତ୍ୟିକ, ଯେଉଁମାନଙ୍କୁ ସାଧାରଣତଃ ବିଶିଷ୍ଟ-ଅତିବିଶିଷ୍ଟ ବୋଲି ଧରି ନିଆଯାଇଥାଏ, ସେମାନେ ସମକାଳର ସମଧର୍ମା ଅନୁଜ ଲେଖକମାନଙ୍କୁ ଅବଜ୍ଞା କରିବା ସହ ହେୟ ଦୃଷ୍ଟିରେ ଦେଖିବା, ନିଜର ସ୍ୱାର୍ଥ ହାସଲ ପାଇଁ ନିୟୋଜିତ କରିବା ସହ, ନିଜ ଗୋପନ ଇଚ୍ଛା ପୂର୍ତ୍ତି ପୂରଣ ପାଇଁ ନାନାଦି ଉତ୍ସବ ଅନୁଷ୍ଠାନ ଭିଆଇ ନିଜ ନାମରେ ପୁରସ୍କାର ପ୍ରଦାନ ସମାରୋହ ଆୟୋଜନ କରିବା ସହିତ ନିଜସ୍ୱ ଏକ ସ୍ୱତନ୍ତ୍ର ଗୋଷ୍ଠୀ ନିର୍ମାଣ କରିବା ଫଳରେ ସାହିତ୍ୟର ବିକାଶ ହେବା ଦିଗରେ ଘୋର ଅନ୍ତରାୟ ସୃଷ୍ଟି ହେବାରେ ଲାଗିଛି । ଏଭଳି ହୀନଛାଙ୍କର କାରଣମାନଙ୍କ ଯୋଗୁଁ ପାଠକ ଗୋଷ୍ଠୀଟି ସାହିତ୍ୟ ଓ ସର୍ଜନା ତଥା ସାହିତ୍ୟକାର ବ୍ୟକ୍ତିଟି ପ୍ରତି ଯେଉଁ ଶ୍ରଦ୍ଧା ସମ୍ମାନ ଓ ବିଶ୍ୱାସ ରହିବା କଥା, ତାହାର ସମସ୍ତ ନାକରାତ୍ମକ କାରଣମାନଙ୍କୁ ଜାଣି ସାରିବା ପରେ ବୃହତର ସାହିତ୍ୟ ସ୍ରଷ୍ଟା ଓ ପାଠକ ଗୋଷ୍ଠୀମାନଙ୍କ ମଧ୍ୟରେ ଆଉ ସମଭାବପନ୍ନ ବନ୍ଧୁ ଭାବ ରହୁନାହିଁ । ନିଷ୍ଠାର ସହ ସାହିତ୍ୟ ପ୍ରତି ଲେଖକର ଆଉ ସମର୍ପଣ ଭାବ, ଅଧ୍ୟୟନ, ତର୍କ, ମୀମାଂସା କି ଭାବ ବିନିମୟ ଆଉ ଦେଖାଯାଉ ନାହିଁ । ସମାଲୋଚନା, ଯାହା ସାହିତ୍ୟର ଏକ ବଳିଷ୍ଠ ଅଙ୍ଗ ପରି କଷଟି ପଥର ସମ, ସର୍ଜନାରେ ଦେହ ଅଙ୍ଗପ୍ରତ୍ୟଙ୍ଗକୁ ମାର୍ଜିତ କରି ଶୁଦ୍ଧ ସୁବର୍ଣ୍ଣ କରି ପାଠକଙ୍କ ବଜାରକୁ ଛଡା ଯାଇ ପାରିଥାନ୍ତା ତାହା ମଧ ବିଗତ ଦୁଇ ଦଶନ୍ଧି ଧରି ତା'ର ଆସ୍ଥା ହରାଇ *(ପୃଷ୍ଠା ୭ରେ)*

## ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଦୁର୍ବଳ ଜନଜାତି ଗୋଷ୍ଠୀ








ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)

15001/94/2627



ମହାପୁରୁଷ
ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0094

# ନୂଆ କୋଠାରେ ଝୁଲୁଛି ତାଲା:ଅବକାରୀ ଥାନା କାର୍ଯ୍ୟକ୍ଷମ ହେବ କେବେ ?

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବର୍ଷେ ହେଲାଣି ନୂଆ କୋଠାରେ ଝୁଲୁଛି ତାଲା। ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ ସଦର ତହସିଲ ଅଫିସ ନିକଟରେ ଅବକାରୀ ଥାନା ପାଇଁ ନିର୍ମାଣ ହୋଇଥିବା ନୂତନ କୋଠା ଦୀର୍ଘଦିନ ହେଲା କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଛି। ପ୍ରାୟ ବର୍ଷେ ତଳେ କୋଠା ନିର୍ମାଣ ଶେଷ ହୋଇଥିବା ବେଳେ ଏହାର ପାଚେରୀ, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ସହ ରଙ୍ଗମରା କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ତଥାପି ଥାନା କାର୍ଯ୍ୟକ୍ଷମ ହୋଇନଥିବାରୁ ନୂଆ କୋଠାର ମୁଖ୍ୟ ଫାଟକରେ ଏବେବି ବଡ଼ ତାଲା ଝୁଲୁଛି। କୋଲାବିରା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ୍ ମଦ କାରବାର ନେଇ ଅଭିଯୋଗ ହୋଇଆସୁଛି। ବିଭିନ୍ନ ଢାବା ଓ ହୋଟେଲରେ ଖୋଲାଖୋଲି ଭାବେ ମଦ ବିକ୍ରି ହେଉଥିବା ସହ ଅନେକ ସ୍ଥାନରେ କୁଚିଆ ମଦ ବେପାର ଚାଲୁଥିବା ଅଭିଯୋଗ ରହିଛି। ଏହାଛଡ଼ା ଜଙ୍ଗଲ ଅଞ୍ଚଳର ବିଭିନ୍ନ ଗାଁରେ ବେଆଇନ୍ ଦେଶୀ ମଦ ପ୍ରସ୍ତୁତି ମଧ୍ୟ ଚାଲିଥିବା ନେଇ ଅଭିଯୋଗ ହେଉଛି। ଏପରି ପରିସ୍ଥିତିରେ କୋଲାବିରାରେ ଅବକାରୀ ଥାନା ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ଅଞ୍ଚଳରେ ବେଆଇନ୍ ମଦ ଓ ନିଶା କାରବାର ଉପରେ ଅଧିକ ପ୍ରଭାବଶାଳୀ ଭାବେ ଅଙ୍କୁଶ ଲଗାଯାଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ନିର୍ମାଣ ସରି ଭିତ୍ତିଭୂମି ପ୍ରସ୍ତୁତ ଥିବା ସତ୍ତ୍ୱେ ଥାନା କାର୍ଯ୍ୟକ୍ଷମ ନହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ପ୍ରଶ୍ନ ଉଠିଛି। ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନା କେବେଠାରୁ କାର୍ଯ୍ୟକ୍ଷମ ହେବ ଏବଂ ଏଥିପାଇଁ କେଉଁ ପ୍ରକ୍ରିୟା ବାକି ରହିଛି, ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ସ୍ପଷ୍ଟ ସୂଚନା ଦେବା ସହ ଶୀଘ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



# ବିରିପାଲି ଶୈବପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଜମରତଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିରିପାଲି ଶୈବପୀଠରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭୋର୍ ସମୟରୁ ହିଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ବିରିପାଲିରେ ପହଞ୍ଚି ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରାବଣ ସୋମବାରକୁ ନେଇ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିଲା। 'ହର ହର ମହାଦେବ' ଧ୍ୱନିରେ ଶୈବପୀଠ ପରିସର ପ୍ରକମ୍ପିତ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ବେଲପତ୍ର, ଫୁଲ, ଦୁଗ୍ଧ ଓ ଜଳ ଅର୍ପଣ କରି ମହାଦେବଙ୍କ ଆଶୀର୍ବାଦ କାମନା କରିଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଶୈବପୀଠ କମିଟିର ସଭାପତି କରୁଣାକର ସାହୁ, ସମ୍ପାଦକ ମାନସ ପଣ୍ଡା, କୋଷାଧ୍ୟକ୍ଷ ଚୁନୁ ଚନ୍ଦ୍ର ବେହେରା, ପରାମର୍ଶଦାତା ସୁରେଶ ଚାନ୍ଦ ଓ ଧନମାଳି ହାତୀଙ୍କ ସମେତ ଗ୍ରାମର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଶୈବପୀଠ ପରିସରରେ କୀର୍ତ୍ତନ ଧାରା ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କ ପାଇଁ ନରେଶ ଅଗ୍ରୱାଲ ଓ କଂସର ମେହେର ସମାଜ ପକ୍ଷରୁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା। ସେହିପରି ଖଇରପାଲି ଗ୍ରାମର ମିଟୁ ମେହେର, ଡଙ୍ଗରମୁଣ୍ଡା ଗ୍ରାମର ଦିଲ୍ଲୀପ ଓ ପ୍ରକାଶ ବେହେରା ଏବଂ ଦହିତା ଗ୍ରାମର ବୋଲ୍‌ବମ୍ ପାର୍ଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରାଯାଇଥିଲା। ଶ୍ରାବଣ ମାସର ଶେଷ ସୋମବାରରେ ବିରିପାଲି ଶୈବପୀଠର ଏହି ଭକ୍ତିମୟ ପରିବେଶ ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ସହ ସମଗ୍ର ଅଞ୍ଚଳକୁ ଭକ୍ତି ରସରେ ଭିଜାଇ ଦେଇଥିଲା।

# ବନ୍ୟା ପରେ ରୋଗ ଭୟ:୧୮ ବିଭାଗର ବିଶେଷଜ୍ଞ ଡାକ୍ତର, ୪୦ରୁ ଊର୍ଦ୍ଧ୍ୱ ପାରାମେଡିକାଲ୍ କର୍ମଚାରୀ ନିୟୋଜିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବାରମ୍ବାର ବନ୍ୟାରେ ଧାମନଗର ବ୍ଲକର ଜନଜୀବନ ପ୍ରଭାବିତ ହେଉଥିବାବେଳେ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ପାଲଟିଛି। ଦୂଷିତ ବନ୍ୟାଜଳ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଡାଇରିଆ, ଟାଇଫଏଡ୍, ଚର୍ମରୋଗ, ଚକ୍ଷୁ ସଂକ୍ରମଣ ସହ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ଆଶଙ୍କା ରହିଛି। ଏଭଳି ସମୟରେ ବନ୍ୟା ପ୍ରଭାବିତଙ୍କୁ ତ୍ୱରିତ ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ପ୍ରଶାସନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଧାମନଗର ବ୍ଲକ କରଦା ସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଏହି ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଶତାଧିକ ଅଞ୍ଚଳବାସୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ସେବା ନେଇଥିଲେ। ଶିବିରରେ ୧୮ଟି ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସହ ୪୦ରୁ ଅଧିକ ପାରାମେଡିକାଲ୍ କର୍ମଚାରୀ ନିୟୋଜିତ ହୋଇଥିଲେ। ବିଭିନ୍ନ ବିଭାଗରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଏଥିସହ ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସା ୟୁନିଟ୍ ଖୋଲାଯାଇ ନିଃଶୁଳ୍କ ଆଖି ପରୀକ୍ଷା ଓ ଚିକିତ୍ସା ପରାମର୍ଶ ଦିଆଯାଇଥିଲା। ରୋଗୀଙ୍କୁ ଆବଶ୍ୟକ ଔଷଧ ମଧ୍ୟ ମାଗଣାରେ ପ୍ରଦାନ କରାଯାଇଥିଲା। ବନ୍ୟା ପରେ ଦୂଷିତ ପାଣି ଓ ଖାଦ୍ୟ ଯୋଗୁ ଜଳବାହିତ ରୋଗ ବ୍ୟାପିବାର ଆଶଙ୍କା ରହୁଥିବାବେଳେ ଜମି ରହିଥିବା ବନ୍ୟା ଜଳ ଯୋଗୁ ମଶାବାହିତ ରୋଗ ବଢ଼ିବାର ମଧ୍ୟ ଆଶଙ୍କା ରହିଛି। ଏନେଇ ଶିବିରରେ ଲୋକଙ୍କୁ ସ୍ୱଚ୍ଛ ପାଣି ପିଇବା, ଖାଦ୍ୟକୁ ସୁରକ୍ଷିତ ରଖିବା ଓ ଅସୁସ୍ଥ ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରାଯାଇଥିଲା। ସମାଜର ଶେଷ ସୀମାରେ ଥିବା ଲୋକଙ୍କ ନିକଟରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସହ ପ୍ରତ୍ୟେକ ଜୀବନକୁ ସୁରକ୍ଷିତ ରଖିବା ସରକାରଙ୍କ ପ୍ରାଥମିକତା ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଧାମନଗରରେ ଏଭଳି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବା ଦ୍ୱାରା ଅଞ୍ଚଳବାସୀଙ୍କୁ ବିଶେଷ ସହାୟତା ମିଳିପାରିଛି। ଏଥିରେ ଅରବିନ୍ଦ ପତି, ଅଶୋକ ପୁହାଣ, ମନୋଜ ମଲ୍ଲିକ, ପ୍ରମୋଦ ସୁତାର, ହୃଦାନନ୍ଦ କର, ଲକ୍ଷ୍ମୀଧର ପାଣିଗ୍ରାହି, ସୌମ୍ୟରଞ୍ଜନ ଦାଶ, ବୁନୁ ଦାଶ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ପୂର୍ବତନ ଏସ୍‌ଆର୍‌ଏ:ଅବସରପ୍ରାପ୍ତ କର୍ମଚାରୀଙ୍କ ଘରେ ଚଢ଼ଉ

**କଟକ, ନ୍ୟୁଜ୍ ବ୍ୟୁରୋ**

ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ ହୋଇଛି। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକର ଅବସରପ୍ରାପ୍ତ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଭଞ୍ଜକିଶୋର ବେହେରାଙ୍କ ପାଟେଣିଗାଁ ଘରେ ଚଢ଼ଉ କରିଛି ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍। ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକର ତତ୍କାଳୀନ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଭଞ୍ଜ କିଶୋର ବେହେରା, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର ପ୍ରଦୀପ୍ତ କୁମାର ମଲ୍ଲିକ ୨୦୧୧-୧୨ ଏବଂ ୨୦୨୧-୨୨ରେ ସରକାରୀ ଅର୍ଥ ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ତାଙ୍କ ନାଁରେ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଭଞ୍ଜ କିଶୋର ବେହେରାଙ୍କ ଘର ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି।

# ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପରଲୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ସମାଜସେବୀ ପ୍ରଫେସର ଡକ୍ଟର ସେକ୍ ସମସୁର୍‌ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ସମସୁର କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ଦକ୍ଷତାର ସହ କାମ ତୁଲାଇଥିଲେ। ତାଙ୍କ ସମୟରେ କଲେଜର ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିଲା। ତାଙ୍କ ମର ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ କଲେଜ ପରିସରରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର/ଛାତ୍ରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠୁ ଶୋଭାଯାତ୍ରାରେ ତାଙ୍କ ବଡହାଟ ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସମବାୟବିତ୍ ପ୍ରମୋଦ କୁମାର ସାହୁ, ଡଃ. ବିଶ୍ୱରଞ୍ଜନ କାନୁନ୍‌ଗୋଙ୍କ ସହିତ ବହୁ ବୁଦ୍ଧିଜୀବୀ, ଆଇନ୍‌ଜୀବୀ, ସମାଜସେବୀ ତାଙ୍କର ଅନ୍ତିମ ଦର୍ଶନ କରି ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ସମୟରେ ତାଙ୍କ ଝିଅ, ନାତି, ନାତୁଣିଙ୍କ ସମେତ ଆତ୍ମୀୟ ସଜ୍ଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ବଡହାଟ ସ୍ଥିତ କବର ସ୍ଥାନରେ ଅନ୍ତିମ ପ୍ରାର୍ଥନା ପରେ କବର ଦିଆଯାଇଥିଲା।

# କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ନୀଳକଣ୍ଠପୁରରେ ବନ୍ୟା ବିପନ୍ନଙ୍କୁ ଜିଲ୍ଲା ସଭାନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ରିଲିଫ୍ ବଣ୍ଟନ କରାଯାଇଛି। ବିପନ୍ନ ମାନଙ୍କ ପାଇଁ ଚୁଡା, ଚିନି, ବିସ୍କୁଟ୍, ଅମୁଲ୍, ଓଆର୍‌ଏସ୍, ମିକ୍ସର, ପାଣି ବୋତଲ, ପାଉଁରୁଟି ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଦିଆଯାଇଛି। ଏହି ଅବସରରେ ଡକ୍ଟର ଜେନା ଦୀର୍ଘଦିନ ହେଲା ବହୁ କଷ୍ଟରେ ଜଳବନ୍ଦୀ ଅବସ୍ଥାରେ ଥିବା ବିପନ୍ନ ମାନଙ୍କ ସହିତ କିଛି ସମୟ କଟାଇଥିଲେ। ଅନେକ ଲୋକମାନଙ୍କ ପାଖରେ ଖାଦ୍ୟ ପଦାର୍ଥ ନାହିଁ, ଶିଶୁମାନଙ୍କୁ ଖାଦ୍ୟର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମକୁ ପ୍ରକାଶ କରିଥିଲେ। ବିପନ୍ନ ମାନଙ୍କ ପାଇଁ ସାଙ୍ଗରେ ରିଲିଫ୍ ଯୋଗାଡ କରି ନେଇଥିଲେ। ଜଳବନ୍ଦୀରେ ବିପଦପୂର୍ଣ୍ଣ ଅବସ୍ଥାରେ ସମୟ କାଟୁଥିବା ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସହାୟତା କରିବା ଦେବା ସହିତ ସେମାନଙ୍କ ଦୁଃଖ ସମୟରେ ଛିଡା ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଲୋକପ୍ରିୟ ବିଜେପି ସରକାର ବିପନ୍ନ ମାନଙ୍କ ପାଇଁ ସମସ୍ତ ପ୍ରକାର ସହାୟତାର ହାତ ବଢାଇଥିବା ସେ ପ୍ରକାଶ କରିଥିଲେ। ତାଙ୍କର ଏହି ରିଲିଫ୍ ବଣ୍ଟନ ସମୟରେ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସହିତ ସୁନାକର ବେହେରା, ସମୀର ଦାଶ, ଗିରିଜା ଶଙ୍କର ଦାସ, ବନ୍ଦନାରାଣୀ ରାଉତରାୟ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ରୀନାରାଣୀ ଦାସ, ମଧୁସ୍ମିତା ମଲ୍ଲ, କାବେରୀ ବେହେରା, ପଙ୍କଜିନୀ ସାମଲ, ସୁଷମା ଭୂୟାଁ, ହିମାଂଶୁ ଲେଙ୍କା, ରଶ୍ମିରଂଜନ ରାଉତ, ଅନିଲ ସ୍ୱାଇଁ, ପଙ୍କଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ଶୋକ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କର ସହପାଠୀ ଥିଲେ ଏବଂ ଉଭୟେ କଟକ ରେଭେନ୍ସା ମହାବିଦ୍ୟାଳୟରେ ସାଙ୍ଗ ହୋଇ ପାଠ ପଢୁଥିଲେ ବୋଲି ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ତଥା ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଏକ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଅବସରରେ ୨୦୧୬ ମସିହାରେ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କୁ ମିର୍ଜାପୁର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଓଡ଼ିଶା ସଂଗୀତ ଜଗତର ବେତାଜ୍ ବାଦ୍‌ଶାହ ଥିଲେ ଏବଂ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଓଡ଼ିଶା ସଙ୍ଗୀତ ଇତିହାସରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଉଭୟ ଅନୁଷ୍ଠାନର ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି। ଏହି ଅବସରରେ ଦୁଇଭାଇ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ବେଉସା ଛଡ଼ାଇ ନେଲା ସମୟ:କାର୍ଡରୁମ୍ ପାଲଟିଲା ଚା' ଦୋକାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସମୟ ବଦଳିଛି, ଫଟୋଗ୍ରାଫର ଦୁନିଆ ବଦଳିଛି। ଏବେ ଡିଜିଟାଲ୍ କ୍ୟାମେରା, ମୋବାଇଲ୍ ଓ ଆଧୁନିକ ଏଡ଼ିଟିଂର ଯୁଗ। ହେଲେ ଦିନେ ଏମିତି ଏକ ସମୟ ଥିଲା ଯେତେବେଳେ ଗୋଟିଏ କଳାଧଳା ଫଟୋକୁ ଜୀବନ୍ତ ରୂପ ଦେବା ପାଇଁ ଦରକାର ପଡୁଥିଲା ଧୈର୍ଯ୍ୟ, ଦକ୍ଷତା ଓ ରସାୟନର ଜ୍ଞାନ। ସେହି ସମୟରେ ଲୋକଙ୍କ ସ୍ମୃତିକୁ ଜୀବନ୍ତ ରୂପ ଦେଉଥିବା ଲୋକ ଆଜି ଅଲୋଡ଼ା। ଏହିପରି ଜଣେ ବ୍ୟକ୍ତି ହେଉଛନ୍ତି ଶ୍ରୀକ୍ଷେତ୍ର ବିହାରରେ ରହୁଥିବା ତୋତା ରାଜୁ। ବୟସ ୭୪ ବର୍ଷ। ଷ୍ଟୁଡ଼ିଓରୁ ଡାର୍କରୁମ୍ ହଟିଛି। ଯେଉଁ ହାତ ଦିନେ ଡାର୍କରୁମ୍‌ରେ ଚଳଚଞ୍ଚଳ ଥିଲା ସେହି ହାତ ଏବେ ଗ୍ରାହକଙ୍କୁ ଚା' ପରଷୁଛି। ସହରର ସର୍ବ ପୁରାତନ ଫଟୋ ଷ୍ଟୁଡ଼ିଓ ମଧ୍ୟରୁ ତୋତା ଷ୍ଟୁଡ଼ିଓ ଅନ୍ୟତମ। ତୋତା ରାଜୁ କହିବା ପ୍ରକାରେ ବାପା ତୋତା ଭେଙ୍କଟେଶ୍ୱର ରାଓ ଷ୍ଟୁଡ଼ିଓ ତିଆରି କରିଥିଲେ। ସେ ୧୨ ବର୍ଷରୁ ସେଠାରେ ଫଟୋ ଉଠାଇବା, ଗ୍ଲାସ୍ ପ୍ଲେଟ୍‌ରୁ ନେଗେଟିଭ୍ ପ୍ଲେଟ୍, ଡାର୍କ ରୁମ୍‌ରେ ନେଗେଟିଭ୍ ରିଲ୍‌ରୁ ଫଟୋ ଡେଭଲପ୍ କାମ କରୁଥିଲେ। ଅନେକ ସମୟରେ ରିଲ୍‌ରେ କିଛିଟା ତ୍ରୁଟି ରହୁଥିଲା। ତାହାକୁ ବ୍ଲେଡ୍, ପେନ୍‌ସିଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ମାଧ୍ୟମରେ ସଜାଡୁଥିଲେ। ଏହି କାମ ପାଇଁ ପ୍ରତି ମାସରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଅଞ୍ଚଳରୁ ଅନେକ ଅର୍ଡ଼ର ମଧ୍ୟ ଆସୁଥିଲା। ଏବେ ଯୁଗ ବଦଳିଛି। ଡିଜିଟାଲ୍ ଯୁଗ ଆସିବା ପରେ ପାରମ୍ପରିକ ଫଟୋ ପ୍ରୋସେସିଂର ଚାହିଦା କମିଗଲା। ଦୀର୍ଘ ୫୦ ବର୍ଷ ଧରି ଫଟୋଗ୍ରାଫି ସହ ନିଜକୁ ଜଡ଼ିତ ରଖିବା ପରେ ୨୦୧୨ ମସିହା ପରଠୁ ଏହାଠୁ ଦୂରେଇ ରହିଛନ୍ତି। ଆଜି ସେ ଏକ ଛୋଟ ଚା' ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ଚା' କପ୍‌ରୁ ଉଠୁଥିବା ଧୂଆଁ ଭିତରେ ତାଙ୍କ ଜୀବନର ପୁରୁଣା ଦିନଗୁଡ଼ିକୁ ସେ ଦେଖୁଥିବା କୁହନ୍ତି। ତାଙ୍କ ମନରେ ଆଜିବି ବଞ୍ଚିଛି ସେହି ପୁରୁଣା ଫଟୋଗ୍ରାଫର ଦିନ। ତୋତା ରାଜୁ କୁହନ୍ତି, ସେହି ସମୟରେ ଅଧିକାଂଶ ଫଟୋଗ୍ରାଫର ୟାସିକା ୬୩୫ ଓ ୟାସିକା ଡି ଭଳି କ୍ୟାମେରା ବ୍ୟବହାର କରୁଥିଲେ। ବ୍ଲାକ୍ ଆଣ୍ଡ୍ ହ୍ୱାଇଟ୍ ଫଟୋ ପାଇଁ ଡାର୍କରୁମ୍‌ର ବ୍ୟବହାର ହେଉଥିଲା। ବ୍ରୋମାଇଟ୍, ମେଟୋଲ୍, ହାଇଡ୍ରୋକୁଇନନ୍, ଫେନିଡ୍ରୋନ୍, ଏସ୍କୋବିକ୍ ଏସିଡ୍ ଭଳି ୫ କେମିକାଲ୍‌କୁ ମିଶାଇ ବ୍ୟବହାର କରୁଥିଲୁ। ବ୍ଲାକ୍ ଏଣ୍ଡ ହ୍ୱାଇଟ୍ ସମୟରେ ସବ୍‌ରେଜିଷ୍ଟ୍ରି ଅଫିସ୍‌ରୁ ଅଧିକ ଅର୍ଡ଼ର ରହୁଥିଲା। ଯେଉଁମାନେ ଜମି କିଣା ବିକା କରୁଥିଲେ ସମସ୍ତଙ୍କ ଫଟୋ ଆମେ ଉଠାଇ ଦେଉଥିଲୁ। ପ୍ରତି ଷ୍ଟୁଡ଼ିଓରେ ପୂର୍ବରୁ ଟଚିଂ, ଫିନିସିଂ ଓ ଡାର୍କ ରୁମ୍‌ରେ ୩ ଜଣ ନିୟୋଜିତ ରହୁଥିଲେ। ୨୦୦୦ ମସିହା ପରଠାରୁ ସବୁଠି କଲର ଫଟୋ ଆରମ୍ଭ ହେଲା। ଡାର୍କ ରୁମ୍‌ରେ କାମ କରୁଥିବା ଲୋକେ ଜୀବିକା ହରାଇଲେ। ୨୦୧୨ ରୁ ଫଟୋଗ୍ରାଫି ଛାଡ଼ିବା ପରେ ପ୍ରଥମେ ସିକ୍ୟୁରିଟି ଗାର୍ଡ଼ ଓ ଏବେ କିଛି ବର୍ଷ ହେଲା ଏହି ଦୋକାନ କରି ଜୀବିକା ନିର୍ବାହ କରୁଥିବା ସେ କହିଛନ୍ତି।

# ଘର ଆଗରୁ ଚୋରି ହୋଇଥିବା ବାଇକ୍ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ ଥାନା ଅନ୍ତର୍ଗତ ଦାନଗଦି ନିଉ ସିଆରିଆ କଲୋନୀରେ ଭଡାରେ ନେଇ ରହୁଥିବା ଅବଦୁଲ ରଜିତ ଖାଁ (୩୭)ଙ୍କ ଗୋଟିଏ ନାଲି ରଙ୍ଗର ହୀରୋ ଗ୍ଲାମର୍ ମୋଟର ସାଇକେଲକୁ ତାଙ୍କ ଘର ସାମ୍ନାରୁ ସନ୍ଧ୍ୟାବେଳେ କୌଣସି ଅଜଣା ଦୁର୍ବୃତ୍ତ ଗତ ୩୧/୭ ତାରିଖରେ ଚୋରି କରି ନେଇଯାଇଥିଲା। ଏ ସଂକ୍ରାନ୍ତରେ ଯାଜପୁର ରୋଡ ଥାନାରେ ଗୋଟିଏ ଅଭିଯୋଗ ହୋଇଥିଲା। କେଶ୍ ନମ୍ବର ୪୬୬ ତା ୧/୮/୨୬ ଦଫା ୩୦୩ (୨) ବିଏନ୍‌ଏସ୍ ଏ ସଂକ୍ରାନ୍ତିରେ ଯାଜପୁର ରୋଡ ଥାନାରେ ଲିଖିତ ମକଦ୍ଦମା ରୁଜୁ କରି ତଦନ୍ତ ଚାଲୁ କରାଯାଇଥିଲା। ଅଗଷ୍ଟ ୨୩ ତାରିଖ ସକାଳ ସମୟ ପ୍ରାୟ ୨ଟା ବେଳେ ମିଲିଟାରୀ ଛକ ନିକଟରେ ଏମ୍‌ଭିଆଇ ଚେକିଂ ସମୟରେ ଜଣେ ବ୍ୟକ୍ତି ଯାଜପୁର ରୋଡରୁ ଦାନଗଦି ଆଡକୁ ଯାଉଥିବା ବେଳେ ପୋଲିସକୁ ଦେଖି ଫେରାର୍ ହେଇଯିବାକୁ ଚେଷ୍ଟାକଲା ବେଳେ ତାକୁ ପଛରୁ ଗୋଡେଇ ଗୋଟିଏ ନାଲି ରଙ୍ଗର ହୀରୋ ଗ୍ଲାମର ମଟର ସାଇକେଲ ସହିତ ଅଟକ ରଖି ପଚାରିବାରେ ସେ ମାନିଲା ଯେ ସେ ଉକ୍ତ ମଟର ସାଇକେଲକୁ ଦାନଗଦି ନିଉ ସିଆରିଆ କଲୋନୀରୁ ଚୋରି କରିଥିଲା ଏବଂ ମଧ୍ୟ ସେ ଗତ ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ବେଳେ ଯାଜପୁର ରୋଡ ଜୟ ରାମ ଲେଙ୍କା ଦୋକାନ ସାମ୍ନାରୁ ଗୋଟିଏ ସ୍କୁଟି ଚୋରି କରିଥିବାର ସ୍ୱୀକାର କରିବାରୁ ତାଠାରୁ ନିମ୍ନଲିଖିତ ମଟର ସାଇକେଲ ଓ ସ୍କୁଟିକୁ ଜବତ କାରାଯାଇ ତାକୁ ଅଗଷ୍ଟ ୨୩ ତାରିଖରେ ସୋମବାର କୋର୍ଟ ଚାଲାଣ କରାଯାଇଛି ପୋଲିସ ସୂତ୍ରରୁ ପ୍ରକାଶ।

# କୋଟପାଡ଼ରେ ବନ୍ୟା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଗୁମୁଡା, ସଡ଼ରଙ୍ଗା, ଚାନ୍ଦଲି, ଗୀର୍ଲ୍ଲା, ଧାମନହଣ୍ଡି ପଞ୍ଚାୟତର ୧୫ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଜଳମଗ୍ନ, ଇନ୍ଦ୍ରାବତୀ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀରେ ଜଳ ପତନ ବୃଦ୍ଧି ପାଇ ପ୍ରଭାବିତ, ଜଳ ନିଷ୍କାସନ ପାଇଁ ଗୋଟିଏ ଗେଟ୍ ଖୋଲା ଯିବାରୁ କୋଟପାଡ଼ର ୫ଟି ପଞ୍ଚାୟତର ୧୫ରୁ ଅଧିକ ଗାଁର ବର୍ତ୍ତମାନ ପର୍ଯ୍ୟନ୍ତ ୨୫୦ ପରିବାରର ପ୍ରଭାବିତ ଲୋକଙ୍କୁ ପ୍ରଶାସନ ତରଫରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଛି। ବିଳମ୍ବିତ ରାତିରେ ହଠାତ୍ ପାଣି ମାଡ଼ି ଆସିବାରୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ପ୍ରଶାସନ ତରଫରୁ ଓଡ୍ରାଫ ଓ କୋଟପାଡ଼ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଶାସନ ତରଫରୁ ବସ୍ ଯୋଗେ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ନିଆଯାଉଛି। ଜୟପୁର ଉପଜିଲ୍ଲାପାଳ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି।



# ୨୮ ବର୍ଷ ପରେ ଖୋଲିଲା ୨୩ କଶ୍ମୀରୀ ପଣ୍ଡିତ ହତ୍ୟା ମାମଲା

**ଶ୍ରୀନଗର, ନ୍ୟୁଜ୍ ବ୍ୟୁରୋ**

କଶ୍ମୀରରେ ୨୩ ଜଣ କଶ୍ମୀରୀ ପଣ୍ଡିତଙ୍କ ନିର୍ମମ ହତ୍ୟା ଘଟଣାର ପ୍ରାୟ ୨୮ ବର୍ଷ ପରେ ମାମଲାକୁ ପୁଣି ଖୋଲିଛି ଜମ୍ମୁ-କଶ୍ମୀରୀ ରାଜ୍ୟ ତଦନ୍ତ ଏଜେନ୍ସି। ଏହି ଘଟଣାର ପୁନଃ ତଦନ୍ତ ହେବ। ୧୯୯୮ ମସିହାରେ କେନ୍ଦ୍ରୀୟ କଶ୍ମୀରର ଗାନ୍ଦରବଲ ଜିଲ୍ଲା ଅନ୍ତର୍ଗତ ୱାନ୍ଧାମା ଗାଁରେ ସେନା ପୋଷାକ ପିନ୍ଧିଥିବା ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ମହିଳା, ୪ ପିଲାଙ୍କ ସମେତ ମୋଟ ୨୩ ଜଣ କଶ୍ମୀରୀ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତଦନ୍ତ ଏଜେନ୍ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦୀର୍ଘଦିନ ଧରି ସମାଧାନ ନହୋଇ ରହିଥିବା କଶ୍ମୀରୀ ପଣ୍ଡିତ ହତ୍ୟା ମାମଲାଗୁଡିକର ପୁନଃତଦନ୍ତ ଉଦ୍ୟମର ଅଂଶ ଭାବେ ୱାନ୍ଧାମା ମାମଲାକୁ ପୁଣି ଖୋଲାଯାଇଛି। ପ୍ରମାଣ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉଛି। ତଦନ୍ତକାରୀମାନେ ନୂଆ ପ୍ରମାଣ ଓ ସାକ୍ଷୀଙ୍କ ବୟାନ ସଂଗ୍ରହ କରି ହତ୍ୟା ପଛରେ ଥିବା ଲୋକଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରୁଛନ୍ତି। ପୁରୁଣା ମାମଲାଗୁଡିକୁ ପ୍ରମାଣଭିତ୍ତିକ ଭାବେ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁସାରେ ଦଣ୍ଡ ଦେବା ଏଜେନ୍ସିର ମୁଖ୍ୟ ଲକ୍ଷ ବୋଲି ଅଧିକାରୀ କହିଛନ୍ତି।

# ଯାତ୍ରୀଙ୍କୁ ଅପେକ୍ଷା କରୁଛନ୍ତି ବସ୍:ଗିରି ରୋଡ୍‌ରୁ ଏମ୍‌କେସିଜି ଛକ ଅଯଥା ଜାମ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚରେ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ସହରର ବସ୍ ଭିଡ଼ କମିବ ଏବଂ ଟ୍ରାଫିକ୍ ସମସ୍ୟାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଛୋଟ ଘରୋଇ ବସ୍‌କୁ ସହର ଭିତରେ ପ୍ରବେଶ ଓ ରହଣି ପାଇଁ ସ୍ଥାନାନ୍ତର ସମୟରେ ମାଲିକମାନେ ଅନୁରୋଧ କରିଥିଲେ। ପ୍ରଶାସନ ବିଚାର କରିଥିଲା ଏବଂ ଅନୁମତି ମଧ୍ୟ ଦେଇଥିଲା। ତା ସାଙ୍ଗକୁ ବଡ଼ ବସ୍‌ଗୁଡ଼ିକୁ ମଧ୍ୟ ସହର ଭିତରେ ଦେଇ ଯାତାୟାତ ଅନୁମତି ଦିଆଯାଇଥିଲା। ଏହି ସୁଯୋଗର ଫାଇଦା ଉଠାଇଛନ୍ତି ବସ୍ ମାଲିକ। ସିଟି ହସ୍ପିଟାଲ୍ ସାମ୍ନା ଏବେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ହୋଇଛି ଏବଂ ସହରର ପ୍ରମୁଖ ଛକରେ ଅଧିକ ସମୟ ବସ୍ ଅଟକାଇ ରଖିବାକୁ ପ୍ରତିଯୋଗିତା ଲାଗୁଛି। ଟ୍ରାଫିକ୍ ସମସ୍ୟା ସୁଧୁରିବା ଆଶାରେ ପ୍ରଶାସନ ନେଇଥିବା ପଦକ୍ଷେପ ଓଲଟା ଫଳୁଛି। ପୂର୍ବ ସମସ୍ୟାର ସମାଧାନ ହେବା ବଦଳରେ ଏହା ଆହୁରି ଉତ୍କଟ ହେଉଛି। ଗେଟ୍ ବଜାର ଫ୍ଲାଏଓଭର୍ କାମ ତ୍ୱରାନ୍ୱିତ କରିବାକୁ ପ୍ରଶାସନ କଡ଼ା ପଦକ୍ଷେପ ନେଇଛି। ନୂଆ ବସ୍‌ଷ୍ଟାଣ୍ଡକୁ ସିଲ୍ କରାଯାଇଛି। ବିକଳ୍ପ ଭାବେ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଏବଂ ହଳଦିଆପଦର ବସ୍ ଟର୍ମିନସ୍ କାର୍ଯ୍ୟକ୍ଷମ ହୋଇଛି। ଭଞ୍ଜନଗର, ଆସିକା, ଦିଗପହଣ୍ଡି, ଦିଗରୁ ଆସୁଥିବା ବସ୍ ପାଇଁ ଫାଷ୍ଟଗେଟ୍ ସ୍ଥିତି ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଧାର୍ଯ୍ୟ ହୋଇଛି। ସେହିଭଳି ଭୁବନେଶ୍ୱର, ଆନ୍ଧ୍ର, ପୁରୁଷୋତ୍ତମପୁର, ଚିକିଟି, ଛତ୍ରପୁର, ପାରଳାଖେମୁଣ୍ଡି ବସ୍ ପାଇଁ ହଳଦିଆପଦର ବସ୍ ଟର୍ମିନସ୍ ଚୟନ ହୋଇଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ପୁରୁଷୋତ୍ତମପୁର, ଇଚ୍ଛାପୁର, ଚିକିଟି ଓ ଛତ୍ରପୁର ରୁଟ୍‌ରେ ଗଡୁଥିବା ମିନି ବସ୍‌ଗୁଡ଼ିକୁ ସହର ଭିତରେ ଯାତାୟାତ ପାଇଁ ଅନୁମତି ଦିଆଯାଇଛି। ଯାହାଫଳରେ ସିଟି ହସ୍ପିଟାଲ୍ ଠାରୁ ଇଞ୍ଜିନିୟରିଂ ସ୍କୁଲ୍ ପର୍ଯ୍ୟନ୍ତ ପ୍ରତି ଛକରେ ଦୁଇ ତିନୋଟି ବସ୍ ଦୀର୍ଘ ସମୟ ଧରି ଯାତ୍ରୀଙ୍କୁ ଅପେକ୍ଷା କରି ଠିଆ ହେଉଥିବା ଦେଖିବାକୁ ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଗିରିରୋଡ଼ର ବିଜିପୁର ଛକ ପଟରୁ ଏକାବେଳେ ୪ଟି ଲେଖାଏଁ ବସ୍ ଠିଆ ହୋଇ ରହୁଛି। ଚାରିଆଡକୁ ରାସ୍ତାଥିବା ଏହି ବ୍ୟସ୍ତବହୁଳ ଛକ ବସ୍ ଅଟକି ରହିବାରୁ ଜାମ୍ ହେଉଛି। ଆଉ ଟିକେ ଆଗକୁ ଗଲେ ଷ୍ଟେସନ୍ ଛକରେ ବି ସମାନ ଅବସ୍ଥା। ଟ୍ରାଫିକ୍ ପୋଲିସ ଉପସ୍ଥିତ ଥାଇ ମଧ୍ୟ ଉକ୍ତ ସ୍ଥାନରେ ଦୁଇଟି ଲେଖାଏଁ ବସ୍ ଠିଆ ହୋଇ ରହୁଛି। ବୈଦ୍ୟନାଥପୁର ଥାନା ଆଗରେ ବି ସମାନ ଦୃଶ୍ୟ। ବସ୍‌ଗୁଡ଼ିକ ଆମ୍ବପୁଆ ରେଲ୍‌ୱେ ଲେବଲ୍ କ୍ରସିଂ ଦେଇ ସହର ଭିତରେ ପଶୁଛନ୍ତି। ଖୋଡ଼ାସିଙ୍ଗି, ଇଞ୍ଜିନିୟରିଂ ସ୍କୁଲ ଛକ, ଏମ୍‌କେସିଜି ଛକ, କୋର୍ଟପେଟା, କମାପଲ୍ଲୀ, ଗିରି ରୋଡ୍, ପିଭିଏନ୍ ରାଓ ଛକ ଦେଇ ସିଟି ହସ୍ପିଟାଲ୍ ଛକରେ ପହଞ୍ଚୁଛନ୍ତି। ସେଠାରେ କିଛି ସମୟ ଅଟକି ରହିବା ପରେ ଉପରୋକ୍ତ ରୁଟ୍ ଦେଇ ପୁଣି ଫେରୁଛନ୍ତି। ଆଉ କେତେକ ବସ୍ ଟ୍ରେକର ଷ୍ଟାଣ୍ଡରେ ରହି ସେଠାରୁ ଯାତାୟାତ କରୁଛନ୍ତି। ଫେରିବା ରାସ୍ତାରେ ସବୁ ଛକରେ ଅଟକି ରହୁଛନ୍ତି। ପ୍ରାୟ ୬ ମାସ ହେବ ସହରରେ ଏଭଳି ପରିସ୍ଥିତି। ଟ୍ରାଫିକ୍ ସମସ୍ୟାରୁ ମୁକ୍ତି ବଦଳରେ ସହରବାସୀଙ୍କ ସମସ୍ୟାରେ ଧିରେ ଧିରେ ବଢୁଛି। ସ୍ଥାନାନ୍ତର ସମୟରେ ନିୟମିତ ସମୀକ୍ଷା କରିବାକୁ ପ୍ରଶାସନ କହିଥିଲା। ମାତ୍ର ସ୍ଥାନାନ୍ତର ପରଠୁ ଆଉ ସମୀକ୍ଷା ହୋଇନାହିଁ।




# ଗାୟତ୍ରୀ ଶକ୍ତିପୀଠ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଉତ୍ତର ପୂର୍ବ ଓଡ଼ିଶାର ପ୍ରଳୟଙ୍କରି ବନ୍ୟାରେ ରାଜ୍ୟର ବିଭିନ୍ନ ଜିଲ୍ଲା ପରି କେନ୍ଦ୍ରାପଡା ଜିଲ୍ଲା ପ୍ରଭାବିତ ହୋଇଥିବାରୁ ରମ୍ଭା ଗାୟତ୍ରୀ ଶକ୍ତିପୀଠ ତରଫରୁ ରାଜନଗର ବ୍ଲକର ବନ୍ୟା ଘେରରେ ଥିବା ଫିରିକ ଦାଣ୍ଡି, ଦକ୍ଷିଣ ଦାଣ୍ଡି, ବଳଭଦ୍ରପୁର ଓ ଗୋବିନ୍ଦପୁର ଆଦି ଗ୍ରାମର ବିପନ୍ନ ପରିବାରକୁ ରିଲିଫ ସହାୟତା ପ୍ରଦାନ କରାଯାଇଛି। ରମ୍ଭା ଅଞ୍ଚଳର ଦେବୀକୃପା ସଫ୍ଟ ଡ୍ରିଂକ୍ସ, ଆନ୍ନା ଫୁଡ ବଜାର, ପତଞ୍ଜଳି ଆରୋଗ୍ୟ କେନ୍ଦ୍ର ଓ ଦିବ୍ୟାଂଶୀ କେୟାର ଆଦି ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ତଥା ସହୃଦୟ ବ୍ୟକ୍ତିବିଶେଷଙ୍କ ଠାରୁ ସଂଗ୍ରହ ହୋଇଥିବା ପାଣି ବୋତଲ, ଚୁଡା, ଗୁଡ ଓ ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟକୁ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ, ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁ, ସମାଜସେବୀ ସତ୍ୟନାରାୟଣ ଅଚାରୀ, ଚନ୍ଦ୍ରଶେଖର ପାତ୍ର, ମୋଚିରାମ ବେହେରା ପ୍ରବଳ ବର୍ଷା ସତ୍ତ୍ୱେ ନାଉରି ତଥା ଡଙ୍ଗା ମାଲିକ ସଞ୍ଜିବ ପାତ୍ର ଓ ତାଙ୍କ ସାଥୀଙ୍କ ସହ ଦୀର୍ଘ ତିରିଶ ଦିନ ପାଣିଘେର ଭିତରେ ଜଳବନ୍ଦୀ ଥିବା ପରିବାରକୁ ଭେଟି ଶୁଖିଲା ଖାଦ୍ୟ ପୁଡିଆ ଓ ପାଣି ବଣ୍ଟନ କରିଥିଲେ। ମଦନପୁର ମହାବୀର ହାଇସ୍କୁଲ ୧୯୮୩ ଜୁନିଅର ବ୍ୟାଚ୍‌ର ସମାଜସେବୀ ରବୀନ୍ଦ୍ର ବରାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ବନ୍ଧପଡା ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ହିରଣ୍ୟ ନାୟକ, ଦକ୍ଷିଣ ଦାଣ୍ଡିର ୱାର୍ଡ ମେମ୍ବର ରବୀନ୍ଦ୍ର ମହାନ୍ତି ଓ ଫିରିକ ଦାଣ୍ଡିର ୱାର୍ଡ ମେମ୍ବର ଜଗନ୍ନାଥ ନାୟକ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଗାୟତ୍ରୀ ପରିବାର ଦକ୍ଷିଣ ପୂର୍ବ ଜୋନ୍ ସଂଯୋଜକ ଡ. ବୃନ୍ଦାବନ ମିଶ୍ର, ଗଞ୍ଜାମ ଜିଲ୍ଲା ସମନ୍ୱୟ ସମିତି ସଂଯୋଜକ ପ୍ରମୋଦ ପାଢ଼ୀ ରମ୍ଭା ଗାୟତ୍ରୀ ପରିବାରର ଏଭଳି ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିବାବେଳେ ବନ୍ୟା ବିପନ୍ନଙ୍କ ପ୍ରତି ସହଯୋଗର ହାତ ବଢ଼ାଇଥିବା ଦେବୀକୃପା ସଫ୍ଟ ଡ୍ରିଂକ୍ସର ମାଲିକ ଗୌରୀ ପାତ୍ର, ଆନ୍ନା ଫୁଡ ବଜାର ମାଲିକ ରାମ ପ୍ରସାଦ ସେନାପତି, ପତଞ୍ଜଳି ଆରୋଗ୍ୟ କେନ୍ଦ୍ରର ମାଲିକ ଅକ୍ଷୟ ସୁବୁଦ୍ଧି ଓ ଦିବ୍ୟାନ୍‌ସି କେୟାର ମାଲିକ ଚନ୍ଦ୍ରଶେଖର ପାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅଗଷ୍ଟ ୨୦୨୬ ବୁଧବାର





# ଏସ୍‌ଆଇଆର୍ କାର୍ଯ୍ୟରେ ତ୍ରୁଟି:ବାଦ୍ ପଡ଼ିଲେ ସଂଖ୍ୟାଲଘୁ ବସ୍ତିର ପ୍ରକୃତ ଭୋଟର

**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଏହି ତ୍ରୁଟି ପଛରେ ରାଜନେତାଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଯାହାକୁ ନେଇ ସମ୍ଭାବ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏପରିକି ରାଜନେତାଙ୍କ ଏଜେଣ୍ଟ ସାଜିଥିବା (ବିଏଲ୍ଏ)ଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଠାକୁର ଘରେ କିଏ ମୁଁ କଦଳୀ ଖାଇନି ନ୍ୟାୟରେ ନିଜ ଦସ୍ତଖତରେ ଭୁଲ୍ ହୋଇଥିବା ଏସ୍‌ଆଇଆର୍ ସଂଶୋଧନରେ ତ୍ରୁଟିକୁ ନେଇ ନିଜେ ବିଏଲ୍ଏ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଫଳରେ ଏସ୍‌ଆଇଆର୍ ସଂଶୋଧନ ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଛି ବିରାଟ ବଡ଼ ପ୍ରଶ୍ନବାଚୀ। ସୂଚନା ମୁତାବକ ମାହାଙ୍ଗା ବ୍ଲକ୍ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର ସଂଖ୍ୟାଲଘୁ ବସ୍ତିରେ। ୧୭୯ ନମ୍ବର ବୁଥ୍‌ଟି ଦୁଇ ଭାଗରେ ବିଭକ୍ତ ହୋଇଛି। ଫଳରେ ଏହି ବୁଥ୍‌ଟି ୨୨୧ ଓ ୨୨୨ ନାମରେ ଦୁଇଟି ବୁଥ୍ ହୋଇଛି। ଏହି ବୁଥ୍‌ରେ ରାଜନେତାଙ୍କ ଏଜେଣ୍ଟ ବିଏଲ୍ଏ ୨ ଭାବେ କାର୍ଯ୍ୟ କରୁଛନ୍ତି ଫଗୁଚରଣ ବେହେରା। ଯାହାଙ୍କ ଦସ୍ତଖତରେ ଏହି ଦୁଇଟି ବୁଥ୍‌ରେ ୧୨୧ ଜଣଙ୍କ ନାମ ସମ୍ଭାବ୍ୟ ଭୋଟର ତାଲିକାରୁ ବାଦ୍ ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହାକୁ ନେଇ ବିଏଲ୍ଏଙ୍କ ବିରୁଦ୍ଧରେ ଜନ ଆକ୍ରୋଶ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ସଂଶୋଧନକୁ ନେଇ ଅଡୁଆରେ ପଡ଼ିଥିବା ରାଜନେତାଙ୍କ ଏଜେଣ୍ଟ ବିଏଲ୍ଏ ନିଜ ଦୋଷ ଲୁଚାଇବାକୁ ଯାଇ ବ୍ଲକ୍ ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଯେଉଁ ୧୨୧ ଜଣ ଭୋଟର ସଂଶୋଧନ ତାଲିକାରୁ ବାଦ୍ ପଡ଼ିବାକୁ ଯାଉଛନ୍ତି, ସେଥିରେ ମୋର ପରିଚୟପତ୍ର ଓ ଦସ୍ତଖତ ରହିଛି। କିନ୍ତୁ ସେହି ୧୨୧ ଜଣ ଭୋଟରଙ୍କ ସମ୍ପର୍କରେ ମୁଁ କୌଣସି ଆପତ୍ତି ଓ ଅଭିଯୋଗ କରିନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ବିଏଲ୍ଏ ୨ଙ୍କ ଅଜାଣତରେ ଏସ୍‌ଆଇଆର୍ ସଂଶୋଧନରେ ଏପରି ତ୍ରୁଟି ଘଟିଛି ନାଁ ସଂଖ୍ୟା ଲଘୁ ବସ୍ତିର ଭୋଟରଙ୍କୁ କାଟିବା ପଛରେ ରହିଛି ଅନ୍ୟ କେଉଁ ରାଜନେତା ଏଜେଣ୍ଟଙ୍କ ହାତ ?

# ବେଆଇନ୍ ସ୍କୁଲ୍ ବସ୍ ଯାଞ୍ଚ:୩ ବସ୍ ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**




ସ୍କୁଲ୍ ବସ୍ ଚଳାଚଳରେ ବେଆଇନ୍ କାରବାର। ଚଢ଼ଉ କରି ୩ଟି ବସ୍ ଜବତ କଲା କଟକ ପରିବହନ ବିଭାଗ। ସକାଳୁ ସକାଳୁ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ଯାଉଥିବା ବେଳେ ଜାତମୁଣ୍ଡିଆ ଛକରେ ଏହି ବସ୍‌ଗୁଡ଼ିକ ଉପରେ ଚଢ଼ଉ କରାଯାଇଥିଲା। କଟକ ପରିବହନ ବିଭାଗ ଅଧିକାରୀ ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ଟ୍ରାଫିକ୍ ଇନ୍ସପେକ୍ଟର ରଞ୍ଜନ କୁମାର ଡୋରା ଏହି ଚଢ଼ଉ କରିଥିଲେ। ଚଢ଼ଉ ସମୟରେ 'ଆଦିତ୍ୟ' ନାମକ ୩ଟି ଘରୋଇ ବସ୍ ଧରାପଡ଼ିଥିଲା। ଯାଞ୍ଚ ବେଳେ ଦୁଇଟି ବସ୍‌ର କୌଣସି କାଗଜପତ୍ର ନଥିବା ବେଳେ ଅନ୍ୟ ଗୋଟିଏ ବସ୍‌ର ଫିଟ୍‌ନେସ୍ ନଥିବା ଜଣାପଡ଼ିଥିଲା। ନିୟମ ଉଲ୍ଲଂଘନ କାରଣରୁ ପରିବହନ ବିଭାଗ ୩ଟି ବସ୍‌କୁ ଜବତ କରିଛି। ସେଥିମଧ୍ୟରୁ ଗୋଟିଏ ବସ୍‌କୁ ସିଜ୍ କରି ନରାଜ ସ୍ଥିତ ପରିବହନ କାର୍ଯ୍ୟାଳୟକୁ ପଠାଯାଇଛି। ଅନ୍ୟ ଦୁଇଟି ବସ୍‌କୁ ଜାତମୁଣ୍ଡିଆ ପେଟ୍ରୋଲ ପମ୍ପରେ ରଖାଯାଇଛି। ତେବେ ପରିବହନ ବିଭାଗର ନିୟମକୁ ବାରମ୍ବାର ଖିଲାପ କରାଯାଉଥିବା ଅଭିଯୋଗ ଥିବାରୁ ଏହି ବସ୍‌ଗୁଡ଼ିକ ବିରୋଧରେ ଆହୁରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ଛାତ୍ରଛାତ୍ରୀଙ୍କୁ ନେଇ ଚାଲୁଥିବା ବସ୍‌ରେ ଫିଟ୍‌ନେସ୍ ଓ ଆବଶ୍ୟକ କାଗଜପତ୍ର ନଥିବା ଘଟଣା ସାମ୍ନାକୁ ଆସିବା ପରେ ଏବେ ପରିବହନ ବିଭାଗର ଆଗାମୀ ପଦକ୍ଷେପ ଉପରେ ନଜର ରହିଛି।

# ବୈତରଣୀରେ ପୁଣି ବଡ ବନ୍ୟା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ନଦୀରେ ପୁଣି ବଡଧରଣର ବନ୍ୟା ଆସିଛି। ମାତ୍ର ଏକ ସପ୍ତାହ ଅନ୍ତରରେ ବନ୍ୟାଜଳ ୭ ପଞ୍ଚାୟତକୁ ବୁଡାଇ ଦେଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ବିପଦସଙ୍କେତ ସ୍ତର ୧୮.୩୩ ମିଟର ଉପରେ ରହି ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୪ ମି.ମି. ବେଗରେ ହ୍ରାସ ପାଉଛି। ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୫ ମି.ମି. ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ସର୍ବାଧିକ ୧୦୩.୪ ମି.ମି., ସ୍ୱାମୀପାଟଣାରେ ୮୦.୪ ମି.ମି., କେନ୍ଦୁଝରରେ ୮୦.୪ମି.ମି., ଆନନ୍ଦପୁରରେ ୨୯.୫ ମି.ମି. ଓ ଆଖୁଆପଦାରେ ୧୮.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। କଣ୍ଟିଘାଇରେ ପ୍ରବାହିତ ବନ୍ୟାଜଳ ୫ ପଞ୍ଚାୟତର ଜନସାଧାରଣଙ୍କ ପାଇଁ କାଳ ସାଜିଛି। ଚଳିତ ବର୍ଷାରେ ଷୋଳମପୁର ପଞ୍ଚାୟତର ମଣିନାଥପୁର, ଷୋଳମପୁର, ବରାହନୂଆପଡା, ମୁଡ଼ାପଦା, ବିନ୍ଧାଣ, ବିରୋଳି ଗ୍ରାମ, ମାଳଦା ପଞ୍ଚାୟତର ଜଳହରୀ, ଚତୁର୍ଭୁଜପୁର, ରାମପୁର, ମାଳଦା ଆଦି ଗ୍ରାମ, ନପଙ୍ଗ ପଞ୍ଚାୟତର ବଡନପଙ୍ଗ, ନପଙ୍ଗ, ଭାଟଣା, ଜୋରାଗଡିଆ ଆଦି ଗ୍ରାମ, ରହଣିଆ ପଞ୍ଚାୟତର ନୌରଙ୍ଗପୁର, ଦେଉଳପଦୀ, ରାଣୀଗଡିଆ, ରହଣିଆ, କେଶପୁର, କୋରିଗାଁ ପଞ୍ଚାୟତର ଷଠଗାଁ, କୋରିଗାଁ, କୋରିଗାଁବିନ୍ଧା ଆଦି ଗ୍ରାମ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଏଥିସହ ନଦୀ ପଠାରେ ଅବସ୍ଥିତ ବନ୍ଦାଳୋ-ମଢିଆଳି ପଞ୍ଚାୟତର ବନ୍ଦାଳୋ, ମଢ଼ିଆଳି, ଖପୁରିଆପଦା ଆଦି ଗ୍ରାମ, ଝୁଟୁଣା ପଞ୍ଚାୟତର ଝୁଟୁଣା, ବାବଲପୁର, ବ୍ରହ୍ମପୁର, ଦାଦେଶ୍ୱର ଆଦି ଗ୍ରାମର ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ବନ୍ୟା ଦ୍ୱାରା ରାସ୍ତା, ଘର ଓ ହଜାର ହଜାର ହେକ୍ଟର ଚାଷଜମି ବନ୍ୟା ଜଳରେ ବୁଡି ରହି କ୍ଷତିଗ୍ରସ୍ତ ହୋଇଛି। ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତା, ବନ୍ଦାଳୋ ଗ୍ରାମ୍ୟ ଉନ୍ନୟନ ରାସ୍ତା ଆଦି ବନ୍ୟା ଜଳରେ ବୁଡି ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି।

# କୁଡିପାରାରେ ୭.୫ କିଲୋ ଗଞ୍ଜେଇ ଜବତ:ଜଣେ ଗିରଫ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକଙ୍ଗା ପଞ୍ଚାୟତର କୁଡିପାରାରେ ଚୋରା ଗଞ୍ଜେଇ କାରବାର ବିରୋଧରେ ରାଇଘର ଅବକାରୀ ବିଭାଗର ଜୋରଦାର୍ ଅଭିଯାନ। ପାଟ୍ରୋଲିଂ ସମୟରେ କସକଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁଡିପାରା ଗ୍ରାମରେ ଚଢ଼ଉ କରି ୭ କିଲୋ ୫୦୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଯୁବକ ହେଲେ କୁଡିପାରା ଗ୍ରାମର ଧନ ପ୍ରସାଦ ଗଣ୍ଡ (୩୧)। ତାଙ୍କ ନିକଟରୁ ଗଞ୍ଜେଇ ଜବତ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ କେସ୍ ନମ୍ବର ୧୧୩/୨୦୨୬-୨୭ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମିଳିତ ପାଟ୍ରୋଲିଂ ଓ ଚଢ଼ଉରେ ରାଇଘର ଅବକାରୀ ଥାନାର ଅଧିକାରୀ ସମୀର କୌଶଲ୍ୟ, ନବରଙ୍ଗପୁର ଜିଲ୍ଲା ମୋବାଇଲ୍ ୟୁନିଟ୍‌ର ଇନ୍ସପେକ୍ଟର ବୃନ୍ଦାବନ ମଣ୍ଡଳ, ନବରଙ୍ଗପୁର ଅବକାରୀ ଥାନାର OIC ଅନେଶ କୁମାର ନାଏକ, ଉମରକୋଟ ଅବକାରୀ ଥାନାର ASI ଶକ୍ତି ବେହେରାଙ୍କ ସମେତ ରାଇଘର, ଉମରକୋଟ, ସଦର ଓ ମୋବାଇଲ୍ ୟୁନିଟ୍‌ର ଅବକାରୀ କର୍ମଚାରୀମାନେ ସାମିଲ୍ ଥିଲେ। ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ଅବକାରୀ ବିଭାଗର ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ।

## ////// ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବାଲେଶ୍ୱର ଜିଲ୍ଲା ବନ୍ୟାଞ୍ଚଳ ପରିଦର୍ଶନ //////

# ରିଲିଫ କାର୍ଯ୍ୟ ସମୀକ୍ଷା ସହ କ୍ଷୟକ୍ଷତି ଅନୁଧ୍ୟାନ

**ବାଲେଶ୍ୱର, ନ୍ୟୁଜ୍**



ଗ୍ରାମୀଣ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାଲେଶ୍ୱର ମାନସ କୁମାର ଦତ୍ତ, ବିଧାୟିକା ବସ୍ତା ସୁବାସିନୀ ଜେନା, ବିଧାୟକ ଜଳେଶ୍ୱର ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ଜରୁରୀ ଅଧିକାରୀ ଚିନ୍ମୟ କୁମାର ରାଉତ, ଡେପୁଟି କଲେକ୍ଟର ଐଶ୍ୱର୍ଯ୍ୟା ମହାଲିକଙ୍କ ସହ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀମାନେ ବାଲେଶ୍ୱର, ଜଳେଶ୍ୱର ଓ ଭୋଗରାଇ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ବନ୍ୟା ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିବା ସହ ଚାଲିଥିବା ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମନ୍ତ୍ରୀ ଏବଂ ତାଙ୍କ ସହ ଆସିଥିବା ପ୍ରତିନିଧି ଦଳ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ସାର୍ବଜନୀନ ଭିତ୍ତିଭୂମିର ସ୍ଥିତି ଆକଳନ କରିବା ସହ ଚାଲିଥିବା ରିଲିଫ୍ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟା ଓ ଅଭିଯୋଗ ଶୁଣାଯାଇଥିଲା ଏବଂ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା। କ୍ଷେତ୍ର ପରିଦର୍ଶନ ପରେ ଭୋଗରାଇ ଠାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗୁରୁତର ବନ୍ୟା ସମୟରେ ଯେପରି ଜଳ ନିଷ୍କାସନ ସୁଗମ ହୋଇପାରିବ, ସେଥିପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତିକୁ ଅଧିକ ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମୟୋପଯୋଗୀ ଉଦ୍ଧାର ଓ ସ୍ଥାନାନ୍ତରଣ ସହିତ ପ୍ରଭାବଶାଳୀ ରିଲିଫ୍ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କୌଣସି ବନ୍ୟା ପ୍ରଭାବିତ ବ୍ୟକ୍ତି ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି ଏବଂ ପ୍ରତ୍ୟେକ ଅସୁରକ୍ଷିତ ଓ ଆବଶ୍ୟକତାପୂର୍ଣ୍ଣ ପରିବାର ନିକଟରେ ଅତ୍ୟାବଶ୍ୟକ ସହାୟତା ବିଳମ୍ବ ନକରି ପହଞ୍ଚିପାରିବ, ସେଥିପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ପ୍ରତିକ୍ରିୟାଶୀଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ସାର୍ବଜନୀନ ସମ୍ପତ୍ତି ଓ ଭିତ୍ତିଭୂମିର ମରାମତି ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ୟାଜନିତ କ୍ଷୟକ୍ଷତିର ଦ୍ରୁତ, ସ୍ୱଚ୍ଛ ଓ ନିରପେକ୍ଷ ଆକଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା, ଯାହାଦ୍ୱାରା କ୍ଷତିଗ୍ରସ୍ତ ଭିତ୍ତିଭୂମିର ସମୟୋପଯୋଗୀ ପୁନରୁଦ୍ଧାର ଏବଂ ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇପାରିବ।

# ହୋଟେଲ୍ ଓ ରେଷ୍ଟୁରାଣ୍ଟରେ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଗକୁ ରକ୍ଷା ବନ୍ଧନ ଥିବାକୁ ଖାଦ୍ୟ ଓ ନିରାପତ୍ତା ବିଭାଗ ପକ୍ଷରୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଚଢଉ କରି ଯାଞ୍ଚ କରାଯାଇଥିଲା । ବିଭାଗୀୟ ଅଧିକାରୀ କୃଷ୍ଣପ୍ରିୟା ସାହୁଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିବା ବେଳେ ସହରର ମୋଟ୍ ୧୨ଟି ହୋଟେଲ୍ ଓ ରେଷ୍ଟୁରାଣ୍ଟ ଯାଞ୍ଚ୍ କରାଯାଇଥିଲା। ଯାଞ୍ଚ୍ ସମୟରେ ପ୍ରାୟ ୮ରୁ ୧୦ କିଲୋଗ୍ରାମ ବାସି ଖାଦ୍ୟ ମିଳିଥିଲା। ଏହି ଖାଦ୍ୟକୁ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଥିଲା। ଏଥିସହ ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ଯାଞ୍ଚ୍ ପାଇଁ ରାସାୟନିକ ବିଶ୍ଳେଷଣ ନିମନ୍ତେ ୮ଟି ମିଠା ଓ ଖୋଆ ଦୋକାନରୁ ନମୁନା ସଂଗ୍ରହ କରାଯାଇଛି। ବିଭାଗୀୟ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ୍ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ରକ୍ଷା ବନ୍ଧନ ସମୟରେ ଜନସାଧାରଣଙ୍କୁ ନିରାପଦ ଓ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ସାମଗ୍ରୀ ଯୋଗାଇଦେବା ଏହି ଯାଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତା ନେଇ ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ୍ ଜାରି ରହିବ ବୋଲି ବିଭାଗ ସୂଚନା ଦେଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଡୁବୁରି ସ୍ଥିତ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ, ସୁକିନ୍ଦା ସ୍ଥିତ ମା' ଖଣ୍ଡୁରାଇ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନୀ ଅନ୍ୱେଷଣ କାର୍ଯ୍ୟକ୍ରମ (ୟାଟ୍‌ସ)ର ୨୦ତମ ସଂସ୍କରଣରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍, ଭୁବନେଶ୍ୱର ସହଯୋଗରେ ୟାଟ୍‌ସ ଅନୁଷ୍ଠିତ ହୋଇଯାଇଛି। କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୟାଟ୍‌ସ ଆୟୋଜନ କରାଯାଇଥିଲା ଯେଉଁଥିରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ସ୍କୁଲରେ ଏମ୍‌ସିକ୍ୟୁ ଅନୁଶୀଳନ ଓ ଓପନ କୁଇଜ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡୁବୁରି ଅଞ୍ଚଳର ବରିଷ୍ଠ ସାମ୍ବାଦିକ କପିଳେନ୍ଦ୍ର ମହାନ୍ତ, ବିଶ୍ୱନାଥ ସାହୁ, ସଞ୍ଜୀବ ମହାନ୍ତ, ବିଜୟରଶ୍ମି ତ୍ରିପାଠୀ, ସରୋଜ ନାୟକ ଓ ମୃତ୍ୟୁଞ୍ଜୟ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୟାଟ୍‌ସ -୨୦୨୬ ସଂସ୍କରଣର ବିଷୟବସ୍ତୁ ରହିଛି 'ଭାରତର ପରବର୍ତ୍ତୀ ମହାକାଶଚାରୀ' ଏବଂ ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ କୁଇଜ୍ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ବହୁବିଧ ପସନ୍ଦ ପ୍ରଶ୍ନ (ଏମ୍‌ସିକ୍ୟୁ) ପରୀକ୍ଷାକୁ ସ୍କୁଲରେ ଓ ଅନ୍‌ଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଛି। ୨୦୨୫ ଅଗଷ୍ଟ ୨୧ରେ ଓଡ଼ିଶାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଲୋକସେବା ଭବନରୁ ଶୁଭାରମ୍ଭ କରାଯାଇଥିବା ୟାଟ୍‌ସର ୧୯ତମ ସଂସ୍କରଣ ଓଡ଼ିଶାର ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ମହାକାଶ ବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ ଉପରେ ସେମାନଙ୍କ ରହିଥିବା ଭାବନା ଓ ବିଶେଷତାକୁ ପରିପ୍ରକାଶ କରିବାର ମଞ୍ଚ ପ୍ରଦାନ କରୁଛି। ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ମହାକାଶ ବିଜ୍ଞାନ ପ୍ରତି ପଠାଣୀ ସାମନ୍ତ ଭାବେ ପରିଚିତ କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କ ଅବଦାନର ପ୍ରସାର କରିବାକୁ ୟାଟ୍‌ସ ଲକ୍ଷ୍ୟ ରଖିଛି। ଓଡ଼ିଶାର ପ୍ରତି ଜିଲ୍ଲାରୁ ଚୟନ କରାଯାଉଥିବା ପ୍ରତିଯୋଗୀମାନଙ୍କୁ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ। ସେହିଦିନ ବିଜେତା ମାନଙ୍କ ନାମ ଘୋଷଣା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବ। ୟାଟ୍‌ସ ଗତ ୧୮ ବର୍ଷ ଧରି ମହାକାଶ ବିଜ୍ଞାନର ଚମତ୍କାରିତାକୁ ଅନ୍ୱେଷଣ କରିବା ପାଇଁ ଯୁବ ପ୍ରତିଭାମାନଙ୍କୁ ଅନୁପ୍ରାଣିତ କରୁଛି। ୟାଟ୍‌ସର ୧୮ତମ ସଂସ୍କରଣର ବିଜେତାମାନେ ୨୦୨୫ ମେ' ଶେଷ ସପ୍ତାହରେ ବେଙ୍ଗାଲୁରୁରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ୍ କମାଣ୍ଡ ନେଟ୍‌ୱର୍କ (ଇସଟ୍ରାକ) ଓ ୟୁଆର୍ ରାଓ ଉପଗ୍ରହ କେନ୍ଦ୍ର (ୟୁଆର୍‌ଏସ୍‌ସି) ପରିଦର୍ଶନ କରିଥିଲେ ଏବଂ କେନ୍ଦ୍ରର ନିର୍ଦ୍ଦେଶକଙ୍କ ସମେତ ମହାକାଶ ବିଜ୍ଞାନୀମାନଙ୍କ ସହ ଭାବ ବିନିମୟ କରିବାର ସୁଯୋଗ ପାଇଥିଲେ। ୟାଟ୍‌ସର ଅତୁଲ୍ୟ ଯାତ୍ରାର ଏକ ଅଂଶ ହୋଇ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ବେଶ୍ ଗର୍ବିତ। ଏଭଳି ଅଭିଯାନ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମହାକାଶ ସ୍ୱପ୍ନକୁ ଅନୁସରଣ କରିବାରେ ଆମ ଛାତ୍ରଛାତ୍ରୀଙ୍କୁ ଅମୂଲ୍ୟ ସୁଯୋଗ ପ୍ରଦାନ କରିଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଛନ୍ତି।

## ୨୦ ବର୍ଷର ଦାବିକୁ ଅଣଦେଖା

# ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ବ୍ରହ୍ମପୁରରେ ଏଯାଏଁ ହେଲାନି ଆର୍‌ଟିଓ ଅଫିସ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଆର୍‌ଟିଓ ଅଫିସ୍ ପ୍ରତିଷ୍ଠା ପାଇଁ ଦୃଢ଼ ଦାବି କରାଯାଇଛି। ବ୍ରହ୍ମପୁର ଭଳି ଓଡ଼ିଶାର ଦ୍ୱିତୀୟ ବୃହତମ ସହର ବ୍ରହ୍ମପୁରରେ ଆର୍‌ଟିଓ ନରହିବା କେବଳ ବ୍ରହ୍ମପୁର ନୁହଁ ସମୁଦାୟ ଦକ୍ଷିଣ ଓଡ଼ିଶା ପ୍ରତି ଅନ୍ୟାୟ ବୋଲି କମିଟି ସଭାପତି ସଞ୍ଜିବ କୁମାର ପଟ୍ଟନାୟକ କହିଛନ୍ତି। ଏନେଇ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ପ୍ରମୁଖ ସଚିବ, ମୁଖ୍ୟ ଶାସନ ସଚିବ, ପରିବହନ କମିଶନର, ଗଞ୍ଜାମ ଜିଲ୍ଲାପାଳ, ଆରଡ଼ିସି, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଓ ବ୍ରହ୍ମପୁର ବିଧାୟକଙ୍କୁ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରତିଲିପି ପ୍ରଦାନ କରାଯାଇଛି। କମିଟି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଏ ଦାବି ୨୦ ବର୍ଷର ପୁରୁଣା । ସବୁ ସରକାର ଏହାକୁ ଅଣଦେଖା କରିଛନ୍ତି । ଦାବିପତ୍ରରେ ବ୍ରହ୍ମପୁରରେ ଆର୍‌ଟିଓ କାହିଁକି ଦରକାର ସବିଶେଷ ତଥ୍ୟ ପ୍ରଦାନ କରି କୁହାଯାଇଛି ଯେ, ଏହା ଓଡ଼ିଶାର ସବୁଠୁ ବଡ଼ ଅସଙ୍ଗତି କାରଣ ଗଞ୍ଜାମ ଓଡ଼ିଶାର ସବୁଠୁ ବଡ଼ ଜିଲ୍ଲା। ବ୍ରହ୍ମପୁର ଓଡ଼ିଶାର ଦ୍ୱିତୀୟ ବୃହତମ ସହର ନିୟମ ଅନୁସାରେ ଆର୍‌ଟିଓ ଏଠାରେ ରହିବା କଥା । କିନ୍ତୁ ଜିଲ୍ଲାର ୮୫ ପ୍ରତିଶତ ଗାଡ଼ି ବ୍ରହ୍ମପୁର ସହରରେ ଥିବା ବେଳେ ଆର୍‌ଟିଓ ଅଛି ୪୫ କିମି ଦୂର ଛୋଟ ସହର ଛତ୍ରପୁରରେ । ଭାରତର ଆଉ କେଉଁ ବଡ଼ ସହରରେ ଏମିତି ନାହିଁ । ସେହିଭଳି ଲୋକଙ୍କ ଦୈନିକ ହଇରାଣ କଥା କହିବାକୁ ଯାଇ ସେ କହିଛନ୍ତି ଯେ ଛତ୍ରପୁର ଆର୍‌ଟିଓକୁ ଦୈନିକ ୨୦୦୦ରୁ ଉର୍ଦ୍ଧ୍ୱ ଲୋକ ଯାଆନ୍ତି। ସେଥିରେ ୯୦ ପ୍ରତିଶତ ବ୍ରହ୍ମପୁରରେ । ସକାଳ ୧୦ଟାରେ ପହଞ୍ଚିବାକୁ ହେଲେ ସକାଳ ୫ଟାରୁ ବାହାରିବାକୁ ପଡ଼େ । ଜଣେ ଲୋକର ଖର୍ଚ୍ଚ ହିସାବ କଲେ ବସ୍ ଭଡ଼ା ଦୁଇ ଶହରୁ ୩ ଶହ ଟଙ୍କାରୁ ଅଧିକ, ଅଟୋ, ଖାଇବା, ଗୋଟିଏ ଦିନର ମଜୁରୀ ଟଙ୍କା ନଷ୍ଟ ବାର୍ଷିକ ଲୋକଙ୍କ କ୍ଷତି ୫୦ କୋଟିରୁ ଅଧିକ । ସେହିପରି ବାଣିଜ୍ୟିକ ରାଜଧାନୀର କ୍ଷତି ବ୍ରହ୍ମପୁରରେ ୫ ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍, ତିନି ହଜାରରୁ ଅଧିକ ବସ୍, ୧୦ ହଜାରରୁ ଅଧିକ ଅଟୋ ଅଛି । ଗୋଟିଏ ଟ୍ରକ୍ ମାସକୁ ୨ ଥର ଫିଟ୍‌ନେସ୍/ପରିମିଟ୍ ପାଇଁ ଛତ୍ରପୁର ଯାଏ । ପ୍ରତି ଥର ଡିଜେଲ୍ ୩ ହଜାର, ଡ୍ରାଇଭର ଖର୍ଚ୍ଚ ହଜାରେ, ବ୍ୟବସାୟ କ୍ଷତି ୫ ହଜାର ୯ ହଜାର ଟଙ୍କା । ୫ ହଜାର ଟ୍ରକ୍ ୨ ଥର ୯ ହଜାର ହେଲେ ମାସକୁ ୯ କୋଟି, ବର୍ଷକୁ ୧୦୮ କୋଟି ଟଙ୍କା କ୍ଷତି। ଛାତ୍ର ଓ ସାଧାରଣ ଲୋକ ସବୁଠୁ ଅଧିକ ହଇରାଣ ହେଉଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ କଲେଜ, ଆଇଟିଆଇ, ଏମ୍‌କେସିଜି ମେଡ଼ିକାଲ୍‌ର ଛାତ୍ରଛାତ୍ରୀମାନେ ଏଲ୍‌ଏଲ୍/ଡିଏଲ୍ ପାଇଁ କ୍ଲାସ୍ ବନ୍ଦ କରି ଯିବାକୁପଡୁଛି । ସେହିପରି ମହିଳା ଓ ବୟସ୍କ ଲୋକଙ୍କ ପାଇଁ ସକାଳ ୫ଟାରେ ଯିବା ଅସୁରକ୍ଷିତ । ୪ଟି ଜିଲ୍ଲା ଉପକୃତ ହେବେ ଏନ୍‌ଏଚ୍-୧୬ ଓ ୨୬ ବ୍ରହ୍ମପୁର ଦେଇ ଯାଉଛି । ବ୍ରହ୍ମପୁରରେ ଆର୍‌ଟିଓ ହେଲେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ୪ଟି ଜିଲ୍ଲାର ୬୦ ଲକ୍ଷ ଲୋକ ଉପକୃତ ହେବେ । ଅଧିକନ୍ତୁ ସରକାରୀ ରାଜସ୍ୱ ୪୦ ପ୍ରତିଶତ ବଢ଼ିବ । ବ୍ରହ୍ମପୁରରେ ଅଫିସ୍ ହେଲେ ଲୋକେ ସହଜରେ ଟ୍ୟାକ୍ସ ଦେବେ । ରାଉରକେଲା, ଅନୁଗୋଳରେ ଆର୍‌ଟିଓ ହେବା ପରେ ରାଜସ୍ୱ ୪୦ ପ୍ରତିଶତ ବଢ଼ିଥିଲା । ଏହି ପରିପ୍ରେକ୍ଷୀରେ କମିଟି ୫ ଦଫା ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରଖି କହିଛି ଯେ ଓଆର୍-୦୭ କୋଡ୍ ସହ ବ୍ରହ୍ମପୁର ଆର୍‌ଟିଓକୁ ଅବିଳମ୍ବେ ଘୋଷଣା, ୩୦ ଦିନ ଭିତରେ ବିଇଏମ୍‌ସି ଅଫିସ୍‌ରେ ଅସ୍ଥାୟୀ ସେବା କେନ୍ଦ୍ର ଖୋଲିବା, ଖଲ୍ଲିକୋଟ ୟୁନିଟ୍ ରୋଡ୍‌ରେ ସ୍ଥାୟୀ କୋଠା ଓ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ଏବଂ ଚଳିତ ବର୍ଷ ବଜେଟ୍‌ରେ ୧୦ କୋଟି ବ୍ୟବସ୍ଥା ଏବଂ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି। ଏଥିସହ କମିଟି କହିଛି ଏହା ରାଜନୈତିକ ଦାବି ନୁହେଁ ଲୋକଙ୍କ ଦାବି। ଗଞ୍ଜାମର ସମସ୍ତ ଦଳର ବିଧାୟକ, ସାଂସଦ ଏହାକୁ ସମର୍ଥନ କରୁଛନ୍ତି । ଆସନ୍ତା ୩ ମାସ ଭିତରେ ଘୋଷଣା ନହେଲେ କମିଟି ଟ୍ରକ୍, ବସ୍, ଅଟୋ ମାଲିକ ସଂଘ, ଛାତ୍ର ସଙ୍ଗଠନ ଓ ବ୍ୟବସାୟୀ ସଂଘ ସହ ମିଶି ଆନ୍ଦୋଳନ କରିବାକୁ ପଛେଇବ ନାହିଁ ବୋଲି କମିଟି ପକ୍ଷରୁ ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୦୮।୨୦୨୬, ଭାଦ୍ରବ ଦ୧୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୩୦।୪୭ ଚନ୍ଦ୍ରୋଦୟ- ସଂଘ ୫।୦୩।୫୧**

ତ୍ରୟୋଦଶୀ ପ୍ରାଘ ୭।୫୮ ପର୍ଯ୍ୟନ୍ତ, ଶ୍ରବଣା ନକ୍ଷତ୍ର ରାଘ ୧୨।୪୯ ପର୍ଯ୍ୟନ୍ତ । ମକର ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ ୭।୫୮ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଦିଘ ୭।୧୫ ମଧ୍ୟେ ଦିଘ ୧୦।୧୫ ଗତେ ଦିଘ ୧୧।୨୫ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶିବ ପବିତ୍ରାରୋପଣ, ଶରଣଂ।



**ମେଷ:** ରୋଜଗାର ମଧ୍ୟମ ଧରଣର ହେବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପାରିବାରିକ କଳହ ଦେଖାଦେବ। ମନରେ ବିରକ୍ତି ଜାତ ହେବ। ଦେହ ଓ ମନ ଭଲ ରହିବ।



**ବୃଷ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇଯିବ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ରୋଜଗାରରେ ଉନ୍ନତି ଦେଖାଦେବ। ପରିବାରରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ବ୍ୟବସାୟରେ ଲାଭବାନ୍ ହେବେ ।



**ମିଥୁନ:** କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ। ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ଭ୍ରମଣ ଯୋଗ ରହିଛି। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ଶାନ୍ତି ଲାଭ ହେବ।



**କର୍କଟ:** ଖର୍ଚ୍ଚର ପରିମାଣ ବଢ଼ିବ। ପରିବାରରେ ଅସହଯୋଗ ଦେଖାଦେବ। ବନ୍ଧୁ ମିଳନ ସହିତ ଉତ୍ତମ ଭୋଜନ ପ୍ରାପ୍ତ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବାର ସୂଚନା। ମହିଳାମାନେ ସୁଖୀ ହେବେ।



**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଅଯଥା ଦୂରକୁ ଯାତ୍ରା କରିବେ। ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦୂରଯାତ୍ରା କରି ସଫଳତା ପାଇବେ। ଆଶା କରୁଥିବା ଦିଗରୁ ଆୟ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଲୋକପ୍ରିୟତା ବଢ଼ିବାର ସୂଚନା। ମନ ଭଲ ରହିବ।



**ତୁଳା:** ଅଧିକ ପରିଶ୍ରମ କରିବେ। ହେଲେ ପାରିଶ୍ରମିକ କମ୍ ହେବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ରୋଜଗାରରେ ଉନ୍ନତି ହେବ। ଉତ୍ତମ ଭୋଜନ ମିଳିବ। ମାଲିମୋକଦ୍ଦମାରେ ସଫଳତା ମିଳିବ ।



**ବିଛା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶତ୍ରୁମାନେ ପରାସ୍ତ ହେବେ। ମହିଳାମାନେ ସୁଖୀ ହେବେ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ। ଦେହ ଭଲ ରହିବ ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ଘରକୁ ନାନା ସୌଖିନ୍ୟ ଦ୍ରବ୍ୟ ଆଣିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ମକର:** ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଦୂର ସ୍ଥାନକୁ ଯାତ୍ରା କରି ସଫଳତା ମିଳିବ। ଠକାମିରେ ପଡ଼ିପାରନ୍ତି। ଏଣୁ ସାବଧାନରେ ଚଳିବେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା। ଗୃହେ ଆନନ୍ଦ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ପଦୋନ୍ନତି ହେବ। ଦେହ ଓ ମନ ଭଲ ରହିବ। ଅପରାହ୍ନେ ଶୁଭ ଖବର ପ୍ରାପ୍ତ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ନୂତନ ଦ୍ରବ୍ୟ ମିଳିପାରେ। ପାରିବାରିକ ଅସନ୍ତୋଷ ଦେଖାଦେବ।



**ମୀନ:** ପର ପାଇଁ ହଇରାଣରେ ପଡ଼ିବେ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ଆନନ୍ଦ ଲାଭ ହେବ। ବନ୍ଧୁଙ୍କ ସହିତ ସାକ୍ଷାତ ହୋଇପାରେ। ପରିବହନ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଭଲ ରହିବ ।

# ଲଗାଣ ବର୍ଷାରେ ୧୧ଟି ଘର ଭାଙ୍ଗିଲା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁରରେ ଲଗାଣ ବର୍ଷା ଜାରି ରହିଛି। ଲଗାଣ ବର୍ଷାରେ ଜୟପୁର ତହସିଲରେ ୧୧ଟି ଘର ଭାଙ୍ଗି ଯାଇଛି । ଜୟପୁର ତହସିଲର ପୁଟ୍ରା ଦେଉଳଗୁଡା, ନୁଆଗୁଡା, ରାଣିଗୁଡା, ଛତରଲା, ଡାଙ୍ଗରା ଗାଁ, ହାଟ କଙ୍ଗା, ଏକମ୍ବା, ଧନପୁର, ଟିଙ୍ଗିରିପୁଟ, ବଡପଡାରେ ଘର ଭାଙ୍ଗିଥିବା ରାଜସ୍ୱ ବିଭାଗ ତରଫରୁ ସୂଚନା ଦିଆଯାଇଛି । ସେମାନଙ୍କ ପାଖରେ ପ୍ରଶାସନ ପହଞ୍ଚି ପଲିଥିନ୍ ପ୍ରଦାନ କରିଥିବା ଜଣାଯାଇଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୮।୨୦୨୬, ଭାଦ୍ରବ ଦ୧୧ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୩୧।୦୩ ଚନ୍ଦ୍ରୋଦୟ- ସଂଘ ୫।୩୯।୦୨**

ଚତୁର୍ଦ୍ଦଶୀ ଦିଘ ୯।୧୧ ପର୍ଯ୍ୟନ୍ତ, ଧନିଷ୍ଠା ନକ୍ଷତ୍ର ରାଘ ୨।୧୫ ପର୍ଯ୍ୟନ୍ତ । ମକର ଚନ୍ଦ୍ର ଦିଘ ୧।୩୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର। ଦିଘ ୧।୩୪ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର। **ଘାତଚନ୍ଦ୍ର-** ସିଂହ ରାଶିର। ଦିଘ ୯।୧୧ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୯।୧୧ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଦିଘ ୭।୧୫ ମଧ୍ୟେ ଦିଘ ୧୦।୩୫ ଗତେ ଦିଘ ୧।୦୫ ମଧ୍ୟେ। **ପର୍ବୋତ୍ସବ-** ରକ୍ଷା ବନ୍ଧନ, ଗହ୍ମା ପୂର୍ଣ୍ଣିମା, ଗହ୍ମା ପର୍ବ, ବଳଭଦ୍ର ଦେବଙ୍କର ଜନ୍ମୋତ୍ସବ, ଶରଣଂ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏଆଇ ପାଇଁ ଭାରତରେ ସଙ୍କଟ ନାହିଁ

କୃତ୍ରିମ ବୁଦ୍ଧିମତା (ଏଆଇ) ଯୋଗୁ ନିଯୁକ୍ତି ସଙ୍କଟ ଆଶଙ୍କା ରହିଛି। ତେବେ ଏଭଳି ଟେକ୍ନୋଲୋଜି ଦ୍ୱାରା ବିଶ୍ୱ ବଜାର ତୁଳନାରେ ଭାରତରେ ଏବେ ଯାଏ ସେତେଟା ସଙ୍କଟ ଆସିନି । ଦେଶରେ ଏଆଇ ଜନିତ ନିଯୁକ୍ତି ହ୍ରାସ ତୁଳନାରେ ଅଧିକ ନୂଆ ରୋଜଗାର ସୃଷ୍ଟି ହେଉଛି । ଜାପାନ ଭିତ୍ତିକ ଆର୍ଥିକ ସେବା ପ୍ରଦାନକାରୀ ନୋମୁରା ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଛି । ଅନ୍ୟପଟେ ଟେକ୍ନୋଲୋଜିରେ ପରିବର୍ତ୍ତନ କାରଣରୁ ଆଇଟି କ୍ଷେତ୍ରରେ ନୂଆ ପ୍ରବେଶ କରୁଥିବା ଏବଂ ଜୁନିୟର ବର୍ଗରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ସମସ୍ୟା ଉପୁଜିଛି । ବରିଷ୍ଠ ପ୍ରଫେସନାଲଙ୍କ ପାଇଁ ଏଆଇ କ୍ଷେତ୍ରରେ ଚାହିଦା ରହିଛି । ଏମାନଙ୍କୁ କମ୍ପାନି ଗୁଡ଼ିକରେ ଅଧିକ ଖୋଜା ପଡୁଥିବା କହିଛି ନୋମୁରା । ରିପୋର୍ଟ ମୁତାବକ, ଭାରତ, ଚୀନ ଏବଂ ଫିଲିପାଇନ୍ସ ଭଳି ଦେଶ ଗୁଡ଼ିକରେ ଏଆଇ ଜନିତ ନିଯୁକ୍ତି ଉପରମୁହାଁ ରହିଛି । ଏଆଇ ଏସିଆରେ ୬୦ ହଜାର ନିଯୁକ୍ତି ନେଇଥିବା ବେଳେ ୧.୩୦ ଲକ୍ଷ ନୂଆ ନିଯୁକ୍ତି ଯୋଡ଼ିଛି। ଦେଶର ୬୫୧ ଆଇଟି କମ୍ପାନିଙ୍କୁ ନେଇ ହୋଇଥିବା ଅଧ୍ୟୟନ କହୁଛି, ୫୫% କମ୍ପାନି ଫ୍ରେସର୍ସ ନିଯୁକ୍ତି କମାଇଛନ୍ତି। ନିଯୁକ୍ତିଯୋଗାଣକାରୀ ସଂସ୍ଥା ଏକ୍ସଫେନୋ ମୁତାବକ, ଆର୍ଥିକ ବର୍ଷ ୨୦୨୨ରେ ଆଇଟି କମ୍ପାନି ଗୁଡିକ ୬ ଲକ୍ଷ ନିଯୁକ୍ତି ଦେଇଥିଲେ । ୨୦୨୫-୨୬ରେ ଏହା ୧.୪୦ ଲକ୍ଷକୁ ହ୍ରାସ ହୋଇଛି। ଅନ୍ୟପଟେ ବରିଷ୍ଠ କର୍ମଚାରୀଙ୍କୁ ରଖିବାକୁ ଆଗ୍ରହ ପୂର୍ବ ତୁଳନାରେ ଢେର ମାତ୍ରାରେ ବଢ଼ିଛି । ନୋମୁରା ଏହାକୁ 'କେ' ଆକୃତିର ପରିବର୍ତ୍ତନ ବୋଲି କହିଛି । ସରଳଭାଷାରେ କହିଲେ, ବଜାରରେ ରୋଜଗାର ୨ ବର୍ଗରେ ବାଣ୍ଟି ହୋଇଛି। ଫ୍ରେସର୍ସଙ୍କ ଚାହିଦା କମିଥିବା ବେଳେ ବରିଷ୍ଠମାନେ ଅଗ୍ରାଧିକାର ପାଉଛନ୍ତି । ମ୍ୟାନେଜମେଣ୍ଟ ଏବଂ ବିଜ୍‌ନେସ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଥିବା ଲୋକଙ୍କୁ କମ୍ପାନି ଖୋଜି ଖୋଜି ନିଯୁକ୍ତି ଦେଉଛନ୍ତି । ଏମିତିକି ଦକ୍ଷିଣ କୋରିଆରେ ସର୍ବାଧିକ ଏଆଇ ବ୍ୟବହାର ହୋଇଥିବା କ୍ଷେତ୍ର ଗୁଡ଼ିକରେ ମଧ୍ୟ ଏହି ଟ୍ରେଣ୍ଡ୍ ଦେଖାଯାଇଛି । ଭାରତରେ ସର୍ବାଧିକ ଏନୋଟେସନ ବା ଡାଟାକୁ ଏଆଇ ଲାଗି ପ୍ରସ୍ତୁତ କରିବା, ଭାଷା ବିଜ୍ଞାନ, ଏଆଇ ସହ ଜଡ଼ିତ ଆଇଟି ସେବା ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ଭାରତରେ ସପୋର୍ଟ ଏବଂ ସର୍ଭିସ ଭିତ୍ତିକ ନିଯୁକ୍ତି ଆସୁଥିବା ବେଳେ ଚୀନରେ ଏଆଇ ମଡେଲ ବନାଇବା ଲାଗି ଉଚ୍ଚ ଦକ୍ଷତା ସମ୍ପନ୍ନ ଗ୍ରାଜୁଏଟଙ୍କ ଆବଶ୍ୟକତା ରହୁଛି । ଟେକ୍ନୋଲୋଜିକୁ ଛାଡ଼ିଲେ ଅନ୍ୟ ସବୁ କ୍ଷେତ୍ରରେ ବହୁତ କମ୍ ସଂଖ୍ୟକ ନିଯୁକ୍ତି ଆସୁଛି । ଭାରତରେ କମ୍ପାନି ଗୁଡ଼ିକ ବୃହତ ସଂଖ୍ୟକ ଲୋକଙ୍କୁ ଛଟେଇ କରିବା ପରିବର୍ତ୍ତେ ନୂଆ ନିଯୁକ୍ତି କମାଇଛନ୍ତି । ଅର୍ଥାତ ପୁରୁଣା ଲୋକଙ୍କୁ ରଖି କାମ କରାଇବା ଧାରା ଆସିଛି। ଏହାକୁ ସାଇଲେଣ୍ଟ ଫାୟାରିଂ କୁହାଯାଉଛି । ଅନ୍ୟପଟେ କମ୍ପାନିଗୁଡ଼ିକ କଲେଜ ଗୁଡିକରେ କରୁଥିବା କ୍ୟାମ୍ପସ ନିଯୁକ୍ତିକୁ ପ୍ରାୟ କମ୍ କରିଛନ୍ତି । ମୋଟାମୋଟି ଭାବେ ଦେଖିଲେ, ଏଆଇ ଯୋଗୁ ବ୍ୟାଙ୍କିଙ୍ଗ୍ ଏବଂ ଟେକ୍ନୋଲୋଜି କ୍ଷେତ୍ର ପ୍ରଭାବିତ ରହିଛି । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୫୮% ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଏହାର ପ୍ରଭାବ ୩୦% । ଡାଟାଏଣ୍ଟ୍ରି, କଷ୍ଟମର କେୟାର, ଜୁନିଅର କୋଡିଂ, ସଫ୍ଟୱେର ଟେଷ୍ଟିଂ ଏବଂ ବ୍ୟାକ୍ ଅଫିସ ରୁଟିନ କାମ ଉପରେ ଏଆଇର ବଡ଼ ପ୍ରଭାବ ରହିଛି। ତେବେ ବିନିର୍ମାଣ, ନିର୍ମାଣ, ରୋଗୀସେବା ଯତ୍ନ ଏବଂ ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁରକ୍ଷିତ ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଦରକାରୀ**

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏ ସଂସାରରେ କିଛି ଅଦରକାରୀ ନୁହେଁ । ସବୁ ଦରକାରୀ । ନିଜକୁ ହୀନ ମଣୁଥିବା ବ୍ୟକ୍ତି ଅନ୍ୟକୁ ଅଦରକାରୀ ବୋଲି ଭାବିଥାଏ । ସେ ଜାଣି ପାରି ନଥାଏ ଯେ ତା ଭିତରେ ସେଇ ଏକ ଚୈତନ୍ୟ ଶକ୍ତି ଅଛି ବୋଲି । କାରଣ କଥାରେ ଅଛି କାଷ୍ଠ ପାଷାଣ ତରୁତୃଣ, ଶରୀରେ ହୃଦେ ନାରାୟଣ,ଏହାହିଁ ନିରାଟ ସତ୍ୟ । କିନ୍ତୁ ଆମର ଜ୍ଞାନ ଯେଉଁ ପର୍ଯ୍ୟନ୍ତ ପ୍ରଭାବିତ ହୋଇଥାଏ ଆମେ ତାକୁ ଦରକାରୀ ବୋଲି କହିଥାଉ । କିନ୍ତୁ ତା ପରେ ଯାହାକିଛି ଆମେ ତାକୁ ଜାଣିନାହୁଁ । ତେଣୁ ଆମେ ତାକୁ ଅଦରକାରୀ ବସ୍ତୁ ଭାବି ଫିଙ୍ଗି ଦେଇଥାଉ । ତେଣୁ ଜ୍ଞାନକୁ ଆହୁରି ସରଳୀକରଣ କରି ବିସ୍ତାର କର, ତାହେଲେ ତୁମେ ତୁମର ପ୍ରାପ୍ୟ ନିଶ୍ଚୟ ପାଇପାରିବ । ସୂକ୍ଷ୍ମରୁ ସୂକ୍ଷ୍ମ ଦେଖିବ ତୁମର ପ୍ରତ୍ୟେକ କାର୍ଯ୍ୟ ସେଇ ଇଶ୍ୱର ହିଁ କରି ଚାଲିଛନ୍ତି । ତୁମେ ନୁହଁ । ହରିଓଁ ।

**ଧନ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସଂସାରରେ ସମସ୍ତେ ଧନ ରୋଜଗାର ପାଇଁ ବ୍ୟସ୍ତ, ମାନ ସମ୍ମାନ ପାଇଁ ବ୍ୟସ୍ତ, କିନ୍ତୁ ଧନ୍ୟ କେତେଜଣ ହୋଇପାରିଛନ୍ତି ?(ପରୋପକାରାୟଃ ସ୍ୱର୍ଗାୟଃ)ଧନ୍ୟ ସେହି ଲୋକ ଯେ ପରର ଉପକାର ପାଇଁ ସର୍ବଦା ଚେଷ୍ଟିତ ହୋଇଥାଏ ସେ ଧନ ପଛରେ ଗୋଡାଏ ନାହିଁ ଧନ ତା ପଛରେ ଗୋଡାଏ । ମାନ ସମ୍ମାନ ତା ପଛରେ ଗୋଡାଇଥାଏ । କିନ୍ତୁ ସେଥିପ୍ରତି ଦୃଷ୍ଟି ନ ଦେଇ ପରମ ସେବାରେ ନିଜକୁ ହଜାଇ ମଜାଇ ଦେଇଥାଏ । ସେ ହିଁ ଧନରୁ ଧନ୍ୟ ହୋଇଯାଇଥାଏ । ସେ ରିକ୍ସାବାଲା ହେଉ କି ରାଷ୍ଟ୍ରପତି ହେଉ କର୍ତ୍ତବ୍ୟରେ ଯେ ନିଷ୍ଠା ରଖି ସମାଜ ପାଇଁ କିଛି ସ୍ମୃତି ଛାଡିଯାଏ ସେ ଆପେ ଆପେ ପ୍ରଭୂଙ୍କ ଦରବାରରେ ଧନ୍ୟ ହୋଇଯାଏ । ତେଣୁ ଧର୍ମ ପାଇଁ ଧକ୍କା ସହିବାକୁ ପଡେ, ଆଉ ଯିଏ ଧକ୍କା ସହେ ସେହିଁ ଧୈର୍ଯ୍ୟବାନ୍ ବ୍ୟକ୍ତି । ସେହି ଧନ୍ୟ, କାରଣ ସେ ପିଟା ସୁନା । ସେ ଜନ୍ମର ମୂଲ୍ୟକୁ ବୁଝିପାରିଥାଏ । ସୃଷ୍ଟିର ରହସ୍ୟ କୁ ଭେଦି ପାରିଥାଏ । କାରଣ ଶୂନ୍ୟ ହିଁ ପୂର୍ଣ୍ଣ ଆଗ ଶୂନ୍ୟ ହେବା ପାଇଁ ଚେଷ୍ଟା କର । କାରଣ କଥାରେ ଅଛି-

କସି କସାଇ ଧନ ଦେବ
ନହେଲେ ବାହୁଡାଇ ଦେବ ।

# ଓଡ଼ିଶାରେ ନାଗ ପୂଜା-୪



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭଗବାନ ଗୌତମବୁଦ୍ଧଙ୍କ ଜନ୍ମସ୍ଥାନ ରୂପେ ବିଦିତ ଅଛି ଭୁବନେଶ୍ୱର ଅର୍ନ୍ତଗତ କପିଳେଶ୍ୱର ଜନପଦ। ସେହିଭଳି ନେପାଳରେ ଏହିପରି ଏକ ପ୍ରଚାରିତ ସ୍ଥାନ ମଧ୍ୟ ରହିଛି। ତେଣୁ ଦୁଇଟି ଯାକ ସ୍ଥାନ ଆନ୍ତର୍ଜାତୀୟ ସ୍ତରରେ ବିବାଦୀୟ ହୋଇ ରହିଆସିଛି। ତେବେ ଉଭୟ ସ୍ଥାନର ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ କରାଗଲେ ସତ୍ୟର ଉନ୍ମୋଚନ ନିଶ୍ଚିତ ଭାବରେ ହୋଇପାରନ୍ତା। ମଗଧ ସମ୍ରାଟ ଅଶୋକଙ୍କ ପ୍ରଦତ୍ତ ଜମିରୁ କରଛାଡ଼ ସମ୍ପର୍କୀୟ ଆଦେଶ ଥିବା ଏକ ଶିଳାଲିପି ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଧଉଳି ନିକଟସ୍ଥ କପିଳେଶ୍ୱର ଜନପଦରୁ ମିଳିଥିଲା। ଶିଳାଲିପିଟି ଥିଲା ପ୍ରାଚୀନ ବ୍ରାହ୍ମୀ ଲିପିରେ ଲିଖିତ। ଲିପିକାର ଥିଲେ ଚୂନ୍ଦ୍ରେୟ ଯାହାଙ୍କ ନାମ ଖରୋଷ୍ଠିୟ ଲିପିରେ ଖୋଦିତ ଥିଲା। କପିଳେଶ୍ୱରଙ୍କ ନାମରେ ନାମିତ ଶିବଶକ୍ତିରେ ଲିଙ୍ଗ ଦୃଶ୍ୟମାନ ହୁଅନ୍ତିନାହିଁ। ମନ୍ଦିରଟି ପ୍ରାୟ ଅଷ୍ଟାଦଶ ଶତାବ୍ଦୀରେ ପୁନଃ ନିର୍ମିତ ହୋଇଥିବାର ଅନୁମାନ କରାଯାଇପାରେ। ପୂର୍ବରୁ ସେଠାରେ ଏକ ପ୍ରାଚୀନ ମନ୍ଦିର ଥିଲା ଓ ତାହା ଭାଙ୍ଗି ଯିବା ପରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଯାଇଥିବାର ଅନୁମାନ। ଉକ୍ତ ମନ୍ଦିରର ପଛପଟ ରାସ୍ତା ଗତ ୨୦୦୮ ମସିହା ଫେବୃୟାରୀ ମାସରେ ତିଆରି ହେଉଥିବାବେଳେ ମନ୍ଦିରକୁ ଘେରି ରହିଥିବା ପ୍ରାଚୀରର ନିମ୍ନ ଅଂଶ ଅର୍ଥାତ୍ ପ୍ରାୟ ୪ଫୁଟ ତଳୁ ଅନ୍ୟ ଏକ ପ୍ରାଚୀର ଓ ମନ୍ଦିରର ଭିତ୍ତିଭୂମି ଥିବା ସ୍ପଷ୍ଟ ଭାବରେ ଜଣାପଡ଼ିଥିଲା। ସେହି ମାଟିତଳୁ ଆବିଷ୍କୃତ ଏକ ପ୍ରସ୍ତର ଖମ୍ବରେ ବ୍ରାହ୍ମୀ ଲିପି ଲେଖାଥିବା 'ବ' 'ଶ' 'ହ' 'ର' ଅକ୍ଷରମାନ ଥିବାର ଦେଖିବାକୁ ମିଳିଥିଲା। ସେଠାରେ ଉପସ୍ଥିତ ଥିବା ତତ୍କାଳୀନ ମୁଖ୍ୟ ଶାସନସଚିବ ଡଃ. ଅଜିତ କୁମାର ତ୍ରିପାଠୀ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଡ. ଚନ୍ଦ୍ରଭାନୁ ପଟେଲ, ଅଭିଲେଖାଗାର ଅଧ୍ୟକ୍ଷ ଦେବରାଜ ପ୍ରଧାନ ଓ ଲେଖକ ନିଜେ ଏହାକୁ ମଧ୍ୟ ପରୀକ୍ଷା କରିଥିଲେ। ମାତ୍ର ଏପରି କଥା ପ୍ରକାଶ ପାଇବାର ପରଦିନ କେହି ଦୁର୍ବୃତ୍ତ ସ୍ଥାନୀୟ କଳହକୁ ନେଇ ଉକ୍ତ ଶିଳା ଅକ୍ଷରର କେତେକକୁ କଣ୍ଟା ବାଡ଼େଇ ନଷ୍ଟ କରିଦେଇଥିବାର ଦେଖାଗଲା। ସେହି ଶିଳାଖମ୍ବ ଏବେ ବି ସେଠାରେ ପଡ଼ି ରହିଛି। କପିଳେଶ୍ୱର ମନ୍ଦିର ବର୍ତ୍ତମାନର ବେଢ଼ା ମଧ୍ୟରେ ଯେଉଁ କେତୋଟି ବିଗ୍ରହ ରହିଛି ସେ ସବୁର ନିର୍ମାଣ ସମୟ ଆକଳନର ଆବଶ୍ୟକତା ରହିଛି। ତାହା ଭିତରେ ରହିଛି କୁହାଯାଉଥିବା ମାୟାଦେବୀ (ଉଚ୍ଚତା ୪୪" X୨୨"), ଧର୍ମଚକ୍ର, କପିଳେଶ୍ୱରଙ୍କ ଶିବଶକ୍ତି, କୂପ ମଧ୍ୟସ୍ଥ କାନ୍ଥର ବିଗ୍ରହ ସମୂହ ଏବଂ ମନ୍ଦିରର ପ୍ରବେଶ ପଥରେ ଥିବା ତୋରଣ ଯେଉଁଥିରେ କି ବୌଦ୍ଧ ସ୍ଥାପତ୍ୟର ସନ୍ଧାନ ମିଳିପାରିଛି। ଉକ୍ତ ଶିବଶକ୍ତି ଉପରେ ରହିଥିବା ଘୋଡ଼ଣି ପୁରୁଣା ହୋଇଗଲେ ପରିବର୍ତ୍ତିତ ହୋଇଥାଏ। ସେଠାରେ ଥିବା କୂପ ମଧ୍ୟରୁ ବଦଳା ଯାଇଥିବା ପୂର୍ବର ଦୁଇଟି ଘୋଡ଼ଣିକୁ ସେବକମାନେ ଉଦ୍ଧାର କରି ଦେଖାଇଥିଲେ ଯାହାର ମାପ ଥିଲା ଗୋଟିକର ଉଚ୍ଚତା ୯" ଏବଂ ଅନ୍ୟଟିର ୧୧", ଗୋଲେଇ ୧୮" ଏବଂ ଅନ୍ୟଟିର ୧୬" ଓ ମୂଳ ଗୋଲେଇ ୫୬" ଏବଂ ଅନ୍ୟଟିର ୫୩"। ଉତ୍କଳର ସୂର୍ଯ୍ୟବଂଶୀୟ ସମ୍ରାଟ କପିଳେନ୍ଦ୍ରଦେବଙ୍କ ସମୟରେ ମନ୍ଦିର ନିର୍ମିତ ହୋଇଥିବାର ଯେଉଁମାନେ କହିଥାନ୍ତି ସେପରି କଥାର କୌଣସି ତଥ୍ୟଭିତ୍ତିକ ପ୍ରମାଣ ନାହିଁ। ମଲ୍ଲ ସମ୍ପ୍ରଦାୟର ପ୍ରାୟ ୬୦୦ ପରିବାର ବର୍ତ୍ତମାନ ଏହି ପ୍ରାଚୀନ ଗ୍ରାମର ମୂଳ ବାସିନ୍ଦା। ମିଳିଥିବା ପ୍ରସ୍ତର ଖୋଦିତ ଶିଳାଲିପି ସମ୍ପର୍କରେ ଆଲୋଚନା ଅନ୍ୟତ୍ର କରାଯାଇଛି। ଆବିଷ୍କୃତ ବ୍ରାହ୍ମୀ ଶିଳାଲିପିକୁ ସେତେବେଳେ କେହି ପଢ଼ି ପାରୁନଥିବାରୁ ତାହାର ଏକ ଛାପ ଭୁବନେଶ୍ୱରସ୍ଥ ରାମକୃଷ୍ଣ ମିଶନର ଜଣେ ସନ୍ନ୍ୟାସୀଙ୍କୁ କଲିକତାର ଜଣେ କେହି ଲିପିତତ୍ତ୍ୱବିତ୍‌ଙ୍କ ଦ୍ୱାରା ପଢ଼ାଇବାକୁ ଦିଆଯାଇଥିଲା। ମାତ୍ର ପାଠ ନ ଆସିବା ପୂର୍ବରୁ ତାହାକୁ ବୀରେନ୍ ରାୟ ନାମରେ ଜଣେ ବଙ୍ଗୀୟ କଣ୍ଟ୍ରାକ୍ଟର ୧୯୨୮ ମସିହାରେ ମାତ୍ର ୮ଟଙ୍କାରେ କିଣି ନେଇଥିଲେ। ଯାହାର ସରକାରୀ ଦସ୍ତାବିଜ୍ ପୁରୀ ଜିଲ୍ଲାପାଳଙ୍କ ଅଫିସରୁ ଅଣାଯାଇ ରାଜ୍ୟ ଅଭିଲେଖାଗାରରେ ରଖାଯାଇଛି। ସେହି ଦସ୍ତାବିଜରେ ତତ୍କାଳୀନ ଗୋରା କଲେକ୍ଟର ଓ ଏସ୍.ପି.ଙ୍କ ଦେଇଥିବା ମନ୍ତବ୍ୟମାନ ବି ରହିଛି। ଏହି କପିଳେଶ୍ୱର ଗ୍ରାମର ଦୁଇ କିଲୋମିଟର ଦୂର ପୂର୍ବକୁ ରହିଛି ଐତିହାସିକ ଧଉଳି ପାହାଡ଼। ଯେଉଁଠାରେ ଅଶୋକଙ୍କ ଧର୍ମାନୁଶାସନ ବ୍ରାହ୍ମୀ ଲିପି ଓ ପାଲୀ ଭାଷାରେ ଲିପିବଦ୍ଧ ରହିଛି। କପିଳେଶ୍ୱର ଜନପଦର ଠିକ୍ ଦକ୍ଷିଣ ଦିଗର ଏକ କିଲୋମିଟର ବ୍ୟବଧାନରେ ରହିଛି ସୁନ୍ଦରପଦା ନାମରେ ଜନପଦ। ଯେଉଁଠାରେ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ନାଗରାଜଙ୍କ ସହିତ ଦୁଇଟି ନାଗରାଣୀଙ୍କ ବିଗ୍ରହ ରହିଛି ଯାହାକି ଗ୍ରାମଦେବତୀ 'କାଳିଆଶୁଣି' ନାମରେ ପୂଜା ପାଉଛନ୍ତି। ଦୁଇ ନାଗୀ ମୂର୍ତ୍ତିର ମଧ୍ୟରେ ରହିଛନ୍ତି ନାଗରାଜ। ପୋଷାକ ଓ ପିନ୍ଧିଥିବା ପାଦୁକାରୁ ସେମାନେ ରାଜବଂଶର ବୋଲି ଜଣାପଡୁଛନ୍ତି। ପ୍ରତ୍ୟେକର ମୁଣ୍ଡ ଉପରେ ପାଞ୍ଚଫଣାଚ୍ଛାଦିତ ନାଗ ମୂର୍ତ୍ତି ଚମତ୍କାର ଭାବରେ ଖୋଦିତ ହୋଇଛି। ମୂର୍ତ୍ତି ତ୍ରୟ ଖ୍ରୀଷ୍ଟପୂର୍ବର ବୋଲି ଆକଳନ କରାଯାଇପାରେ। ସ୍ଥାନୀୟ ଲୋକକଥାରେ ରହିଛି ତାହା ଗୌତମବୁଦ୍ଧଙ୍କ ପିତା ଶୁଦ୍ଧୋଦନ ଓ ତାଙ୍କର ଦୁଇ ରାଣୀମାନଙ୍କର ବିଗ୍ରହ। ସେଗୁଡ଼ିକର ମାପ ନିମ୍ନୋକ୍ତ ପ୍ରକାରର।

ନାଗୀରାଣୀ- ୫'.୨" X ୨'.୬"
ନାଗୀରାଣୀ- ୪'.୩" X ୨'.୬"
ନାଗରାଜା- ୫'.୮'' X ୨'.୬"

ଅନ୍ୟ ଏକ ଐତିହାସିକ ମତରେ ଏହାକୁ ଅଶୋକ ଓ ଖାରବେଳଙ୍କ ମଧ୍ୟବର୍ତ୍ତୀ ସମୟର ବୋଲି କୁହାଯାଏ। ଏହି ଉଚ୍ଚତାର ମୂର୍ତ୍ତି ଗଠନ ଅନ୍ୟତ୍ର ବିରଳ। ବିସ୍ମୟର କଥା ଯେ ଏହି ମୂର୍ତ୍ତି ତ୍ରୟ ଏପର୍ଯ୍ୟନ୍ତ ବିଶ୍ୱଐତିହ୍ୟ ତାଲିକାରେ ସ୍ଥାନ ପାଇନାହିଁ। ଏହାକୁ ହିଁ କେବଳ ଅବହେଳା କୁହାଯାଇପାରେ। ଏହି ସୁନ୍ଦରପଦା ଗ୍ରାମର ପୂର୍ବକୁ ପ୍ରାୟ ୨କି.ମି. ଦୂରରେ ରହିଛି ପାଞ୍ଚଗାଁ ନାମରେ ଏକ ଜନପଦ। ସୁନ୍ଦରପଦାର ଅତି ଅଳ୍ପ ଦୂର ଦକ୍ଷିଣ-ପୂର୍ବ ଓ ଧଉଳି ପାହାଡ଼ ନିକଟରେ ଥିବା ପାଞ୍ଚଗାଁର ନାମକରଣ ପାଞ୍ଚଫଣା ନାଗଙ୍କ ଆବିର୍ଭାବ ଓ ପରେ ସେଠାରେ ସେପରି ମୂର୍ତ୍ତିର ସ୍ଥାପନାକୁ ନେଇ ହାଇଥିବାର ଏକ ସୁନ୍ଦର କିଂବଦନ୍ତୀ ପ୍ରଚଳିତ ଅଛି। ବରଗଛ ମୂଳରେ ପାଞ୍ଚଫଣା ନାଗ ବିଗ୍ରହ ସହିତ ରହିଛି ଏକ ଯକ୍ଷ ମୂର୍ତ୍ତି। ସମ୍ଭବତଃ ନାଗ ଓ ଯକ୍ଷ ମୂର୍ତ୍ତି ଗୋଟିଏ ପ୍ରସ୍ତରରେ ଗଢ଼ା ଥିଲା ଓ ପରେ ଦୁଇଟିକୁ ଅଲଗା କରିଦିଆଯାଇଛି। ପାଞ୍ଚଫଣା ନାଗକୁ ନେଇ ଏପରି କିଂବଦନ୍ତୀ ଗଢ଼ି ଉଠିଥିବାବେଳେ ସେହି ଗ୍ରାମରେ ରହିଛି କଳାମୁଗୁନି ପ୍ରସ୍ତରରେ ନିର୍ମିତ ଆଦି ତୀର୍ଥଙ୍କର ଋଷଭଦେବଙ୍କ କମନୀୟ ବିଗ୍ରହ। ପୁଣି ସେପରି ପ୍ରସ୍ତର ନିର୍ମିତ ବୌଦ୍ଧ ତାରାଙ୍କ ବିଗ୍ରହ ଗ୍ରାମର ମଙ୍ଗଳା ନାମରେ ଏକ ଭବ୍ୟ ମନ୍ଦିରରେ ପୂଜିତା। ମଙ୍ଗଳା ବିଗ୍ରହଟି ବସ୍ତ୍ରାଚ୍ଛାଦିତ ଓ ପୁଷ୍ପ ମଣ୍ଡିତ ହୋଇଥିବାରୁ ତାହା କେଉଁ ପ୍ରକାରର ତାରା ଜାଣିହେଲାନାହିଁ। ପାଖରେ ରହିଛି ଶିବଙ୍କ ପୂଜା ନିମନ୍ତେ ଏକ ମନ୍ଦିର। ଉପର୍ଯ୍ୟୁକ୍ତ ବୌଦ୍ଧ ତାରା ବିଗ୍ରହଟିକୁ ପାଖରେ ଥିବା ଭାଲୁଙ୍କି ପାହାଡ଼ ନିକଟରୁ ଅଣାଯାଇଥିବାର କେତେକ ପୁରୁଣା ଲୋକଙ୍କଠାରୁ ଜାଣିବାକୁ ମିଳିଲା। ଉକ୍ତ ପାହାଡ଼ର ଉଚ୍ଚତା ଭୂମିଠାରୁ ପ୍ରାୟ ୪୦ଫୁଟ ଓ ସେଠାରେ ଖ୍ରୀଷ୍ଟପୂର୍ବର ଏକ ଚୈତର ସନ୍ଧାନ ମିଳିଥିଲା। ୨୦୦୫ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧ୍ୟକ୍ଷ ଡ. ଚନ୍ଦ୍ରଭାନୁ ପଟେଲଙ୍କ ଦ୍ୱାରା ଏହାର ଉଦ୍ଧାର ହୋଇଥିଲା। ବର୍ତ୍ତମାନ ଉକ୍ତ ପ୍ରାଚୀନ ଐତିହ୍ୟ ନିକଟରେ ସ୍ଥାନୀୟ ବିଲଡର୍ସମାନଙ୍କ ଦ୍ୱାରା ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ତେବେ ଧଉଳି ନିକଟସ୍ଥ ଆଲୋଚିତ ପାଞ୍ଚଗାଁର ଇତିହାସ ଯେ କେତେ ପ୍ରାଚୀନ ତାହା ଏହି କ୍ଷୁଦ୍ର ଆଲୋଚନାରୁ ହିଁ ଜଣାପଡ଼େ। ପୁଣି ସୁନ୍ଦରପଦାରୁ ଆବିଷ୍କୃତ ନାଗରାଜଙ୍କର ଅନ୍ୟ ଏକ ବିଗ୍ରହ (୪୭.୫" ଘ ୨୩") ଓ ତା'ର ଅଳ୍ପ ଦୂରରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ନିକଟରୁ ମିଳିଥିବା ନାଗ ବିଗ୍ରହ ଦ୍ୱୟ ରାଜ୍ୟ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱ କୋଠରିରେ ରଖାଯାଇଛି। ଏହି ସମସ୍ତ ବିଗ୍ରହର ନିର୍ମାଣ ସମୟ ଖ୍ରୀଷ୍ଟପୂର୍ବର ବୋଲି ଆକଳନ କରାଯାଇପାରେ। ଏତଦ୍‌ବ୍ୟତୀତ ସୁନ୍ଦରପଦାର ଅଳ୍ପ ଦୂର ଦକ୍ଷିଣ-ପଶ୍ଚିମରେ ଥିବା ଅରାଗଡ଼ର ପ୍ରସିଦ୍ଧ ବୌଦ୍ଧ ଧ୍ୟାନ ମନ୍ଦିରର ଦ୍ୱାରଦେଶରେ ରହିଛି ଦୁଇଟି ନାଗ ମୂର୍ତ୍ତି। ଏଗୁଡ଼ିକ କନ୍ଦାପ୍ରସ୍ତରରେ ନିର୍ମିତ। ବୌଦ୍ଧ ଦର୍ଶନର ମହାପଣ୍ଡିତ ଦିଗ୍‌ନାଗ ଏଠାରେ ରହିଥିବାର ଜନଶ୍ରୁତି ରହିଛି। ଏହାର ଦୁଇକିଲୋମିଟର ଦକ୍ଷିଣକୁ ରହିଛି ଡେଲାଙ୍ଗ। ଯାହା ଦିଗ୍‌ନାଗଙ୍କ ନାମରେ ନାମିତ ବୋଲି ଯୁକ୍ତି ରହିଛି। ସମ୍ଭବତଃ ଚତୁର୍ଥ ବା ସପ୍ତମ ଶତାବ୍ଦୀରେ ଏପରି ଧ୍ୟାନ ମନ୍ଦିର ସେଠାରେ ନିର୍ମିତ କରାଯାଇଥିଲା। ଏହା ବଜ୍ରଯାନୀ ବୌଦ୍ଧମାନଙ୍କର ଉପାସ୍ୟ ସ୍ଥଳୀ ଥିବାର କୁହାଯାଏ। ଏହା ସମ୍ପର୍କରେ ଆଲୋଚନା ଅନ୍ୟତ୍ର ହୋଇଛି। ଅରାଗଡ଼ର କିଛି ଦୂରରେ ରହିଛି କୁନ୍ତେଶ୍ୱର ଶିବ ମନ୍ଦିର। ଏହା ଅତୀତର ଏକ ବୌଦ୍ଧ ସ୍ଥାପତ୍ୟ ଭାବେ ବିଦିତ ଥିଲା। ଯାହାକି ପରବର୍ତ୍ତୀ କାଳରେ ଶୈବପୀଠକୁ ପରିବର୍ତ୍ତିତ ହୋଇଛି।

(କ୍ରମଶଃ)

# ଆଗ୍ରୀଷ୍ଟାକ୍ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ଓ ସମାଧାନ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଓଡ଼ିଶା ଭଳି ଏକ କୃଷିପ୍ରଧାନ ରାଜ୍ୟରେ ଚାଷୀମାନେ ନିଜର ଦିନରାତିର ପରିଶ୍ରମ ବଳରେ ସମଗ୍ର ସମାଜକୁ ଆହାର ଯୋଗାଇଥାନ୍ତି। କିନ୍ତୁ ବିଗତ କିଛି ଦିନ ହେବ କୃଷି କ୍ଷେତ୍ରରେ ଆରମ୍ଭ ହୋଇଥିବା ଡିଜିଟାଲ୍ ବିପ୍ଳବ, ବିଶେଷ କରି 'ଆଗ୍ରୀଷ୍ଟାକ୍' (AgriStack) ବା କୃଷକ ଡିଜିଟାଲ୍ ପରିଚୟ ପତ୍ର (Farmer ID)କୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଓ ଆଶଙ୍କା ଦେଖାଦେଇଛି। ସରକାରଙ୍କ ଦାବି ଅନୁଯାୟୀ ଏହା କୃଷି ପ୍ରଣାଳୀକୁ ସହଜ ଓ ସ୍ୱଚ୍ଛ କରିବ, କିନ୍ତୁ ବାସ୍ତବ ଗ୍ରାଉଣ୍ଡରେ ଏହା ଚାଷୀଙ୍କ ପାଇଁ ଏକ ବଡ଼ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଆଗ୍ରୀଷ୍ଟାକ୍ (AgriStack) କ'ଣ ?

ଆଗ୍ରୀଷ୍ଟାକ୍ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଡିଜିଟାଲ୍ କୃଷି ମିଶନ୍। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି:- ପ୍ରତ୍ୟେକ ଚାଷୀଙ୍କର ଏକ ୧୨ ଡିଜିଟ୍ ବିଶିଷ୍ଟ ବିଶିଷ୍ଟ କୃଷକ ଆଇଡି (Farmer ID) ତିଆରି କରିବା। ଚାଷୀଙ୍କ ଆଧାର କାର୍ଡ, ମୋବାଇଲ୍ ନମ୍ବର ଓ ଜମିର ପଟ୍ଟା (RoR)କୁ ପରସ୍ପର ସହ ସଂଯୋଗ (Link) କରିବା। ଜମିର ଜିଓ-ରେଫରେନ୍ସିଂ (Geo-referencing) ଏବଂ ରିଅଲ୍-ଟାଇମ୍ ଫସଲ ସର୍ଭେ କରିବା। ସରକାରଙ୍କ ଯୋଜନା ଅନୁଯାୟୀ, ଆଗାମୀ ଦିନରେ PM-KISAN, ସାର ରିହାତି, ଫସଲ ବୀମା ଏବଂ ମଣ୍ଡିରେ ଧାନ ବିକ୍ରି ଭଳି ସମସ୍ତ ସରକାରୀ ସୁବିଧା ପାଇବା ପାଇଁ ଏହି 'ଆଗ୍ରୀଷ୍ଟାକ୍ ଆଇଡି' ବାଧ୍ୟତାମୂଳକ ହେବ। ଚାଷୀଙ୍କ ମୁଣ୍ଡବ୍ୟଥାର ମୁଖ୍ୟ କାରଣଗୁଡ଼ିକ, ଯଦିଓ ଏହି ଯୋଜନାର ଲକ୍ଷ୍ୟ କାଗଜପତ୍ରରେ ଭଲ ଦେଖାଯାଉଛି, ବାସ୍ତବରେ ଗ୍ରାମାଞ୍ଚଳର କୃଷକମାନେ ଏହାଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି:--୧. ଜମି ବିବାଦ ଓ ରେକର୍ଡର ଅସଂଗତି, ଓଡ଼ିଶାର ଗ୍ରାମାଞ୍ଚଳରେ ଅନେକ ଜମି ବାପ-ଅଜାଙ୍କ ଅମଳରୁ ଭାଗ ହୋଇନଥାଏ। ପାରିବାରିକ ଭାଗ-ବଣ୍ଟା ମୌଖିକ ଭାବେ ହୋଇଥିଲେ ବି ରାଜସ୍ୱ ରେକର୍ଡରେ ମୃତ ବ୍ୟକ୍ତିଙ୍କ ନାମରେ ଜମି ଥାଏ ଆଗ୍ରୀଷ୍ଟାକ୍‌ରେ ଆଧାର ସହ ଜମି ସଂଯୋଗ ବାଧ୍ୟତାମୂଳକ ହୋଇଥିବାରୁ, ଭାଗ ଚାଷୀ ଓ ଉତ୍ତରାଧିକାରୀମାନେ ନିଜ ନାମରେ ରଜିଷ୍ଟ୍ରେସନ୍ କରିପାରୁନାହାନ୍ତି। ୨. ଭାଗଚାଷୀଙ୍କ ଭବିଷ୍ୟତ ପ୍ରତି ବିପଦ -- ଓଡ଼ିଶାରେ କୃଷି କାର୍ଯ୍ୟର ଏକ ବଡ଼ ଅଂଶ ଭାଗଚାଷୀଙ୍କ ଦ୍ୱାରା ହୋଇଥାଏ। 'ଆଗ୍ରୀଷ୍ଟାକ୍?' ରେ କେବଳ ଜମିର ପ୍ରକୃତ ମାଲିକଙ୍କ ନାମ ହିଁ ରେକର୍ଡ ହେଉଛି। ଫଳରେ ଯେଉଁମାନେ ପ୍ରକୃତରେ ଝାଳ ବୁହାଇ ଚାଷ କରୁଛନ୍ତି, ସେମାନେ ସରକାରୀ ସହାୟତା, ଫସଲ ବୀମା କିମ୍ବା ମଣ୍ଡିରେ ଧାନ ବିକ୍ରି ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି। ୩. ଡିଜିଟାଲ୍ ଅଜ୍ଞତା ଓ କାଫେ ବ୍ୟବସାୟୀଙ୍କ ଶୋଷଣ। ଗ୍ରାମାଞ୍ଚଳର ସଂଖ୍ୟାଧିକ ଚାଷୀ ବୟସ୍କ ଏବଂ ସ୍ମାର୍ଟଫୋନ୍ କିମ୍ବା ଇଣ୍ଟରନେଟ୍ ବ୍ୟବହାରରେ ଅଭ୍ୟସ୍ତ ନୁହଁନ୍ତି। Farmer ID ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ସାଇବର କାଫେ କିମ୍ବା ଜନସେବା କେନ୍ଦ୍ର (CSC) ଉପରେ ନିର୍ଭର କରିବାକୁ ପଡୁଛି। ଏହାର ସୁଯୋଗ ନେଇ କେତେକ ସ୍ଥାନରେ ଚାଷୀଙ୍କଠାରୁ ଅଧିକ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ୪. ନାମ, ଆଧାର ଓ ଜମି ପଟ୍ଟାରେ ତ୍ରୁଟି--ବହୁ ଚାଷୀଙ୍କ ଆଧାର କାର୍ଡରେ ଥିବା ନାମର ସ୍ପେଲିଂ (Spelling) ବନାନ ଏବଂ ଜମି ପଟ୍ଟାରେ ଥିବା ନାମ ମଧ୍ୟରେ ଫରକ ରହିଛି। ସ୍ପେଲିଂ ଗୋଟିଏ ଅକ୍ଷର ଭୁଲ୍ ଥିଲେ ବି ସିଷ୍ଟମ୍ ତାହାକୁ ଗ୍ରହଣ କରୁନାହିଁ। ଏହି ତ୍ରୁଟି ସଂଶୋଧନ ପାଇଁ ଚାଷୀଙ୍କୁ ତହସିଲ୍ ଅଫିସ୍‌ରୁ ଆଧାର କେନ୍ଦ୍ର ପର୍ଯ୍ୟନ୍ତ ଦୌଡ଼ିଦୌଡ଼ି ନୟାନ୍ତ ହେବାକୁ ପଡୁଛି। ୫. ଓଡ଼ିଶାର ଇ - କାଡାଷ୍ଟ୍ରାଲ୍ ସର୍ଭେର ଅପୂର୍ଣ୍ଣତା । ରାଜ୍ୟରେ ଏପର୍ଯ୍ୟନ୍ତ ସମସ୍ତ ଜମିର ସଠିକ୍ ଜିଓ-ରେଫରେନ୍ସିଂ କିମ୍ବା ଡିଜିଟାଲ୍ ମ୍ୟାପିଂ ଶେଷ ହୋଇନାହିଁ। ଏହାଫଳରେ ସରକାରୀ ସର୍ଭେ ଏବଂ ପ୍ରତ୍ୟେକ୍ଷ ଜମିର ଆକାର ମଧ୍ୟରେ ଫରକ ଦେଖାଯାଉଛି।

ଏହାର ପ୍ରଭାବ କ'ଣ ହୋଇପାରେ ?

ଯୋଜନାରୁ ବଞ୍ଚିତ:-- ଯଦି ସମୟସୀମା ମଧ୍ୟରେ Farmer ID ତିଆରି ନହୁଏ, ତେବେ ଚାଷୀମାନେ PM-KISAN, ଫସଲ କ୍ଷତିପୂରଣ ଏବଂ ବିଜ୍ଞାପିତ ସାର ପାଇବାରୁ ବଞ୍ଚିତ ହେବେ। ମଣ୍ଡି ସମସ୍ୟା:-- ଧାନ କ୍ରୟ ସମୟରେ ଟୋକନ୍ ମିଳିବାରେ ଅସୁବିଧା ହେବ, ଯାହା ଚାଷୀଙ୍କୁ ଦଲାଲ୍‌ଙ୍କ ହାତକୁ ଠେଲିଦେବ। ଉପରୋକ୍ତ ସମସ୍ୟାର ସମାଧାନ ପାଇଁ, ଡିଜିଟାଇଜେସନ୍ ସମୟର ଆବଶ୍ୟକତା, କିନ୍ତୁ ଏହା ଚାଷୀଙ୍କ ପାଇଁ ବୋଝ ନହୋଇ ସାହାଯ୍ୟକାରୀ ହେବା ଉଚିତ୍। ଏଥିପାଇଁ କିଛି ପଦକ୍ଷେପ ନିଆଯାଇପାରେ:-ଗାଁ ଗାଁରେ ସ୍ୱେଚ୍ଛାକୃତ ଶିବିର (Camps), ପଞ୍ଚାୟତ ସ୍ତରରେ ବିଶେଷ କ୍ୟାମ୍ପ୍ ଆୟୋଜନ କରି ରାଜସ୍ୱ ଅଧିକାରୀ (RI) ଓ କୃଷି ସଂପ୍ରସାରଣ ଅଧିକାରୀଙ୍କ ଉପସ୍ଥିତିରେ ଚାଷୀଙ୍କ ସମସ୍ୟାର ସରଳ ସମାଧାନ କରାଯାଉ।

ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ନିୟମ:-- ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଇନଗତ ସୁରକ୍ଷା ଓ ଆଗ୍ରୀଷ୍ଟାକ୍‌ରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଉ। ସ୍ପେଲିଂ ଓ ତ୍ରୁଟିରେ କୋହଳ ନୀତି:- ନାମରେ ସାମାନ୍ୟ ଭୁଲ୍ ଥିଲେ ମଧ୍ୟ ସ୍ଥାନୀୟ ସରପଞ୍ଚ କିମ୍ବା ରାଜସ୍ୱ ନିରୀକ୍ଷକଙ୍କ ପ୍ରମାଣପତ୍ର ଆଧାରରେ ପ୍ରକ୍ରିୟାକୁ ଗ୍ରହଣ କରାଯାଉ। ସମୟସୀମା ବୃଦ୍ଧି:- ଚାଷୀଙ୍କୁ ଏହି ପ୍ରକ୍ରିୟା ବୁଝିବା ଏବଂ ସମ୍ପୂର୍ଣ୍ଣ କରିବା ପାଇଁ ଯଥେଷ୍ଟ ସମୟ ଦିଆଯାଉ। ପରିଶେଷରେ ଏହି 'ଆଗ୍ରୀଷ୍ଟାକ୍' କୃଷି କ୍ଷେତ୍ରରେ ଏକ ଆଧୁନିକ ପଦକ୍ଷେପ ହୋଇପାରେ, କିନ୍ତୁ ଭୂମିହୀନ, ଭାଗଚାଷୀ ଏବଂ ସାଧାରଣ ନିରକ୍ଷର କୃଷକଙ୍କୁ ଏଥିରୁ ବାଦ୍ ଦେଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ସରକାର କେବଳ ଟେକ୍ନୋଲୋଜି ଉପରେ ନିର୍ଭର ନକରି ଚାଷୀଙ୍କ ବାସ୍ତବ ସମସ୍ୟାକୁ ସମ୍ବେଦନଶୀଳତାର ସହ ବିଚାର କରିବା ଆବଶ୍ୟକ, ଯେପରି ଏହି ଡିଜିଟାଲ୍ ପରିଚୟ ଚାଷୀଙ୍କ ପାଇଁ 'ମୁଣ୍ଡବ୍ୟଥା' ନହୋଇ 'ସୁରକ୍ଷା କବଚ' ପାଲଟିବ।

# ମଣିଷପଣିଆର ସବୁଠୁ ସୁନ୍ଦର ନାମ ମାନବିକତା



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖରେ ପାଳିତ ହେଉଥିବା ଏହି ଦିବସ ଆମକୁ ମନେ ପକାଇଦିଏ, ଆମେ କେବଳ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ମଧ୍ୟ ବଞ୍ଚିବା ଶିଖିବା ଦରକାର। କାହାର ଜୀବନରେ ଯେତେବେଳେ ଦୁଃଖର ଅନ୍ଧକାର ଘୋଟି ଆସେ, ସେତେବେଳେ ତା' ପାଖରେ ଆଶାର ଦୀପଟିଏ ଜଳାଇବା ହିଁ ମାନବିକତା। ମାନବିକତା କୌଣସି ବଡ଼ ବଡ଼ ଭାଷଣର ବିଷୟ ନୁହେଁ। ଏହା ଛୋଟ ଛୋଟ କାର୍ଯ୍ୟରେ ପ୍ରକାଶ ପାଏ। ରାସ୍ତାକଡ଼ରେ ଭୋକିଲା ମଣିଷକୁ ଖାଦ୍ୟ ଦେବା, ଅସହାୟ ବୃଦ୍ଧଙ୍କୁ ରାସ୍ତା ପାର କରାଇଦେବା, ଦୁର୍ଘଟଣା ଗ୍ରସ୍ତକୁ ହସ୍ପିଟାଲରେ ପହଞ୍ଚାଇବା, ରକ୍ତଦାନ କରିବା, ବିପଦରେ ଥିବା ପରିବାରକୁ ସାହାଯ୍ୟ କରିବା କିମ୍ବା ଦୁଇ ପଦ ସାନ୍ତ୍ୱନାର କଥା କହିବା ,ଏସବୁ ମାନବିକତାର ଉଦାହରଣ।

ମଣିଷ ହୋଇ ଜନ୍ମ ନେବା ସହଜ, କିନ୍ତୁ ପ୍ରକୃତ ମଣିଷ ହୋଇ ବଞ୍ଚିବା ହିଁ ଜୀବନର ସବୁଠାରୁ ବଡ଼ ସାଧନା। ଧନ, ସମ୍ପତ୍ତି, ପଦପଦବୀ କିମ୍ବା ପ୍ରତିଷ୍ଠା ମଣିଷକୁ ବଡ଼ କରିପାରେ; କିନ୍ତୁ ଅନ୍ୟର ଦୁଃଖରେ ଦୁଃଖୀ ହେବା, ବିପଦରେ ସାହାଯ୍ୟର ହାତ ବଢ଼ାଇବା ଓ ଅସହାୟର ଅଶ୍ରୁ ପୋଛିଦେବା ହିଁ ମଣିଷକୁ ମଣିଷପଣିଆର ପରିଚୟ ଦିଏ। ସେହି ମହାନ ମଣିଷପଣିଆକୁ ସମ୍ମାନ ଓ ସଚେତନ କରିବାର ଦିନ ହେଉଛି ବିଶ୍ୱ ମାନବିକତା ଦିବସ।

କେତେବେଳେ ଆମର ଗୋଟିଏ ଛୋଟ ପ୍ରୟାସ ବା ସାହାଯ୍ୟ ଅନ୍ୟ ଜଣଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ। ଆମ ପାଇଁ ହୁଏତ ଏକ ଗ୍ଲାସ ପାଣିର ମୂଲ୍ୟ ଅଳ୍ପ, କିନ୍ତୁ ତୃଷାର୍ତ୍ତ ପାଇଁ ସେହି ପାଣି ଜୀବନର ଆଶା। ଆମ ପାଇଁ କିଛି ମୁହୂର୍ତ୍ତର ସମୟ ହୁଏତ ସାଧାରଣ, କିନ୍ତୁ ଏକାକୀ ମଣିଷ ପାଇଁ ସେହି ସମୟ ହୋଇପାରେ ଅମୂଲ୍ୟ ସାଥି।

ପ୍ରାକୃତିକ ବିପର୍ଯ୍ୟୟ ହେଉ କି ଯୁଦ୍ଧ, ମହାମାରୀ ହେଉ କି ଦାରିଦ୍ର୍ୟ—ବିପଦ ମଣିଷର ଜୀବନକୁ ଅସହାୟ କରିଦିଏ। ସେତେବେଳେ ମଣିଷର ପ୍ରକୃତ ପରିଚୟ ତା'ର ସମ୍ପତ୍ତିରେ ନୁହେଁ, ତା'ର ସମ୍ବେଦନାରେ ପ୍ରକାଶ ପାଏ।

ବାତ୍ୟାରେ ଘର ଭାଙ୍ଗିଯାଇଥିବା ପରିବାର ପାଇଁ ଏକ ଆଶ୍ରୟ, ବନ୍ୟାରେ ଫସିଥିବା ଲୋକଙ୍କ ପାଇଁ ଏକ ଉଦ୍ଧାର ନୌକା, ଭୋକିଲା ଶିଶୁ ପାଇଁ ମୁଠାଏ ଖାଦ୍ୟ, ଅସହାୟ ରୋଗୀ ପାଇଁ ରକ୍ତର ବୁନ୍ଦା—ଏସବୁ କେବଳ ସାହାଯ୍ୟ ନୁହେଁ, ଏହା ମଣିଷ ପ୍ରତି ମଣିଷର ଦାୟିତ୍ୱ।

ଆମେ ବାରମ୍ବାର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବାତ୍ୟା ଓ ବନ୍ୟା ସମୟରେ ଅନେକ ଲୋକ ନିଜର ଦୁଃଖକୁ ଭୁଲି ଅନ୍ୟର ସହାୟତା ପାଇଁ ଆଗେଇ ଆସିଛନ୍ତି। ଏହି ସହଯୋଗର ମନୋଭାବ ହିଁ ଆମ ସମାଜର ମାନବିକ ମୁହଁକୁ ଉଜ୍ଜ୍ୱଳ କରେ।

ମାନବିକତାର କୌଣସି ଜାତି, ଧର୍ମ, ଭାଷା କିମ୍ବା ଦେଶର ସୀମାରେ ବନ୍ଧା ନୁହେଁ। ଯେଉଁଠି ମଣିଷ ଯନ୍ତ୍ରଣାରେ, ସେଇଠି ମାନବିକତାର ଆବଶ୍ୟକତା ରହିଛି। ସେଥିପାଇଁ ବିଶ୍ୱର ବିଭିନ୍ନ ସଙ୍କଟପ୍ରବଣ ଅଞ୍ଚଳରେ ମାନବିକ କର୍ମୀମାନେ ନିଜ ଜୀବନକୁ ବିପଦରେ ପକାଇ ଲୋକଙ୍କ ପାଖରେ ପହଞ୍ଚନ୍ତି। ସେମାନେ ଖାଦ୍ୟ, ପାଣି, ଔଷଧ, ଆଶ୍ରୟ ଓ ସୁରକ୍ଷା ଯୋଗାଇବା ସହ ଲୋକଙ୍କ ମନରେ ଆଶା ସୃଷ୍ଟି କରନ୍ତି।

ଏହି ସେବା ଆମକୁ ଶିଖାଏ ଯେ, ମାନବିକତାର ସବୁଠାରୁ ସୁନ୍ଦର ଭାଷା ହେଉଛି ସାହାଯ୍ୟର ହାତ। ଏହି ହାତ ଯେତେବେଳେ ଜଣେ ବିପନ୍ନଙ୍କ ହାତକୁ ଧରେ, ସେତେବେଳେ ତା' ମନରେ ଜନ୍ମ ନିଏ ଆଶା। ଆଜିର ସମାଜରେ ମାନବିକତାର ଆବଶ୍ୟକତା ଅଛି। ଆଧୁନିକ ଜୀବନ ଆମକୁ ଦ୍ରୁତ ଗତି ଦେଇଛି, କିନ୍ତୁ ଏହି ଦୌଡ଼ ଭିତରେ ଆମେ ଅନେକ ସମୟରେ ଅନ୍ୟର ଦୁଃଖ ଦେଖିବାକୁ ଭୁଲିଯାଉଛୁ। ସୋସିଆଲ ମିଡିଆରେ ଅନ୍ୟର ଦୁଃଖ ଦେଖିବା ସହଜ, କିନ୍ତୁ ସେହି ଦୁଃଖୀ ମଣିଷ ପାଖରେ ପହଞ୍ଚି ସାହାଯ୍ୟ କରିବା ହିଁ ପ୍ରକୃତ ମାନବିକତା।

ଆଜି ଆବଶ୍ୟକ ହେଉଛି ଏମିତି ଏକ ସମାଜ, ଯେଉଁଠି ପଡ଼ୋଶୀର ଦୁଃଖ ଆମ ଦୁଃଖ ହେବ, ଅଜଣା ଅସହାୟତା ଆମ ହୃଦୟକୁ ଛୁଇଁବ ଏବଂ ବିପନ୍ନଙ୍କ ଡାକ ଆମ ବିବେକକୁ ଜାଗ୍ରତ କରିବ। ମଣିଷର ଜୀବନକାଳ କେତେ ଦୀର୍ଘାୟୁ ହେଲା, କେତେ ଧନ ସଞ୍ଚୟ କଲା କିମ୍ବା କେତେ ପ୍ରତିଷ୍ଠା ଅର୍ଜନ କଲା, ତାହା ତା'ର ମହତ୍ତ୍ୱର ଏକମାତ୍ର ମାପକାଠି ନୁହେଁ। ତା' ଜୀବନରେ ସେ କେତେ ଲୋକଙ୍କ ମୁହଁରେ ହସ ଫୁଟାଇପାରିଲା, କେତେ ଅସହାୟଙ୍କ ଲୁହ ପୋଛିପାରିଲା ଏବଂ କେତେ ବିପନ୍ନ ମଣିଷର ହାତ ଧରିପାରିଲା, ସେହି ହିଁ ତା'ର ପ୍ରକୃତ ମଣିଷପଣିଆ ର ପରିଚୟ ଅଟେ।

ତେଣୁ ବିଶ୍ୱ ମାନବିକତା ଦିବସ କେବଳ ଜଣେ ଉଦାରବାଦୀକୁ ସମ୍ମାନ ଦେବାର ଦିନ ନୁହେଁ; ଏହା ପ୍ରତ୍ୟେକ ମଣିଷକୁ ନିଜ ଭିତରର ମଣିଷପଣିଆକୁ ଜାଗ୍ରତ କରିବାର ଦିନ ଅଟେ। ତେବେ,ଏହି ଦିବସରେ ଆମେ ସଂକଳ୍ପ ନେବା; ବିପନ୍ନ ମଣିଷକୁ ହତାଦାର କରିବା ନାହିଁ। ଯେଉଁଠି ସମ୍ଭବ, ସେଇଠି ସାହାଯ୍ୟ କରିବା; ଯେଉଁଠି ଆବଶ୍ୟକ, ସେଇଠି ସହଯୋଗର ହାତ ବଢ଼ାଇବା; ଆଉ ଯେଉଁଠି ମଣିଷ ଯନ୍ତ୍ରଣାରେ, ସେଠାରେ ମଣିଷ ହୋଇ ଠିଆ ହେବା ଉଚିତ୍।

କାରଣ ଶେଷ ପରିଣତି ଆମ ପରିଚୟ ଧନରେ ନୁହେଁ, ପଦରେ ନୁହେଁ ଆମ ମଣିଷପଣିଆରେ ଅଟେ। ମଣିଷ ହେବା ଜନ୍ମର ପରିଚୟ, ମାତ୍ର ମଣିଷପଣିଆ ପ୍ରମାଣ କରିବା ଜୀବନର ସାର୍ଥକତା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅଗଷ୍ଟ ୨୦୨୬ ବୁଧବାର



# ଚାରି ମାସରେ ଲଞ୍ଚ୍ ହେବ ଗଗନଯାନ : କିଭଳି ଖାସ୍ ରହିବ ଚଳିତ ବର୍ଷ

**ନୂଆଦିଲ୍ଲୀ :** ଭାରତର ବହୁ ପ୍ରତିକ୍ଷୀତ ଗଗନଯାନ ମିଶନ ଏବେ ନିଜ ଅନ୍ତିମ ପର୍ଯ୍ୟାୟରେ। ଚଳିତ ବର୍ଷ ଇସ୍ରୋ ୮ ଯାନ ମିଶନ ଉତକ୍ଷେପଣ ଏବଂ ୧୨ଟି ସେଟଲାଇଟ ନିର୍ମାଣ କରିବାକୁ ଯୋଜନା ରଖିଛି । ଏଥିରେ ସବୁଠାରୁ ଖାସ୍ ଗଗନଯାନ ମିଶନର ପ୍ରଥମ ଉଡ଼ାଣ ଅଟେ । ଏହା ମାନବବିହୀନ ହେବ, କିନ୍ତୁ ଏହାର ସଫଳତା ମିଶନକୁ ଆଉ ଗୋଟିଏ ପାଦ ଆଗକୁ ନେଇଯିବ। ଇସ୍ରୋର ମୁଖ୍ୟ ଡ. ବି ନାରାୟଣନ ନିଜେ ଏହାର ସୂଚନା ଦେଇଛନ୍ତି । ଅହମଦାବାରେ ସ୍ପେଶ ଡେ ଦିନ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି କି ଗଗନଯାନ ମିଶନର ମାନବବିହୀନ ଉଡ଼ାଣ ଆଗାମୀ ୪ ମାସ ଭିତରେ ପୂରା କରି ନିଆଯିବ । ସେ କହିଛନ୍ତି କି ଏବେ ପର୍ଯ୍ୟନ୍ତ ଏହି ମିଶନ ଲାଗି ୮ ହଜାରରୁ ଅଧିକ ପରୀକ୍ଷଣ ପୂରା କରାଯାଇସରିଛି। ଏବେ ଆମେ ଅନ୍ତିମ ପର୍ଯ୍ୟାୟରେ ଅଛୁ । ଏହା ମାନବ ମିଶନ ଅଟେ, ଏଥିଲାଗି ଏହାର ସମସ୍ତ ଦିଗ ଉପରେ ବହୁତ ଗମ୍ଭୀରତାର ସହ କାମ କରାଯାଉଛି । ଇସ୍ରୋ ଅଧ୍ୟକ୍ଷ ଡ. ବି ନାରାୟଣନଙ୍କ ଅନୁସାରେ ଗଗନଯାନ ଭାରତର ପ୍ରଥମ ଅନ୍ତରୀକ୍ଷ ମାନବ ମିଶନ ଅଟେ । ଏହା ମାଧ୍ୟମରେ ଭାରତୀୟ ମହାକାଶଚାରୀମାନଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ପଠାଯିବ ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯିବ । ଏହି ମିଶନ ସହ ଆମେରିକା, ଋଷ ଏବଂ ଚୀନ ପରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହୋଇଯିବ ଯିଏ ନିଜ ଦମରେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇ ପାରିବ। ଇସ୍ରୋ ମୁଖ୍ୟଙ୍କ ଅନୁସାରେ ଫାଇନାଲ ମିଶନ ପୂର୍ବରୁ ୩ ମାନବ ବିହୀନ ମିଶନ ପଠାଯିବ । ଏହାଦ୍ୱାରା ମହାକାଶଯାନ ଏବଂ ରକେଟର କ୍ଷମତା ପରୀକ୍ଷା କରି ସିଷ୍ଟମଗୁଡ଼ିକ ଯୋଜନା ଅନୁଯାୟୀ କାମ କରୁଛି କି ନାହିଁ ତାହା ଦେଖିହେବ। ଗଗନଯାନ କେବଳ ଏକ ରକେଟ ଲଞ୍ଚ ନୁହେଁ , ଏହା ଭାରତର ଏବେ ପର୍ଯ୍ୟନ୍ତ ସବୁଠାରୁ ବଡ଼ ମିଶନ ଅଟେ । ଏଥିରେ ଏଭଳି କୌଶଳ ସାମିଲ ଅଛି ଯାହା ଭାରତ ଏବେ ପର୍ଯ୍ୟନ୍ତ ପ୍ରୟୋଗ କରିନାହିଁ । ଏଥିରେ କ୍ରୁ ମଡ୍ୟୁଲ, ଜୀବନ ରକ୍ଷକ ପ୍ରଣାଳୀ, କ୍ରୁ ଏସ୍କେପ ସିଷ୍ଟମ, ସୁରକ୍ଷିତ ରି ଏଣ୍ଟ୍ରି କୌଶଳ। ସମୁଦ୍ରରେ ଏକ ସ୍ପଲଶଡାଉନ୍ ଏବଂ ରିକୋଭରି ଯୋଜନା ଅଛି । ଏହି ସମସ୍ତ କୌଶଳ ଉପରେ ଇସ୍ରୋକୁ ଏକ ସାଥିରେ କାମ କରିବାକୁ ହେବ। କାରଣ ମିଶନରେ ମହାକାଶଚାରୀଙ୍କୁ ପଠାଯିବ । ଯାହାଙ୍କ ସୁରକ୍ଷା ସବୁଠାରୁ ଅଧିକ ଜରୁରୀ ଅଟେ। ଏଥିଲାଗି ପ୍ରଥମେ ମାନବ ବିହୀନ ମିଶନ ଲଞ୍ଚ କରାଯିବ। ଏକ ମିଶନରେ ଇସ୍ରୋ ବ୍ୟୋମିତ୍ର ରୋବଟକୁ ବି ପଠାଇପାରେ। ଯାହା ମହାକାଶଚାରୀଙ୍କ ଭଳି ଅଟେ ଏହା ଚେକ୍ କରିବ କି ପରିସ୍ଥିତି ତାଙ୍କ ଅନୁକୂଳ ଅଟେ କି ନାହିଁ । ଅହମଦାବାଦରେ ଏକ କାର୍ଯ୍ୟକ୍ରମରେ ଇସ୍ରୋ ଚିଫ୍ ଡ.ନାରାୟଣନ କହିଛନ୍ତି କି ଏହି ବର୍ଷ ଇସ୍ରୋ ୧୨ ସେଟେଲାଇଟ୍ ପ୍ରସ୍ତୁତ କରିବ ଏବଂ ୮ ଲଞ୍ଚ ହ୍ୱିକଲ ମିଶନ ଲଞ୍ଚ କରିବା ଉପରେ କାମ କରୁଛି । ଏଗୁଡ଼ିକ ନେଭିଗେଶନ, ପର୍ଯ୍ୟବେକ୍ଷଣ ଏବଂ ସାଇଣ୍ଟିଫିକ ରିସର୍ଚ ପାଇଁ ବ୍ୟବହୃତ ହେବ । ଭବିଷ୍ୟତରେ ମାନବ ମିଶନ ଅଭିଯାନରେ ବି ସହଯୋଗ କରିବ।




# ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬: କେରଳର କାଜିଆ ଲିଜ୍ ମାଜୋଙ୍କ ମୁଣ୍ଡରେ ବିଜୟ ମୁକୁଟ



**ନୂଆଦିଲ୍ଲୀ :** କେରଳର କାଜିଆ ଲିଜ୍ ମାଜୋ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ବିଜେତା ହୋଇଛନ୍ତି। ଅଗଷ୍ଟ ୨୩ ତାରିଖରେ ରାଜସ୍ଥାନର ଜୟପୁରସ୍ଥିତ ଜୀ ଷ୍ଟୁଡିଓରେ ଆୟୋଜିତ ଏହି ପ୍ରତିଯୋଗିତାର ତୃତୀୟ ସଂସ୍କରଣରେ ୫୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଦୀର୍ଘ ପ୍ରତିଯୋଗିତା ପରେ ରାତି ପ୍ରାୟ ୨ଟା ୩୦ ମିନିଟ୍ରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା।

ଶ୍ରେଷ୍ଠ ୫ ଫାଇନାଲିଷ୍ଟଙ୍କ ମଧ୍ୟରେ ତାମିଲନାଡୁର ବୈଷ୍ଣବୀ ଗଣେଶ, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ, କେରଳର କାଜିଆ ଲିଜ୍ ମାଜୋ, ଗୁଜରାଟର ଅନୁଶ୍ରୀ ସାତଓ୍ୱାଲେକର ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ସ୍ଥାନ ପାଇଥିଲେ। ଫାଇନାଲ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ୪୦ ସେକେଣ୍ଡ ମଧ୍ୟରେ ନିଜର ଶେଷ ମନ୍ତବ୍ୟ ରଖିବାକୁ କୁହାଯାଇଥିଲା। ଏହି ରାଉଣ୍ଡରେ ନିଜର ଆତ୍ମବିଶ୍ୱାସ ଓ ଚିନ୍ତାଧାରାର ଦୃଢ଼ ପ୍ରଦର୍ଶନ କରି କାଜିଆ ଲିଜ୍ ମାଜୋ ବିଜୟ ହାସଲ କରିଥିଲେ। ପୂର୍ବତନ ବିଜେତା ମନିକା ବିଶ୍ୱକର୍ମା ତାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଫାଇନାଲରେ କାଜିଆ ଲିଜ୍ ମାଜୋ ଓ ତାମିଲନାଡୁର ବୈଷ୍ଣବୀ ଗଣେଶଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ କାଜିଆ ବିଜେତା ହୋଇଥିବା ବେଳେ ବୈଷ୍ଣବୀ ଗଣେଶ ପ୍ରଥମ ରନର୍ସ ଅପ୍ ହୋଇଛନ୍ତି। ଗୁଜରାଟର ଅନୁଶ୍ରୀ ସାତଓ୍ୱାଲେକର ଦ୍ୱିତୀୟ ରନର୍ସ ଅପ୍, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ ତୃତୀୟ ରନର୍ସ ଅପ୍ ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ଚତୁର୍ଥ ରନର୍ସ ଅପ୍ ହୋଇଛନ୍ତି।

୧୯ ବର୍ଷୀୟା କାଜିଆ ଲିଜ୍ ମାଜୋ ଜଣେ ଆଇନ ଛାତ୍ରୀ, ମଡେଲ୍ ଏବଂ ପ୍ରଶିକ୍ଷିତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ତାଙ୍କର ଏହା ପ୍ରଥମ ବଡ଼ ସଫଳତା ନୁହେଁ। ସେ ପୂର୍ବରୁ 'ମିସ୍ ଟିନ୍ ଇଣ୍ଟରନ୍ୟାସନାଲ୍' ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରି ପ୍ରଥମ ରନର୍ସ ଅପ୍ ହୋଇଥିଲେ। ୨୦୨୬ରେ ଜାତୀୟ ସ୍ତରର 'ମିସ୍ ୟୁନିଭର୍ସ ଇଣ୍ଡିଆ' ମୁକୁଟ ଜିତିବା ପୂର୍ବରୁ ସେ 'ମିସ୍ ୟୁନିଭର୍ସ କେରଳ ୨୦୨୬' ଟାଇଟଲ ମଧ୍ୟ ହାସଲ କରିଥିଲେ। ଏବେ ଜାତୀୟ ମଞ୍ଚରେ ବିଜୟ ପରେ ତାଙ୍କ ଉପରେ ଆଉ ଏକ ବଡ଼ ଦାୟିତ୍ୱ ଆସିଛି।

କାଜିଆ ଲିଜ୍ ମାଜୋ ନଭେମ୍ବର ୨୦୨୬ରେ ପୁଏର୍ଟୋ ରିକୋରେ ଆୟୋଜିତ ହେବାକୁ ଥିବା 'ମିସ୍ ୟୁନିଭର୍ସ ୨୦୨୬'ରେ ଭାରତକୁ ପ୍ରତିନିଧିତ୍ୱ କରିବେ। ଜାତୀୟ ମଞ୍ଚରେ ବିଜୟ ପରେ ଏବେ ଅନ୍ତର୍ଜାତୀୟ ମଞ୍ଚରେ ଭାରତର ଗୌରବ ବଢ଼ାଇବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେବ।

# ଲକ୍ଷ୍ମୀ ବାନ୍ଧିଥିଲେ ରାକ୍ଷୀ ବଳୀଙ୍କୁ

ଭାଇ-ଭଉଣୀର ଅତୁଟ ସ୍ନେହ ଓ ଭଲପାଇବାର ପର୍ବ ରକ୍ଷାବନ୍ଧନ। ଭାଇ ହାତରେ ରାକ୍ଷୀ ବାନ୍ଧି ତା'ର ଦୀର୍ଘାୟୁ କାମନା କରେ ଭଉଣୀ, ଆଉ ଭଉଣୀର ମାନ-ସମ୍ମାନ ଓ ସୁରକ୍ଷାର ପ୍ରତିଶ୍ରୁତି ଦିଏ ଭାଇ । ତେବେ ଆପଣ ଜାଣିଛନ୍ତି କି ? କେବେଠୁ ଆରମ୍ଭ ହେଲା ଏହି ପରମ୍ପରା ? କିଏ ପ୍ରଥମେ କାହାକୁ ବାନ୍ଧିଥିଲେ ରାକ୍ଷୀ ? ପୁରାଣରୁ ଇତିହାସ ଯାଏଁ ରହିଛି ଏହାକୁ ନେଇ ଅନେକ ରୋଚକ କାହାଣୀ। ରକ୍ଷାବନ୍ଧନର ଇତିହାସ କେତେ ପୁରୁଣା, ତା'ର ନିର୍ଦ୍ଧିଷ୍ଟ ପ୍ରମାଣ ନଥିଲେ ମଧ୍ୟ ପୁରାଣ ଓ ଲୋକକଥାରେ ଏହି ପର୍ବକୁ ନେଇ ରହିଛି ଅନେକ କାହାଣୀ । ସେଥିମଧ୍ୟରୁ ମାତା ଲକ୍ଷ୍ମୀ ଓ ଅସୁରରାଜ ବଳୀଙ୍କ କାହାଣୀ ବେଶ୍ ଲୋକପ୍ରିୟ । କୁହାଯାଏ, ବଳୀଙ୍କ ଦାନଶୀଳତାରେ ପ୍ରସନ୍ନ ହୋଇ ଭଗବାନ ବିଷ୍ଣୁ ତାଙ୍କୁ ବର ଦେଇଥିଲେ । ବଳୀଙ୍କ ଅନୁରୋଧରେ ବିଷ୍ଣୁ ପାତାଳରେ ରହିଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ବିଷ୍ଣୁ ବୈକୁଣ୍ଠ ନ ଫେରିବାରୁ ମାତା ଲକ୍ଷ୍ମୀ ଜଣେ ସାଧାରଣ ନାରୀ ବେଶରେ ବଳୀଙ୍କ ପାଖକୁ ଯାଇ ତାଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ବଳୀ ଉପହାର ମାଗିବାରୁ ଲକ୍ଷ୍ମୀ ନିଜର ପ୍ରକୃତ ପରିଚୟ ଦେଇ ବିଷ୍ଣୁଙ୍କୁ ବୈକୁଣ୍ଠ ଫେରାଇ ନେବାକୁ ଅନୁମତି ମାଗିଥିଲେ। ରାକ୍ଷୀର ସମ୍ପର୍କକୁ ସମ୍ମାନ ଦେଇ ବଳୀ ଏଥିପାଇଁ ରାଜି ହୋଇଥିଲେ । ସେହିପରି ଯମରାଜ ଓ ଯମୁନାଙ୍କୁ ନେଇ ମଧ୍ୟ ଏକ କାହାଣୀ ରହିଛି। ଶ୍ରାବଣ ପୂର୍ଣ୍ଣିମାରେ ଯମୁନା ତାଙ୍କ ଭାଇ ଯମରାଜଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଭଉଣୀର ସ୍ନେହରେ ପ୍ରସନ୍ନ ହୋଇ ଯମରାଜ ତାଙ୍କୁ ଅମର ବର ଦେଇଥିଲେ । ଏହି କାହାଣୀକୁ ଆଧାର କରି ରାକ୍ଷୀ ବାନ୍ଧିବାର ପରମ୍ପରା ସହ ଭାଇର ଦୀର୍ଘାୟୁ ଓ ସୁରକ୍ଷାର କାମନା ଯୋଡ଼ି ହୋଇଥିବା ବିଶ୍ୱାସ ରହିଛି । ସେହିପରି ମହାଭାରତରେ ମଧ୍ୟ କୃଷ୍ଣ ଓ ଦ୍ରୌପଦୀଙ୍କ ସମ୍ପର୍କକୁ ନେଇ ରକ୍ଷାସୂତ୍ରର ଏକ ରୋଚକ କାହାଣୀ ରହିଛି। ଶିଶୁପାଳଙ୍କୁ ବଧ କଲାବେଳେ କୃଷ୍ଣଙ୍କ ଆଙ୍ଗୁଠିରେ କ୍ଷତ ହୋଇଥିଲା। ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପଣତ ଚିରି ତାଙ୍କ ଆଙ୍ଗୁଠିରେ ବାନ୍ଧିଥିଲେ । ଦ୍ରୌପଦୀଙ୍କ ଏହି ସ୍ନେହକୁ କୃଷ୍ଣ ମନେ ରଖିଥିଲେ ଏବଂ ସଙ୍କଟ ସମୟରେ ସହସ୍ର ବସ୍ତ୍ର ଦେଇ ତାଙ୍କ ସମ୍ମାନ ରକ୍ଷା କରିଥିଲେ। ଗଣେଶ ପୁରାଣରେ ମଧ୍ୟ ରାକ୍ଷୀକୁ ନେଇ ଏକ କାହାଣୀ ରହିଛି । ଗଣେଶଙ୍କ ପୁଅ ଶୁଭ ଓ ଲାଭ ଭଉଣୀ ପାଇଁ ଇଚ୍ଛା ପ୍ରକାଶ କରିବା ପରେ ଯଜ୍ଞର ଅଗ୍ନିରୁ ଦେବୀ ସନ୍ତୋଷୀଙ୍କ ଆବିର୍ଭାବ ହୋଇଥିଲେ। କେବଳ ପୁରାଣ ନୁହେଁ, ରାକ୍ଷୀକୁ ନେଇ ଇତିହାସରେ ମଧ୍ୟ ଲୋକପ୍ରଚଳିତ କାହାଣୀ ରହିଛି। ସିକନ୍ଦର ଓ ରାଜା ପୁରୁଙ୍କ ଯୁଦ୍ଧ ସମୟରେ ସିକନ୍ଦରଙ୍କ ପତ୍ନୀ ପୁରୁଙ୍କୁ ରାକ୍ଷୀ ପଠାଇ ସ୍ୱାମୀଙ୍କ ଜୀବନ ଭିକ୍ଷା କରିଥିଲେ। ରାକ୍ଷୀର ମର୍ଯ୍ୟାଦା ରଖି ରାଜା ପୁରୁ ଯୁଦ୍ଧଭୂମିରେ ସିକନ୍ଦରଙ୍କୁ ଜୀବନଦାନ ଦେଇଥିଲେ। ପୁରାଣ ହେଉ କି ଲୋକକଥା, କିମ୍ବା ଇତିହାସ। ରାକ୍ଷୀ ହେଉଛି ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ । ସମୟ ବଦଳିଛି, ପରମ୍ପରା ବଦଳିଛି, କିନ୍ତୁ ଭାଇ-ଭଉଣୀର ସମ୍ପର୍କକୁ ଆହୁରି ମଜବୁତ କରୁଥିବା ଏହି ପବିତ୍ର ସୂତ୍ରର ମହତ୍ତ୍ୱ ଆଜି ବି ସମାନ।

# ଉତ୍ତର କୋରିଆର ଆଇନ ସବୁଠାରୁ କଠୋର : ଛୋଟ ଅପରାଧ ପାଇଁ ମିଳିଥାଏ ମୃତ୍ୟୁଦଣ୍ଡ !

**ନୂଆଦିଲ୍ଲୀ :** ଯେତେବେଳେ ସବୁଠାରୁ କଠୋର ଆଇନ ଥିବା ଦେଶଗୁଡ଼ିକ କଥା ଆସେ ପ୍ରାୟତଃ ସାଉଦି ଆରବ ପ୍ରଥମେ ମନେ ପଡ଼େ । କିନ୍ତୁ ଆପଣ ଜାଣିଛନ୍ତି କି ଉତ୍ତର କୋରିଆର ଆଇନ ବିଶ୍ୱର ସବୁଠାରୁ କଠୋର ଆଇନରୁ ଗୋଟିଏ। ଉତ୍ତର କୋରିଆ, ଇରାନ, ସିଙ୍ଗାପୁର ଏବଂ ଚୀନ୍ ସେହି ଦେଶମାନଙ୍କ ମଧ୍ୟରେ ଅଛନ୍ତି ଯେଉଁଠାରେ ଦଣ୍ଡ ପ୍ରାୟତଃ କଠୋର ଦିଆଯାଇଥାଏ । ମାତ୍ର ତାଙ୍କ ଆଇନ ଏବଂ ଏହାକୁ ଲାଗୁ କରିବାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଫରକ ରହିଛି। ଉତ୍ତର କୋରିଆର ଆଇନ ବିଶ୍ୱର ସବୁଠାରୁ କଠୋର ଆଇନରୁ ଗୋଟିଏ। ସରକାର ବିଦେଶୀ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ କରନ୍ତି ଏବଂ ଅନଧିକୃତ ବିଦେଶୀ ବିଷୟବସ୍ତୁ ରଖିବା କିମ୍ବା ପ୍ରସାରଣ କରିବା ଦ୍ୱାରା କଠୋର ଦଣ୍ଡ ହୋଇପାରେ। ଦକ୍ଷିଣ କୋରିଆର ଫିଲ୍ମ, ଟେଲିଭିଜନ କାର୍ଯ୍ୟକ୍ରମ ବିଶେଷ ଭାବେ ସମ୍ବେଦନଶୀଳ ବୋଲି ବିବେଚନା କରାଯାଏ। କାରଣ କର୍ତ୍ତୃପକ୍ଷ ସେଗୁଡ଼ିକୁ ଦେଶର ରାଜନୈତିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ପାଇଁ ବିପଦ ବୋଲି ବିବେଚନା କରନ୍ତି। ନିଷିଦ୍ଧ ବିଦେଶୀ ଗଣମାଧ୍ୟମକୁ ପ୍ରସାରଣ କିମ୍ବା ଦେଖିବା ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତିମାନେ ଦୀର୍ଘ ଜେଲ ଦଣ୍ଡର ସମ୍ମୁଖୀନ ହୋଇପାରନ୍ତି। କିଛି କ୍ଷେତ୍ରରେ, ମୃତ୍ୟୁ ଦଣ୍ଡର ମଧ୍ୟ ରିପୋର୍ଟ ଆସିଛି । ସରକାର ବିଦେଶୀ ପ୍ରସାରଣ ଏବଂ ନେତୃତ୍ୱର ସମାଲୋଚନାକୁ ମଧ୍ୟ କଠୋର ଭାବରେ ପ୍ରତିବନ୍ଧିତ କରନ୍ତି। ଏହି ପ୍ରତିବନ୍ଧକଗୁଡ଼ିକ ବାହ୍ୟ ସୂଚନା ପ୍ରବେଶକୁ ଅତ୍ୟନ୍ତ ବିପଦପୂର୍ଣ୍ଣ କରିଥାଏ। ଧର୍ମ, ନୈତିକତା ଏବଂ ଜାତୀୟ ସୁରକ୍ଷାକୁ ନିୟନ୍ତ୍ରଣ କରୁଥିବା ଇରାନର କଠୋର ଆଇନ ଅଛି । ଇସଲାମିକ ଗଣରାଜ୍ୟ ପାଇଁ ବିପଦ ବୋଲି ବିବେଚିତ ଈଶ୍ୱର ନିନ୍ଦା, ଧର୍ମତ୍ୟାଗ ଏବଂ କାର୍ଯ୍ୟଗୁଡ଼ିକ ଇରାନ ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡ ସମେତ କଠୋର ଦଣ୍ଡରେ ଦଣ୍ଡିତ ହୋଇପାରେ। ନିଶାଦ୍ରବ୍ୟ ସମ୍ବନ୍ଧୀୟ ଅପରାଧ ଲାଗି ବି ମୃତ୍ୟୁଦଣ୍ଡ ହୋଇପାରେ । ମାତ୍ର ଅପରାଧର ଗମ୍ଭୀରତା ଏବଂ ସମ୍ପୃକ୍ତ ଔଷଧର ପରିମାଣ ଉପରେ ନିର୍ଭର କରି ମୃତ୍ୟୁଦଣ୍ଡ ଦେବାର ପଦ୍ଧତି ସମୟ ସହିତ ଭିନ୍ନ ହୋଇଛି। କର୍ତ୍ତୃପକ୍ଷମାନେ ସରକାର ବିରୋଧୀ ପ୍ରତିବାଦ ଏବଂ ଜାତୀୟ ସୁରକ୍ଷା ପାଇଁ ବିପଦ ବୋଲି ବିବେଚିତ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ମଧ୍ୟ ଦଣ୍ଡିତ କରିଥାନ୍ତି । ସିଙ୍ଗାପୁର ଏହାର ପରିଷ୍କାର, କାର୍ଯ୍ୟ ଦକ୍ଷତା ଏବଂ ସାର୍ବଜନୀନ ବ୍ୟବସ୍ଥା ଆଇନର କଠୋର କାର୍ଯ୍ୟକାରୀତା ପାଇଁ ବେଶ ଜଣାଶୁଣା । ନିଶାଦ୍ରବ୍ୟ ଉପରେ ଏହାର ଦୃଷ୍ଟିକୋଣ ବିଶେଷ ଭାବରେ କଠୋର। ନିଶାଦ୍ରବ୍ୟ ଚାଲାଣ ସମେତ କିଛି ଗମ୍ଭୀର ଅପରାଧରେ ଆଇନଗତ ଆବଶ୍ୟକତା ଏବଂ କୋର୍ଟ କାର୍ଯ୍ୟପନ୍ଥା ଅନୁଯାୟୀ ମୃତ୍ୟୁଦଣ୍ଡ ହୋଇପାରେ। ଦେଶର ନିଶାଦ୍ରବ୍ୟ ଆଇନ ବିଶ୍ୱର ସବୁଠାରୁ କଠୋର। ତଥାପି, ସାର୍ବଜନୀନ ସ୍ଥାନରେ ପ୍ରତ୍ୟେକ ଛୋଟ ଅପରାଧକୁ କଠୋର ଦଣ୍ଡ ଦିଆଯାଏନାହିଁ। ଆବର୍ଜନା, ଭଙ୍ଗାରୁଜା ଏବଂ କିଛି ସାର୍ବଜନୀନ ବ୍ୟବସ୍ଥା ନିୟମ ଉଲ୍ଲଂଘନ ପାଇଁ ଭାରୀ ଜରିମାନା କିମ୍ବା ଅନ୍ୟାନ୍ୟ ଦଣ୍ଡ ହୋଇପାରେ। ସିଙ୍ଗାପୁରରେ ଚୁଇଙ୍ଗମ୍ ଉପରେ ପ୍ରସିଦ୍ଧ ନିଷେଧକୁ ପ୍ରାୟତଃ ସମ୍ପୂର୍ଣ୍ଣ ବେଆଇନ ବୋଲି କୁହାଯାଏ। ତଥାପି, ବାସ୍ତବତା ଟିକିଏ ଭିନ୍ନ। ଏଠାରେ ସାଧାରଣତ ନିୟମିତ ଚୁଇଙ୍ଗମ୍ ବିକ୍ରୟ ଏବଂ ଆମଦାନୀ ଉପରେ କଠୋର କଟକଣା ରହିଛି, ଯେତେବେଳେ ଅନୁମୋଦିତ ଔଷଧୀୟ ଗମ୍ ପାଇଁ ନିୟମ ଭିନ୍ନ। ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ଚୀନରେ ସର୍ବାଧିକ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ଯଦିଓ ସଠିକ୍ ସଂଖ୍ୟାକୁ ରାଷ୍ଟ୍ର ଗୁପ୍ତ ଭାବରେ ବିବେଚନା କରାଯାଏ, ସାଧାରଣ ହିଂସାତ୍ମକ ଅପରାଧ ବ୍ୟତୀତ ବିଭିନ୍ନ ଅପରାଧ ପାଇଁ ମଧ୍ୟ ମୃତ୍ୟୁଦଣ୍ଡ ଲାଗୁ କରାଯାଏ। ଚୀନ୍ର ଆଇନ ଅନୁଯାୟୀ, ଦୁର୍ନୀତି, ନିଶାଦ୍ରବ୍ୟ ଅପରାଧ, ଆର୍ଥିକ ଠକେଇ ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ କିଛି ଗମ୍ଭୀର ଅପରାଧ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇପାରେ। ତଥାପି, ଏହା କହିବା ଭୁଲ ହେବ ଯେ ସାମାନ୍ୟ ଟିକସ ଭୁଲ କିମ୍ବା ସରଳ ଦୁର୍ନୀତି ପାଇଁ ମଧ୍ୟ କାହାକୁ ମୃତ୍ୟୁଦଣ୍ଡ ଦିଆଯାଇପାରେ। ସାଧାରଣତଃ ଆଇନଗତ ସର୍ତ୍ତାବଳୀ ପୂରଣ କରୁଥିବା ଅତ୍ୟନ୍ତ ଗମ୍ଭୀର ଅପରାଧ ପାଇଁ ମୃତ୍ୟୁଦଣ୍ଡ ଦିଆଯାଏ।



# ରହସ୍ୟମୟ ଉନାକୋଟିରେ କୋଟିଏରୁ ଗୋଟିଏ କମ୍ ଠାକୁରଙ୍କ ମୂର୍ତ୍ତି

ଭାରତରେ ବହୁ ରହସ୍ୟମୟ ପ୍ରାଚୀନ ମନ୍ଦିର ରହିଛି, ଯାହା ବିଷୟରେ ଲୋକମାନେ ଖୁବ୍ କମ୍ ଜାଣନ୍ତି । ଏହି ସ୍ଥାନ ଗୁଡ଼ିକରେ ଅନେକ କାହାଣୀ ଲୁଚି ରହିଛି । ଏଭଳି ଏକ ରହସ୍ୟମୟ ସ୍ଥାନ ହେଉଛି ତ୍ରିପୁରାର ଉନାକୋଟି । ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ ପର୍ବତ ଘେରା ଏହି ସ୍ଥାନରେ ଅନେକ ଦେବାଦେବୀଙ୍କ ବିଶାଳ ପଥର ମୂର୍ତ୍ତି ରହିଛି। ପାହାଡ଼କୁ କାଟି ଏହି ମୂର୍ତ୍ତି ଗୁଡ଼ିକୁ ନିର୍ମାଣ କରାଯାଇଛି । ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏଠାରେ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି । ଅର୍ଥାତ୍ ଏକ କୋଟିରୁ ମାତ୍ର ଗୋଟିଏ ମୂର୍ତ୍ତି କମ୍ ରହିଛି । ତେବେ ଉନାକୋଟିରେ ଏତେ ମୂର୍ତ୍ତି କିଏ ତିଆରି କଲା ? ଏହାକୁ ନିର୍ମାଣ କରିବାକୁ କେତେ ସମୟ ଲାଗିଲା ? ତାହା ଏବେ ସମସ୍ତଙ୍କ ପାଇଁ ବଡ଼ ପ୍ରଶ୍ନବାଚୀ ପାଲଟିଛି । ଉନାକୋଟି ଏକ ପ୍ରାଚୀନ ଶୈବ ତୀର୍ଥସ୍ଥଳୀ । ସପ୍ତମରୁ ନବମ ଶତାବ୍ଦୀ ମଧ୍ୟରେ ଏହି ଶୈବପୀଠ ନିର୍ମାଣ ହୋଇଥିବା ଅନୁମାନ କରାଯାଉଛି । ୧୫୦ ଏକରରେ ବ୍ୟାପିଥିବା ଏହି ଅଞ୍ଚଳକୁ ପୂର୍ବର ଅଙ୍ଗକୋର ୱାଟ ବୋଲି କୁହନ୍ତି। ଏଠାରେ ଭଗବାନ ଶିବଙ୍କର ବିଶାଳ ପ୍ରତିମା ରହିଛି । ଉନାକୋଟିଶ୍ୱର ଭୈରବ ଏହି ସ୍ଥାନର ମୁଖ୍ୟ ଆକର୍ଷଣ। ଏହି ପ୍ରତିମାର ଉଚ୍ଚତା ପାଖାପାଖି ୩୦ ଫୁଟ ରହିଛି । ଏତଦ୍ ବ୍ୟତୀତ ଗଣେଶ, ବିଷ୍ଣୁ, ନନ୍ଦୀ, ଦୁର୍ଗା, ଲକ୍ଷ୍ମୀ, ଏବଂ ଅନ୍ୟ ଦେବାଦେବୀଙ୍କ ମନ୍ଦିର ମଧ୍ୟ ରହିଛି । ଏଠାରେ ରାବଣର ଏକ ମୂର୍ତ୍ତି ମଧ୍ୟ ରହିଛି । ଉନାକୋଟିକୁ ନେଇ ଏକ ପ୍ରସିଦ୍ଧ ଲୋକକଥା ରହିଛି । ପୂର୍ବରୁ ଉନାକୋଟି ରଘୁନନ୍ଦନ ପାହାଡ଼ ନାମରେ ଜଣାଶୁଣା ଥିଲା । କୁହାଯାଏ, ଶିବ ଏକ କୋଟି ଦେବାଦେବୀଙ୍କ ସହ କାଶୀ ଯାଉଥିଲେ। ରାତି ହୋଇଯିବାରୁ ସମସ୍ତେ ରଘୁନନ୍ଦନ ପାହାଡ଼ ଉପରେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଥିଲେ । ମହାଦେବ ସମସ୍ତଙ୍କୁ ଏଠାରେ ବିଶ୍ରାମ ନେଇ ସକାଳେ ପୁଣି ବାହାରି ଯିବାକୁ କହିଥିଲେ । ହେଲେ ପରଦିନ ସକାଳେ କେବଳ ଶିବ ନିଦରୁ ଉଠିଗଲେ । ବାକି ସମସ୍ତ ଦେବାଦେବୀ ଶୋଇ ରହିଥିଲେ। ଏହା ଦେଖି ଶିବ ରାଗିଗଲେ, ଏବଂ ଏକାକୀ କାଶୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଯେଉଁ ଦେବାଦେବୀ ଉଠି ନଥିଲେ ସେମାନେ ପଥର ପାଲଟିଗଲେ । ଏହି କାରଣରୁ ଏଠାରେ ଏକ କୋଟିରୁ ଜଣେ କମ୍ ଅର୍ଥାତ୍ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି। ଉନାକୋଟିକୁ ନେଇ ଆଉ ଏକ ମାନ୍ୟତା ରହିଛି । କୁହାଯାଏ, ବିଶ୍ୱକର୍ମାଙ୍କ ପୁଅ କଲ୍ଲୁ କୁମାର ଭଗବାନ ଶିବ ଓ ମାତା ପାର୍ବତୀଙ୍କ ସହ କୈଳାଶ ଯିବାକୁ ଚାହୁଁଥିଲେ । ହେଲେ ଶିବ ତାଙ୍କ ସହ କଲ୍ଲୁଙ୍କୁ କୈଳାଶ ନେଇଯିବାକୁ ରାଜି ନଥିଲେ । ଏହାପରେ ମହାଦେବ କଲ୍ଲୁଙ୍କ ନିକଟରେ ଏକ ସର୍ତ୍ତ ରଖିଲେ। ଶିବ କହିଲେ ଯେ, ଯଦି କଲ୍ଲୁ କୁମାର ଗୋଟିଏ ରାତିରେ ଏକ କୋଟି ଦେବାଦେବୀଙ୍କ ମୂର୍ତ୍ତି ତିଆରି କରିଦେବେ ତେବେ ସେ ତାଙ୍କୁ କୈଳାଶ ନେଇଯିବେ । କଲ୍ଲୁ ଏହି ସର୍ତ୍ତକୁ ସ୍ୱୀକାର କରି ମୂର୍ତ୍ତି ତିଆରି ଆରମ୍ଭ କଲେ । ସେ ରାତି ସାରା ଲାଗି ମୂର୍ତ୍ତି ତିଆରି କଲେ । ସକାଳେ ଗଣିବା ବେଳକୁ ଏକ କୋଟିରୁ ଗୋଟିଏ ମୂର୍ତ୍ତି କମ୍ ରହିଥିବା ଜଣାପଡ଼ିଥିଲା । ଏହି କାରଣରୁ କଲ୍ଲୁ କୈଳାଶ ଯାଇପାରି ନଥିଲେ । ତେଣୁ ଏହି ସ୍ଥାନର ନାମ ଉନାକୋଟି ରଖାଗଲା । ଅର୍ଥାତ୍ ଏକ କୋଟିରୁ ଗୋଟିଏ କମ୍ । ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଉନାକୋଟିରେ ଏକ ସୀତା କୁଣ୍ଡ ରହିଛି। ଏଠାରୁ ଏକ ଜଳଧାରା ବାହାରିଛି । ଧାର୍ମିକ ମାନ୍ୟତା ଅନୁସାରେ ଏହି କୁଣ୍ଡରେ ସ୍ନାନ କଲେ ପୁଣ୍ୟ ମିଳେ । ଉନାକୋଟିର ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ଦେଖି ଏହାକୁ ୟୁନେସ୍କୋ ଅସ୍ଥାୟୀ ସୂଚୀରେ ସାମିଲ କରାଯାଇଛି। ପ୍ରତି ବର୍ଷ ଅଶୋକାଷ୍ଟମୀରେ ଏଠାରେ ବଡ଼ ମେଳାର ଆୟୋଜନ ହୁଏ । ପ୍ରବଳ ଭକ୍ତଙ୍କ ଜନସମାଗମ ହୁଏ । ତେବେ ଉନାକୋଟିରେ ଏତେ ବିଶାଳ ଏବଂ ଆଶ୍ଚର୍ଯ୍ୟଜନକ ପଥର ଖୋଦନ କିଏ ଏବଂ କିପରି କଲା ? ତାହା ଏପର୍ଯ୍ୟନ୍ତ ରହସ୍ୟ ଘେରରେ । ଏହାର ସଠିକ୍ ଉତ୍ତର ଆଜି ପର୍ଯ୍ୟନ୍ତ କାହା ପାଖରେ ନାହିଁ।



# ଏଭରେଷ୍ଟଠାରୁ ଭିନ୍ନ ଚନ୍ଦ୍ରର ଏହି ପର୍ବତ



ପୃଥିବୀର ସବୁଠାରୁ ଉଚ୍ଚ ପର୍ବତର କଥା ଉଠିଲେ ପ୍ରଥମେ ମାଉଣ୍ଟ ଏଭରେଷ୍ଟର ନାମ ମନକୁ ଆସେ। ସମୁଦ୍ର ପତ୍ତନଠାରୁ ପ୍ରାୟ ୮,୮୪୯ ମିଟର ଉଚ୍ଚ ଏହି ଶିଖର ପୃଥିବୀର ସର୍ବୋଚ୍ଚ ସ୍ଥାନ ଭାବେ ପରିଚିତ। କିନ୍ତୁ ଆପଣ କେବେ ଭାବିଛନ୍ତି କି, ଚନ୍ଦ୍ରର ସର୍ବୋଚ୍ଚ ଶିଖର କେଉଁଟି ? ଅନେକଙ୍କୁ ହୁଏତ ଜଣା ନଥିବ ଯେ ଚନ୍ଦ୍ରପୃଷ୍ଠରେ ମଧ୍ୟ ବିଶାଳ ପର୍ବତ ରହିଛି।

ଚନ୍ଦ୍ରର ଉଚ୍ଚତମ ପର୍ବତ ଶିଖର ଭାବେ 'ମୋନ୍ସ ହାଇଜେନ୍ସ'ର ନାମ ଉଲ୍ଲେଖ କରାଯାଏ। ଏହା ଚନ୍ଦ୍ରର ମୋଣ୍ଟେସ୍ ଆପେନିନସ୍ ପର୍ବତମାଳାର ଏକ ଅଂଶ। ଚନ୍ଦ୍ରର ହାରାହାରି ପୃଷ୍ଠସ୍ତରଠାରୁ ଏହାର ଉଚ୍ଚତା ପ୍ରାୟ ୫.୫ କିଲୋମିଟର। ପୃଥିବୀ ଭଳି ଚନ୍ଦ୍ରରେ କୌଣସି ସମୁଦ୍ରପତ୍ତନ ନଥିବାରୁ ସେଠାରେ ଉଚ୍ଚତା ନିର୍ଣ୍ଣୟ ପାଇଁ ଏକ ପରିଭାଷିତ ହାରାହାରି ଚନ୍ଦ୍ର ପୃଷ୍ଠସ୍ତରକୁ ଆଧାର କରାଯାଏ। ଏହି କାରଣରୁ ଚନ୍ଦ୍ର ଓ ପୃଥିବୀର ପର୍ବତଗୁଡ଼ିକର ଉଚ୍ଚତା ତୁଳନା କରିବା ସମୟରେ ମାପ ପ୍ରଣାଳୀକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ। ଚନ୍ଦ୍ରର ପର୍ବତଗୁଡ଼ିକର ଗଠନ ପୃଥିବୀର ହିମାଳୟ ଭଳି ପର୍ବତମାଳାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପୃଥିବୀରେ ଭୂତାତ୍ତ୍ୱିକ ପ୍ଲେଟଗୁଡ଼ିକର ଗତି ଓ ଧକ୍କା ଯୋଗୁଁ ପର୍ବତ ସୃଷ୍ଟି ହୋଇଥିବାବେଳେ, ଚନ୍ଦ୍ରର ଅନେକ ପର୍ବତ ବିଶାଳ ଉଲ୍କାପିଣ୍ଡ ଓ ଗ୍ରହାଣୁର ଧକ୍କାର ପରିଣାମ। କୋଟି କୋଟି ବର୍ଷ ପୂର୍ବେ ଚନ୍ଦ୍ରପୃଷ୍ଠରେ ଘଟିଥିବା ବିଶାଳ ଧକ୍କାରେ ବଡ଼ ବଡ଼ ଗର୍ତ୍ତ ବା କ୍ରେଟର ସୃଷ୍ଟି ହୋଇଥିଲା। ଏହି ଧକ୍କାର ଭୟଙ୍କର ଶକ୍ତିରେ ଚାରିପାଖର ପଥର ଉପରକୁ ଉଠିଯାଇଥିଲା ଏବଂ ଏହାର ପରିଣାମରେ ବିଶାଳ ପର୍ବତମାଳା ଗଠିତ ହୋଇଥିଲା। ମୋଣ୍ଟେସ୍ ଆପେନିନସ୍ ମଧ୍ୟ ଏପରି ଏକ ପ୍ରାଚୀନ ଭୂତାତ୍ତ୍ୱିକ ଘଟଣାର ସାକ୍ଷୀ। ମଣିଷ ଚନ୍ଦ୍ରରେ ପହଞ୍ଚିସାରିଛି। ତେଣୁ ଭବିଷ୍ୟତରେ ମୋନ୍ସ ହାଇଜେନ୍ସ ଭଳି ଚନ୍ଦ୍ରର ପର୍ବତ ଶିଖରରେ ମାନବ ଅଭିଯାନ ହେବା ଅସମ୍ଭବ ନୁହେଁ। ତେବେ ଏହି ଆରୋହଣ ପୃଥିବୀର ଏଭରେଷ୍ଟ ଚଢ଼ିବାଠାରୁ ଭିନ୍ନ ଏବଂ ଅନେକ ଦିଗରୁ ଅଧିକ ଚ୍ୟାଲେଞ୍ଜିଂ ହେବ। ଚନ୍ଦ୍ରର ମୋନ୍ସ ହାଇଜେନ୍ସ କେବଳ ଏକ ଉଚ୍ଚ ପର୍ବତ ନୁହେଁ; ଏହା ଚନ୍ଦ୍ରର ପ୍ରାଚୀନ ଭୂତାତ୍ତ୍ୱିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଚିହ୍ନ। ଭବିଷ୍ୟତରେ ମାନବ ଚନ୍ଦ୍ର ଅଭିଯାନ ଆହୁରି ବ୍ୟାପକ ହେଲେ, ଏପରି ପର୍ବତ ଓ ଭୂପୃଷ୍ଠର ଅଧ୍ୟୟନ ଚନ୍ଦ୍ରର ଉତ୍ପତ୍ତି ଓ ବିକାଶ ବିଷୟରେ ଆମକୁ ଅଧିକ ତଥ୍ୟ ଦେଇପାରେ।

# ଜାପାନରୁ ଇଣ୍ଡୋନେସିଆ, ଆଲାସ୍କାରୁ ଆମେରିକା ସପ୍ତାହକରେ ୧୮୭ ଭୂକମ୍ପ

ପ୍ରଶାନ୍ତ ମହାସାଗରକୁ ଘେରି ରହିଥିବା ଅଞ୍ଚଳକୁ ବିଶ୍ୱର ସବୁଠାରୁ ସକ୍ରିୟ ଭୂକମ୍ପପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ଗଣାଯାଏ। ଗତ ଏକ ସପ୍ତାହ ମଧ୍ୟରେ ଜାପାନ, ଇଣ୍ଡୋନେସିଆ, ଆଲାସ୍କା ଏବଂ ଆମେରିକାର ପଶ୍ଚିମ ଭାଗ ସମେତ ବିଭିନ୍ନ ସ୍ଥାନରେ ଅନେକ ଭୂକମ୍ପ ରେକର୍ଡ ହୋଇଛି । ଏହି ସମୟରେ ୪.୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ୧୮୭ଟି ଭୂକମ୍ପ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ଇଣ୍ଡୋନେସିଆ ନିକଟରେ ହୋଇଥିବା ୭.୭ ତୀବ୍ରତାର ଭୂକମ୍ପ ସବୁଠାରୁ ବଡ଼ ଥିଲା। ଏହି ଭୂମିକମ୍ପ ପରେ 'ରିଙ୍ଗ ଅଫ୍ ଫାୟାର' ପୁଣିଥରେ ଚର୍ଚ୍ଚାକୁ ଆସିଛି। କିନ୍ତୁ ଏଠାରେ ଗୋଟିଏ ଜରୁରୀ କଥା ବୁଝିବା ଦରକାର ୧୮୭ଟି ଭୂକମ୍ପର ସଂଖ୍ୟା କେବଳ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳର ନୁହେଁ। ଏହା ସାରା ବିଶ୍ୱରେ ଏକ ସପ୍ତାହ ମଧ୍ୟରେ ହୋଇଥିବା ୪.୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ଭୂକମ୍ପର ମୋଟ ତଥ୍ୟ। ତେଣୁ ଏହି ସଂଖ୍ୟାକୁ କେବଳ କୌଣସି ବଡ ଭୂମିକମ୍ପର ଚେତାବନୀ ବୋଲି ମାନିହେବନି। 'ରିଙ୍ଗ ଅଫ୍ ଫାୟାର' ହେଉଛି ପ୍ରଶାନ୍ତ ମହାସାଗର ଚାରିପଟେ ପ୍ରାୟ ୪୦ ହଜାର କିଲୋମିଟର ଲମ୍ବା ଏକ ବିଶାଳ ଭୂକମ୍ପୀୟ ଅଞ୍ଚଳ। ଏଠାରେ ପୃଥିବୀର ଅନେକ ବଡ଼ ଟେକ୍ଟୋନିକ୍ ପ୍ଲେଟ୍ ପରସ୍ପର ନିକଟରେ ରହିଛି ଏବଂ ନିରନ୍ତର ଧୀରେ ଧୀରେ ଗତି କରୁଛି। ଏହି ପ୍ଲେଟଗୁଡ଼ିକର ଗତି ଓ ପରସ୍ପର ଧକ୍କା ଯୋଗୁଁ ଏହି ଅଞ୍ଚଳରେ ଭୂକମ୍ପ ଓ ଜ୍ୱାଳାମୁଖୀ ଅଧିକ ଦେଖାଯାଏ। ଜାପାନ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ଆଲାସ୍କା ଏବଂ ଆମେରିକାର ପଶ୍ଚିମ ଉପକୂଳ ଏହି ବିଶାଳ ଭୂକମ୍ପୀୟ ବେଲ୍ଟ ସହ ଜଡ଼ିତ। ବିଶ୍ୱର ପ୍ରାୟ ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳ ଆଖପାଖରେ ଘଟୁଥିବା କୁହାଯାଏ।

ଗତ ସପ୍ତାହର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଇଣ୍ଡୋନେସିଆ ନିକଟରେ ଆସିଥିଲା। ଏହାର ତୀବ୍ରତା ୭.୭ ତୀବ୍ରତାରେ ରେକର୍ଡ ହୋଇଥିଲା। ଏହା ବ୍ୟତୀତ ଉତ୍ତର ଇଣ୍ଡୋନେସିଆରେ ୬.୯ ଏବଂ ଦକ୍ଷିଣ ପେରୁରେ ୬.୭ ତୀବ୍ରତାର ଭୂକମ୍ପ ମଧ୍ୟ ରେକର୍ଡ ହୋଇଛି। ଏହା ସହ ଜାପାନ, ଆଲାସ୍କା ଏବଂ ଆମେରିକାର ପଶ୍ଚିମ ଅଞ୍ଚଳରେ ମଧ୍ୟ ୪.୫ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ଅନେକ ଝଟକା ଅନୁଭୂତ ହୋଇଛି। କୌଣସି ବଡ଼ ଭୂକମ୍ପ ପରେ ଛୋଟ ଛୋଟ ଝଟକା ଆସିବା ସାଧାରଣ। ଏଗୁଡ଼ିକୁ 'ଆଫ୍ଟରଶକ୍' କୁହାଯାଏ। ଏହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। କେବଳ ଭୂକମ୍ପର ସଂଖ୍ୟା ବଢ଼ିବାକୁ ଦେଖି ନିକଟ ଭବିଷ୍ୟତରେ ଏକ ବଡ଼ ଭୂକମ୍ପ ଆସିବ ବୋଲି କହିହେବ ନାହିଁ। ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ କୌଣସି ଭୂକମ୍ପର ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ ଏବଂ ତୀବ୍ରତାକୁ ସଠିକ୍ ଭାବେ ପୂର୍ବାନୁମାନ କରିପାରୁନାହାନ୍ତି। କାଲିଫର୍ଣ୍ଣିଆ ଓ ତୁର୍କୀ ଭଳି ଅଞ୍ଚଳରେ ଭୂକମ୍ପର ବିପଦ ନିଶ୍ଚିତ ଭାବେ ରହିଛି, କାରଣ ଏଗୁଡ଼ିକ ସକ୍ରିୟ ଭୂକମ୍ପୀୟ ଅଞ୍ଚଳ। କିନ୍ତୁ ୭ ଦିନରେ ୧୮୭ଟି ଭୂକମ୍ପ ରେକର୍ଡ ହେବାକୁ କୌଣସି ନିର୍ଦ୍ଦିଷ୍ଟ ବଡ଼ ଭୂକମ୍ପର ଚେତାବନୀ ବୋଲି ଧରିନେବାର ପକ୍କା ବୈଜ୍ଞାନିକ ଆଧାର ନାହିଁ। ପୃଥିବୀରେ ପ୍ରତିଦିନ ଛୋଟ-ବଡ଼ ଅନେକ ଭୂକମ୍ପ ହୋଇଥାଏ। ତେଣୁ ଏକ ସପ୍ତାହରେ ୧୮୭ଟି ଭୂକମ୍ପର ତଥ୍ୟ ନିଶ୍ଚିତ ଭାବେ ଚିନ୍ତାଜନକ କଥା। କିନ୍ତୁ ଏହି ଗୋଟିଏ ସଂଖ୍ୟାକୁ ଆଧାର କରି ବଡ଼ ଭୂକମ୍ପ କିମ୍ବା ବିଶ୍ୱସ୍ତରୀୟ ବିପର୍ଯ୍ୟୟର ଭବିଷ୍ୟବାଣୀ କରିବା ବୈଜ୍ଞାନିକ ଭାବେ ଠିକ୍ ନୁହେଁ। 'ରିଙ୍ଗ ଅଫ୍ ଫାୟାର' ନିଶ୍ଚିତ ଭାବେ ଏକ ଅତ୍ୟଧିକ ସକ୍ରିୟ ଭୂକମ୍ପୀୟ ଅଞ୍ଚଳ। ତେଣୁ ଏଠାରେ ଭୂକମ୍ପ ଘଟଣାକୁ ନଜରରେ ରଖିବା ଜରୁରୀ। କିନ୍ତୁ ୧୮୭ ଭୂକମ୍ପର ଅର୍ଥ ନୁହେଁ ଯେ ବଡ଼ ଭୂକମ୍ପ ଆସୁଛି।

32 YEARS
ସମ୍ବାଦ କଳିଙ୍ଗ



# ଭିନସେଣ୍ଟ କିମରଙ୍କୁ ହରାଇ ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲରେ ପହଞ୍ଚିଲେ ପ୍ରଜ୍ଞାନନ୍ଦ



**ନୂଆଦିଲ୍ଲୀ**

ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୬ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଆମେରିକାରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ସେ ଜର୍ମାନୀର ଭିନସେଣ୍ଟ କିମରଙ୍କୁ ୧୭-୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଜ୍ଞାନନ୍ଦ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଉଭୟ ର୍ୟାପିଡ୍ ମ୍ୟାଚ୍ ଜିତି ମ୍ୟାଚ୍ ସ୍କୋରକୁ ୧୭-୩ରେ ପହଞ୍ଚାଇବା ସହ ଏହି ଇଭେଣ୍ଟର ପ୍ରଥମ ଫାଇନାଲିଷ୍ଟ ହୋଇଛନ୍ତି।

ପ୍ରଜ୍ଞାନନ୍ଦ ସେମିଫାଇନାଲର କ୍ଲାସିକାଲ ଫର୍ମାଟ୍‌ରେ ୯-୩ର ବିଜୟ ସହ ଶୁଭାରମ୍ଭ କରିଥିଲେ ଏବଂ ଏହାପରେ ଦୁଇଟି ର୍ୟାପିଡ୍ ମ୍ୟାଚ୍‌ରେ ୪-୦ ରେ ବିଜୟ ହାସଲ କରିଥିଲେ। ସେମିଫାଇନାଲରେ ଏବେ ମଧ୍ୟ ଚାରିଟି ବ୍ଲିଟ୍ଜ ମ୍ୟାଚ୍ ଖେଳାଯିବା ବାକି ଅଛି, କିନ୍ତୁ ଏହା ଦ୍ୱାରା କିମରଙ୍କୁ କୌଣସି ଫାଇଦା ହେବ ନାହିଁ। କାରଣ ଯଦି ସେ ସମସ୍ତ ମ୍ୟାଚ୍ ଜିତିଯାଆନ୍ତି, ତଥାପି ସେ ପ୍ରଜ୍ଞାନନ୍ଦଙ୍କ ସହ ପଏଣ୍ଟ ଆଗକୁ ଯାଇପାରିବେ ନାହିଁ।

ଗ୍ରାଣ୍ଡ ଚେସ୍ ଟୁର୍ ମଧ୍ୟ ନିଜର ଏକ୍ସ ହ୍ୟାଣ୍ଡେଲରେ ଏକ ପୋଷ୍ଟ ମାଧ୍ୟମରେ ଏହା ନିଶ୍ଚିତ କରିଛି। ଏହି ପୋଷ୍ଟରେ ଲେଖାଅଛି, 'ପ୍ରାଗ୍ (ପ୍ରଜ୍ଞାନନ୍ଦ) ପ୍ରଥମ ଫାଇନାଲିଷ୍ଟ ଅଟନ୍ତି। ପ୍ରଜ୍ଞାନନ୍ଦ ଭିନସେଣ୍ଟ କିମରଙ୍କ ବିପକ୍ଷରେ ଉଭୟ ର୍ୟାପିଡ୍ ମ୍ୟାଚ୍ ଜିତି ୨୦୨୬ ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲରେ ନିଜ ସ୍ଥାନ ପକ୍କା କରିଛନ୍ତି। ଚାରୋଟି ବ୍ଲିଟ୍ଜ ମ୍ୟାଚ୍ ଏବେ ମଧ୍ୟ ଖେଳାଯିବା ବାକି ଅଛି, କିନ୍ତୁ ପ୍ରାଗ୍ ସେମିଫାଇନାଲ ମ୍ୟାଚ୍‌ରେ ଏଭଳି ଏକ ଅଗ୍ରଣୀ ହାସଲ କରିଛନ୍ତି ଯାହାକୁ ଅତିକ୍ରମ କରିବା ଅସମ୍ଭବ, ଏବଂ ସେ ଫାଇନାଲରେ ପହଞ୍ଚିବାରେ ପ୍ରଥମ ଖେଳାଳି ହୋଇଛନ୍ତି।'

ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୬ ରେ ଛଅଟି ଇଭେଣ୍ଟ ଅନ୍ତର୍ଭୁକ୍ତ ଅଛି। ଯେଉଁଥିରେ ସୁପର ର୍ୟାପିଡ୍ ଏବଂ ବ୍ଲିଟ୍ଜ ପୋଲାଣ୍ଡ, ସୁପର ଚେସ୍ କ୍ଲାସିକ ରୋମାନିଆ, ସୁପର ର୍ୟାପିଡ୍ ଏବଂ ବ୍ଲିଟ୍ଜ କ୍ରୋଏସିଆ, ର୍ୟାପିଡ୍ ଏବଂ ବ୍ଲିଟ୍ଜ ସେଣ୍ଟ ଲୁଇସ୍, ସିଙ୍କଫିଲ୍ଡ କପ୍ ଏବଂ ଗ୍ରାଣ୍ଡ ଚେସ୍ ଟୁର୍ ଫାଇନାଲ୍ ସାମିଲ ଅଛି।

# ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ: ମଜଭୁତ ସ୍ଥିତିରେ ଟିମ୍ ଇଣ୍ଡିଆ

**କଲମ୍ବୋ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ଦଳ ନିଜର ପ୍ରଥମ ଇନିଂସରେ ୮୩.୪ ଓଭରରେ ୮ ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିଛି। ଭାରତୀୟ ଦଳ ଦ୍ୱାରା ନିର୍ଦ୍ଧାରିତ ୫୦୩ ରନର ବିଶାଳ ସ୍କୋରର ଜବାବରେ ଘରୋଇ ଦଳ ବର୍ତ୍ତମାନ ମଧ୍ୟ ୨୩୮ ରନ୍ ପଛରେ ରହିଛି ଏବଂ ଦଳ ଉପରେ ଫଲୋଅନ୍‌ର ବିପଦ ରହିଛି।

ଶ୍ରୀଲଙ୍କା ପାଇଁ ତୃତୀୟ ଦିନର ଆରମ୍ଭ ବହୁତ ଖରାପ ରହିଥିଲା। ୮ ରନରେ ୨ ୱିକେଟ୍‌ରୁ ଆଗକୁ ଖେଳିବାକୁ ଓହ୍ଲାଇଥିବା ଦଳକୁ ଶୀଘ୍ର ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। କାମିଲ ମିଶାରା ୧୯ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ଶିକାର ହୋଇଥିବା ବେଳେ ଅଧିନାୟକ ଧନଞ୍ଜୟ ଡି ସିଲଭା ମଧ୍ୟ ମାତ୍ର ୮ ରନ୍ କରି ଶସ୍ତାରେ ପାଭିଲିୟନ ଫେରିଥିଲେ। ଏହା ବ୍ୟତୀତ କାମିଣ୍ଡୁ ମେଣ୍ଡିସ୍ ୩୨ ରନର ଯୋଗଦାନ ଦେଇଥିଲେ ମଧ୍ୟ ସେ ନିଜ ଇନିଂସକୁ ଏକ ବଡ଼ ସ୍କୋରରେ ପରିଣତ କରିପାରି ନଥିଲେ ଏବଂ ନିରୋଶନ ଡିକୱେଲା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ।



ପ୍ରାରମ୍ଭିକ ଝଟ୍‌କା ପରେ ପାସିନ୍ଦୁ ସୂରିୟାବନ୍ଦରା ଏବଂ ସୋନାଲ ଦିନୁଷା ଶ୍ରୀଲଙ୍କା ଇନିଂସକୁ ସମ୍ଭାଳିବାର ଦାୟିତ୍ୱ ନେଇଥିଲେ। ସୂରିୟାବନ୍ଦରା ୧୩୩ ବଲ୍‌ରେ ୯ଟି ଚୌକା ସହାୟତାରେ ୮୦ ରନର ଏକ ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ, ଯାହାକୁ ରବୀନ୍ଦ୍ର ଜାଡେଜା ବୋଲ୍ଡ କରି ଶେଷ କରିଥିଲେ। ଅନ୍ୟପଟେ ସୋନାଲ ଦିନୁଷା ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ୧୩୭ ବଲ୍‌ରେ ୬ଟି ଚୌକା ଓ ୨ଟି ଛକା ସହାୟତାରେ ୮୫ ରନ୍ ସଂଗ୍ରହ କରିଛନ୍ତି ଏବଂ ଦିନର ଖେଳ ଶେଷ ସୁଦ୍ଧା ସେ କ୍ରିଜ୍‌ରେ ଅପରାଜିତ ରହିଛନ୍ତି।

ଭାରତୀୟ ବୋଲରମାନେ ସାରା ଦିନ ଶୃଙ୍ଖଳିତ ବୋଲିଂ କରି ଶ୍ରୀଲଙ୍କା ଉପରେ ଚାପ ବଜାୟ ରଖିଥିଲେ। ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ୧୪ ଓଭରରେ ୪୭ ରନ୍ ଦେଇ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହାସଲ କରିଥିବା ବେଳେ ସ୍ପିନର ମାନବ ସୁଥାର ମଧ୍ୟ ୨୧ ଓଭରରେ ୮୩ ରନ୍ ବ୍ୟୟ କରି ୩ଟି ୱିକେଟ୍ ଚଟକାଇଛନ୍ତି। ଏହା ବ୍ୟତୀତ ମହମ୍ମଦ ସିରାଜ ଏବଂ ରବୀନ୍ଦ୍ର ଜାଡ଼େଜାଙ୍କୁ ଗୋଟିଏ ଲେଖାଁଏ ସଫଳତା ମିଳିଥିବା ବେଳେ ସାରାଂଶ ଜୈନ କମ୍ ରନ୍ ଦେଇ ବୋଲିଂ କରିଥିଲେ ମଧ୍ୟ କୌଣସି ୱିକେଟ୍ ପାଇପାରି ନାହାନ୍ତି।

ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ସୋନାଲ ଦିନୁଷା (୮୫)ଙ୍କ ସହ ଲହିରୁ କୁମାରା ୮ ରନ୍ କରି ଖେଳୁଛନ୍ତି। ଭାରତୀୟ ଦଳ ଚତୁର୍ଥ ଦିନ ସକାଳେ ଶ୍ରୀଲଙ୍କାର ବାକି ରହିଥିବା ୨ଟି ୱିକେଟ୍ ଶୀଘ୍ର ଅକ୍ତିଆର କରି ଏକ ବଡ଼ ଅଗ୍ରଣୀ ହାସଲ କରିବା ଏବଂ ମ୍ୟାଚ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଜାହିର କରିବା ଉଦ୍ଦେଶ୍ୟରେ ମଇଦାନକୁ ଓହ୍ଲାଇବ।

# ୧୫ ଦିନରେ ୧୯୦୦ କିଲୋମିଟର ସାଇକେଲ ଯାତ୍ରା କରି ହିଟ୍‌ମ୍ୟାନ୍‌ଙ୍କୁ ଭେଟିଲେ ଅନୁଗୋଳ ଯୁବକ

**ଅନୁଗୋଳ**



ଅନୁଗୋଳର ଯୁବକ ସୁନିଲ ରାଉତ ଭାରତୀୟ କ୍ରିକେଟ ତାରକା 'ହିଟ୍‌ମ୍ୟାନ' ରୋହିତ ଶର୍ମାଙ୍କ ଜଣେ ବଡ଼ ପ୍ରଶଂସକ। ଯାହାଙ୍କୁ ନେଇ ବର୍ତ୍ତମାନ ସବୁଠି ଚର୍ଚ୍ଚା। ଅନୁଗୋଳରୁ ଦୀର୍ଘ ୧୯୦୦ କିଲୋମିଟର ସାଇକେଲ ଚଳାଇ ସେ ମୁମ୍ବାଇରେ ରୋହିତଙ୍କୁ ଭେଟିଛନ୍ତି। ସାକ୍ଷାତ ବେଳର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରୋହିତଙ୍କୁ ସେ ପ୍ରଭୁ ଶ୍ରୀଜଗନ୍ନାଥ ଓ ରାଧାକୃଷ୍ଣଙ୍କ ପ୍ରତିମା ଏବଂ ରୋହିତ ଓ ତାଙ୍କ ପତ୍ନୀଙ୍କ ଏକ ଫଟୋ ସାଙ୍ଗକୁ ଉତ୍ତରୀୟ ପ୍ରଦାନ କରିଥିବା କହିଛନ୍ତି ସୁନିଲ। ତେବେ ସୁନିଲଙ୍କର ଏହି ଯାତ୍ରା ଯଦିଓ ସହଜ ନଥିଲା। ତାଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଥିଲା, କିନ୍ତୁ ରୋହିତଙ୍କୁ ଭେଟିବାର ନିଶା ଆଗରେ ସବୁ କଷ୍ଟ ହାର ମାନିଥିଲା। ସାକ୍ଷାତ ବେଳେ ସୁନିଲ ତାଙ୍କ ପାଦ ଛୁଇଁବାକୁ ଯାଉଥିବା ସମୟରେ ରୋହିତ ତାଙ୍କୁ କୁଣ୍ଢାଇ ପକାଇଥିଲେ, ଯାହା ଦ୍ୱାରା ତାଙ୍କର ସବୁ କଷ୍ଟ ଉଭେଇ ଯାଇଥିଲା। ରୋହିତଙ୍କ ଆଲିଙ୍ଗନର ସେହି ମୁହୂର୍ତ୍ତ ସାରା ଜୀବନ ସ୍ମରଣୀୟ ହୋଇ ରହିବ ବୋଲି ସୁନିଲ କହିଛନ୍ତି।

ସୁନିଲଙ୍କ ଘର ଅନୁଗୋଳ ଜିଲ୍ଲା ବଣ୍ଟରପାଳ ବ୍ଲକ ତୁବେ ପଞ୍ଚାୟତର କୁଲେଇ ଗାଁରେ। ୨୨ ବର୍ଷୀୟ ସୁନିଲ ସ୍ଥାନୀୟ ଏକ ଘରୋଇ ଷ୍ଟିଲ ପ୍ଲାଣ୍ଟରେ କ୍ରେନ ଅପରେଟର ଭାବେ କାମ କରନ୍ତି। କ୍ରିକେଟ୍ ଖେଳ ପ୍ରତି ରୁଚି ରଖିଥିବା ସୁନିଲ ରୋହିତଙ୍କ ବଡ଼ ପ୍ରଶଂସକ। ତାଙ୍କୁ ଭେଟିବା ପାଇଁ ରୋହିତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଇ ସେ ଗତ ଜୁଲାଇ ୩୦ ତାରିଖରୁ ଗାଁରୁ ସାଇକେଲ ଯାତ୍ରା ଆରମ୍ଭ କରିଥିଲେ।

ସୁନିଲଙ୍କ କହିବା ଅନୁଯାୟୀ, ସେ ଦୈନିକ ୧୨ ଘଣ୍ଟା ସାଇକେଲ ଚଲାଇ ଅଗଷ୍ଟ ୧୩ ତାରିଖରେ ସେ ମୁମ୍ବାଇସ୍ଥିତ ରୋହିତଙ୍କ ଘର ସାମ୍ନାରେ ପହଞ୍ଚିଥିଲେ। ଦିନକୁ ସେ ସର୍ବାଧିକ ୧୭୦ କିଲୋମିଟର ସାଇକେଲ ଚଲାଉଥିଲେ। ଯାତ୍ରା ସମୟରେ ସେ କେତେବେଳେ ପେଟ୍ରୋଲ ଟାଙ୍କିରେ ତ କେତେବେଳେ ଢାବାରେ ଶୋଉଥିଲେ। ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ତାଙ୍କର ପ୍ରାୟ ୪୦ରୁ ୪୫ ହଜାର ଟଙ୍କା ବ୍ୟୟ ହୋଇଥିଲା।

ରୋହିତଙ୍କ ଘର ସାମ୍ନାରେ ପହଞ୍ଚିବା ପରେ ସୁରକ୍ଷାକର୍ମୀଙ୍କଠାରୁ ଜାଣିବାକୁ ପାଇଥିଲେ ଯେ ରୋହିତ ଲଣ୍ଡନ ଯାଇଛନ୍ତି ଏବଂ ପ୍ରାୟ ୬ ମାସ ପରେ ଫେରିବେ। ଏହା ଶୁଣି ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ, କିନ୍ତୁ ଯେତେ ଦିନ ହେଉ ପଛେ ରୋହିତଙ୍କୁ ଭେଟି ହିଁ ଘରକୁ ଫେରିବେ ବୋଲି ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ଠା ଦେଖି ଅନ୍ୟ ଜଣେ ସୁରକ୍ଷାକର୍ମୀ ଅଗଷ୍ଟ ୧୫ ତାରିଖ ଦିନ ରୋହିତ ଫେରିବେ ବୋଲି ଆଶ୍ୱାସନା ଦେଇଥିଲେ। ଏହା ପରେ ସୁନିଲ ରୋହିତଙ୍କ ଫାଟକ ସାମ୍ନାରେ ଦିନରାତି ଅପେକ୍ଷା କରି ରହିଥିଲେ।

୧୫ ତାରିଖ ଅପରାହ୍ଣ ପ୍ରାୟ ୩ଟା ବେଳକୁ ରୋହିତ ନିଜ ବାସଭବନରେ ପହଞ୍ଚିଥିଲେ। ଅଗଣାରେ ଓହ୍ଲାଇ ସେ ସିଧା ଘର ଭିତରକୁ ନ ଯାଇ ସୁରକ୍ଷାକର୍ମୀଙ୍କ ଦ୍ୱାରା ସୁନିଲଙ୍କୁ ଡକାଇଥିଲେ। ସୁନିଲ ତାଙ୍କ ପାଦ ଛୁଇଁବାକୁ ଚେଷ୍ଟା କରୁଥିବା ବେଳେ ରୋହିତ ତାଙ୍କୁ ବାରଣ କରି କୁଣ୍ଢାଇ ପକାଇଥିଲେ। ସେ ଓଡ଼ିଶାରୁ ସାଇକେଲରେ ଆସିଛନ୍ତି ଜାଣି ରୋହିତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ପ୍ରାୟ ଅଧଘଣ୍ଟା ତାଙ୍କ ସହ ସମୟ ବିତାଇଥିଲେ।

# ସଂଜୟ ବାଙ୍ଗରଙ୍କ ଝିଅଙ୍କୁ କ୍ରିକେଟ୍ ଖେଳିବାକୁ ଅନୁମତି ଦେଲା ଅଷ୍ଟ୍ରେଲିଆ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍‌ର ପୂର୍ବତନ ଅଲ୍‌ରାଉଣ୍ଡର ସଂଜୟ ବାଙ୍ଗରଙ୍କ ଝିଅ ଅନାୟାଙ୍କ କ୍ୟାରିୟର ଏବଂ ଜୀବନରେ ଏକ ବଡ଼ ସକରାତ୍ମକ ମୋଡ଼ ଆସିଛି। ଜେଣ୍ଡର-ଅଫର୍ମିଙ୍ଗ୍ ସର୍ଜରୀ କରାଇବା ପରେ ୨୫ ବର୍ଷୀୟ ଟ୍ରାନ୍ସ-ଆଥେଲିଟ୍ ଅନାୟାଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଅଷ୍ଟ୍ରେଲିଆରେ କମ୍ୟୁନିଟି ପ୍ରିମିୟର ମହିଳା କ୍ରିକେଟ୍ ଖେଳିବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଷ୍ପତ୍ତି ସହିତ ଏବେ ଅନାୟାଙ୍କ ମହିଳା କ୍ରିକେଟ ପଡ଼ିଆରେ ଦ୍ୱିତୀୟ ଥର ପ୍ରବେଶ ରାସ୍ତା ସ୍ପଷ୍ଟ ହୋଇଯାଇଛି।

କ୍ରିକେଟ୍ ଅଷ୍ଟ୍ରେଲିଆର ଟ୍ରାନ୍ସଜେଣ୍ଡର ଆଣ୍ଡ ଜେଣ୍ଡର ଡାଇଭର୍ସ ପ୍ଲେୟାର୍ସ ଇନ୍ ଆଥେଲେଟ୍ କ୍ରିକେଟ୍ ପଲିସି ଅନୁସାରେ, ଏଲିଟ ଅଥବା ବ୍ୟବସାୟିକ ସ୍ତରରେ ମହିଳା କ୍ରିକେଟ ଖେଳିବା ପାଇଁ ଖେଳାଳିଙ୍କ ଟେଷ୍ଟୋଷ୍ଟେରୋନ ସ୍ତର କ୍ରମାଗତ ୧୨ ମାସ ପର୍ଯ୍ୟନ୍ତ ୧୦ ନେନୋମୋଲ ପ୍ରତି ଲିଟରକୁ ଲେଖାଯାଇ ଥିବା ପତ୍ରରେ ସ୍ପଷ୍ଟ କରିଛି ଯେ, ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆର କୌଣସି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ରାଜ୍ୟରେ କମ୍ୟୁନିଟି ଏବଂ ପ୍ରିମିୟର କ୍ରିକେଟ୍ ଖେଳି ପାରିବେ। କାରଣ ଏହି ସ୍ତର ଏଲିଟ କ୍ରିକେଟ୍ ଅଧୀନରେ ଆସେ ନାହିଁ। ଏହା ବ୍ୟତୀତ ଯଦି ସେ ୨୦୨୭ ମାର୍ଚ୍ଚରେ ଏଲିଟ ମହିଳା କ୍ରିକେଟ୍ ଖେଳିବାକୁ ଚାହିଁବେ, ତେବେ ନିର୍ଦ୍ଧାରିତ ଟେଷ୍ଟୋଷ୍ଟେରୋନ ମାନକ ପୂରା କରିବାକୁ ବ୍ଲଡ୍ ଟେଷ୍ଟ ରିପୋର୍ଟ କରିବେ।

କ୍ରିକେଟ୍ ଅଷ୍ଟ୍ରେଲିଆକୁ ପ୍ରଶଂସା କରିବା ସହିତ ଅନାୟା ବାଙ୍ଗର କହିଛନ୍ତି, ଏହା ମୋ ପାଇଁ ଏକ ବଡ଼ଦିନ। ବିଶେଷ ଭାବେ ଏହା ଜାଣିବା ଦ୍ୱାରା ମୁଁ ପୁଣି ଥରେ କ୍ରିକେଟ ଖେଳି ପାରିବି। ଏକଦା ମୁଁ ଭାବୁଥିଲି କ୍ରିକେଟ୍ ବ୍ୟାଟ୍ ଧରିବାକୁ ସୁଯୋଗ ମିଳିପାରିବ ନାହିଁ। କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ମୋତେ ଏକ ନୂଆ ସୁଯୋଗ ଦେଇଛି। କ୍ରିକେଟ୍ ଅଷ୍ଟ୍ରେଲିଆକୁ ଅଶେଷ ଧନ୍ୟବାଦ ଜଣାଉଛି।

# ସୁବର୍ଣ୍ଣପୁର ସିନିଅର ଫୁଟବଲ୍ ଲିଗ୍‌ର ମ୍ୟୁନିସିପାଲିଟି ଜୋନ୍‌ରେ ଚାମ୍ପିଅନ ହେଲା ରାମଧୂନ କ୍ଲବ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ମ୍ୟୁନିସିପାଲିଟି ଜୋନ୍ ସୁବର୍ଣ୍ଣପୁର ସିନିୟର୍ ଫୁଟବଲ ଲିଗ୍‌ର ଫାଇନାଲ ମ୍ୟାଚ୍ ରାମଧୁନ୍ କ୍ଲବ୍ ଓ ରିଜର୍ଭ ପୋଲିସ ପୋଲିସ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୋଲିସ ଦଳକୁ ୬-୦ ଗୋଲରେ ହରାଇ



ରାମଧୂନ୍ କ୍ଲବ୍ ମ୍ୟୁନିସିପାଲଟି ଜୋନ୍‌ର ଚାମ୍ପିଅନ ହୋଇଛି। ଏହି ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ ଖେଳାଳି ଓ ଆୟୋଜକ କମିଟି ଜିଲ୍ଲା କ୍ରୀଡ଼ା ସଂଘକୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିଜୟୀ ଦଳର ପରେସ ଜର୍ସି ନମ୍ବର ୧୩, କିରଣ ନାଏକ୍‌ଙ୍କୁ ବେଷ୍ଟ ଡିଫେନ୍ସ, ଏମାର୍ଜିଂ ଖେଳାଳି ଭାବେ ଚନ୍ଦନ ବେହେରାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରାଜେଶ୍ ଥନାପତି ମୁଖ୍ୟ ରେଫରୀ ଭାବେ, ସୁଶାନ୍ତ ବାଗ, ସୁଦାମ ଜଗଦଲା ଓ ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ନିର୍ବାହ କରିଥିଲେ। ସମ୍ମାନିତ ଅତିଥି ଭାବେ ତାମସୀ ତାମସ୍ମିତା ନାଏକ, ଭେଟରାନ ଖେଳାଳି ଗୋରେଖନାଥ ସାହୁ, କର୍ମଯୋଗୀ ଗୋବିନ୍ଦ ମହାରଣା, କ୍ରୀଡ଼ାବିତ୍ ରାମ କୁମାର ସାହୁ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂଘ ବରିଷ୍ଠ ସଦସ୍ୟ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଦିଗାମ୍ବର ଶତପଥୀ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ପୀୟୂଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସ ବିଶ୍ୱାଳ, ବିକାଶ ପଣ୍ଡା, ଭକ୍ତି ରଞ୍ଜନ ଦଳାଇ, ଫୁଟବଲ ସଂପାଦକ ରାଜୀବ ସାହୁ, କଳିମ ମହମ୍ମଦ, ସନ୍ତୋଷ ପାଢ଼ୀ, ରାଜ କୁମାର ନାଏକ୍, ହୃଷୀକେଶ ପଣ୍ଡା, ଅନିଲ ସାହୁ, ରବି ଦେହୁରୀ, ବୁବୁନ୍ ନାଏକ୍ ପ୍ରମୁଖ କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଆସନ୍ତା କାଲି ମ୍ୟୁନିସିପାଲିଟି ଜୋନ୍‌ରେ ରାମଧୂନ୍ କ୍ଲବ ଓ ରିଜର୍ଭ ପୋଲିସ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ଭାରତୀୟ ରଗ୍‌ବି ଦଳରେ ୬ ଓଡ଼ିଆ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରଗ୍‌ବି ପାଇଁ ମଙ୍ଗଳବାର ଆସିଛି ଗର୍ବ ଓ ଗୌରବର ଖବର। ଏସୀୟ ରଗ୍‌ବି ଏମିରେଟ୍‌ସ ସେଭେନ୍ସ ସିରିଜ୍ ପାଇଁ ଘୋଷିତ ଭାରତୀୟ ବରିଷ୍ଠ ଦଳରେ ୬ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ୨ ଜଣ ଏବଂ ମହିଳା ଦଳରେ ୪ ଜଣ ସାମିଲ ରହିଛନ୍ତି। ପୁରୁଷ ଦଳରେ ଆଶିଷ ସବର, ଗଣେଶ ଡାଙ୍ଗ୍ରା ମାଝୀ ଏବଂ ମହିଳା ଦଳରେ ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାମଣି ଟୁଡୁଙ୍କୁ ଏହି ସୁଯୋଗ ମିଳିଛି।

ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଅଗଷ୍ଟ ୨୯ ଓ ୩୦ ତାରିଖରେ ଚୀନର ସୁଜୋଉଠାରେ ଖେଳା ଯିବ।

# ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହେଲା ଶ୍ରାବଣ ମାସ : ୩୪ ଲକ୍ଷରୁ ଅଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ସୁନିଶ୍ଚିତ କଲା ଓଡ଼ିଶା ପୋଲିସ

**କଟକ, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଶ୍ରାବଣ ମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟାତ ଓ ଶୃଙ୍ଖଳିତ ଭିଡ଼ ପରିଚାଳନା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରାବଣ ମାସର ଚାରିଟି ସୋମବାରରେ ୩୫ଟି ପୋଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ସୁରକ୍ଷା, ଭିଡ଼ ଓ ଯାତାୟାତ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମେଳା ସମୟରେ କୌଣସି ଅଞ୍ଚଳରେ ବଡ଼ଧରଣର ଆଇନଶୃଙ୍ଖଳା ସମସ୍ୟା କିମ୍ବା ଦଳାଚକଟା ଭଳି ଅଘଟଣ ଘଟିନଥିଲା। ଚଳିତ ବର୍ଷ ଭକ୍ତ ସମାଗମକୁ ଆଧାର କରି ବିଭିନ୍ନ ଶୈବପୀଠରେ ଆବଶ୍ୟକତାନୁସାରେ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବଲାଙ୍ଗୀର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଥିବା ଶୈବ ପୀଠ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କେନ୍ଦ୍ରାଞ୍ଚଳ, କଟକ ଅଧୀନରେ ଲୋକନାଥ ଦେବ, ଯୋଡ଼ଲିଙ୍ଗ ଶିବ, ବାଲିକପିଳେଶ୍ୱର ଓ ଧବଳେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ମଧ୍ୟ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା। ସେହିପରି ରାଜ୍ୟର ରେଞ୍ଜରେ ଭକ୍ତଙ୍କ ସମାଗମ ଅନୁଯାୟୀ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ଶ୍ରାବଣ ସୋମବାର ପୂର୍ବରୁ କମିଶନରେଟ୍ ପୋଲିସ ଓ ଜିଲ୍ଲା ପୋଲିସ ପକ୍ଷରୁ ଆଗୁଆ ଯାତାୟାତ ପରାମର୍ଶ ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରୁ ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ସମ୍ଭାବ୍ୟ ଭିଡ଼କୁ ଆକଳନ କରି ସମ୍ବେଦନଶୀଳ ଅଞ୍ଚଳରେ ଆବଶ୍ୟକ ଯାତାୟାତ କଟକଣା ଲାଗୁ କରାଯାଇଥିଲା। ଗଡ଼ଗଡ଼ିଆ ଘାଟ ଓ ମଧୁସୂଦନ ସେତୁ ଭଳି ସ୍ଥାନରେ ଯାତାୟାତକୁ ସୁଚାରୁ ଭାବେ ନିୟନ୍ତ୍ରଣ କରାଯିବା ସହ ଜରୁରୀକାଳୀନ ଯାନବାହନର ଚଳାଚଳ ନିରବଚ୍ଛିନ୍ନ ରଖାଯାଇଥିଲା। ପ୍ରମୁଖ ମନ୍ଦିରଗୁଡ଼ିକରେ ଅତ୍ୟଧିକ ଭିଡ଼କୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଭିଡ଼ ନିୟନ୍ତ୍ରଣ ଦଳ, କୁଇକ୍ ? ରେସପନ୍ସ ଟିମ୍ ? କୁ ସଜାଗ ରଖାଯାଇଥିଲା। ମହିଳା, ବରିଷ୍ଠ ନାଗରିକ, ଶିଶୁ ଓ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ପ୍ରମୁଖ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା ଓ ସହାୟତା ବ୍ୟବସ୍ଥା କରାଯାଇଥିଲା। ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ଼ କରାଯାଇଥିଲା। ମନ୍ଦିର ସେବାୟତ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଶ୍ରାବଣ ମେଳା ପରିଚାଳନାରେ ନିର୍ଦ୍ଧାରିତ ପରିଚାଳନା ନୀତିକୁ ଅନୁସରଣ କରାଯିବା ସହ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସମନ୍ୱୟ ବୈଠକ ଆୟୋଜନ କରାଯାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିରନ୍ତର ଯୋଗାଯୋଗ, ସୂଚନା ଆଦାନପ୍ରଦାନ ଯୋଗୁଁ ସମଗ୍ର ମେଳା ପରିଚାଳନା ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଥିଲା। ସୁଚିନ୍ତିତ ଯୋଜନା, ବିଭିନ୍ନ ରେଞ୍ଜ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଶ୍ରାବଣ ମାସ ଶୃଙ୍ଖଳିତ ଭାବେ ସମାପ୍ତ ହୋଇଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମତବ୍ୟକ୍ତ କରିଛନ୍ତି। ଏହି ଅଭିଯାନରେ ସୂଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରିଥିବା ସମସ୍ତ ରେଞ୍ଜର ଅଧିକାରୀ, ପୋଲିସ ଜିଲ୍ଲାର ଏସ୍‌ପି ଏବଂ ସେମାନଙ୍କ ସମଗ୍ର ଟିମ୍‌କୁ ସାଧୁବାଦ ଜଣାଇଛନ୍ତି।

OFFICE OF THE PANCHAYAT SAMITI, ANANDAPUR 19001/219/2627
At/P.o.- Anandapur, Dist. Keonjhar, Odisha
Advt. No. 2550 / BDO-Anandapur / 2026-27 Dt. 25.08.26
**Tender Call Notice**
Online percentage rate tender through "e" procurement are invited from the interested "B" & "C" Class Contractors registered with the Govt. for execution of 02 nos of Civil works with an Estimated cost of individual work from Rs. 2095885.64/- & Rs.6855888.11/- under Panchayat Samiti, Anandapur, Keonjhar. The eligible criteria and the details of the tender documents which can be downloaded from the website www.tendersorissa.gov.in. and only view from the website www.kendujhar.nic.in. Interested bidders fulfilling the eligibility criteria may submit their proposals above mentioned portal. The bid Documents will be available in the above website from 26.08.2026 11.00 AM up-to 15.09.2026 05.00 PM. Proposal(s) complete in all respect should submit their application through Online before 15.06.2026 up-to 05.00 PM. The Single cover will be opened on 18.09.2026 at 11.00A.M.The undersigned reserves the rights to reject the bidders if any documents found incorrect/false at any stage of bidding.
Sd/- Block Development Officer,
Anandapur, Keonjhar
OIPR-19001/19453/1/26-27/0001

GOVERNMENT OF ODISHA 32001/744/2627
Office of the Superintending Engineer
Kanupur Spillway Division.
AT/PO-Basudevpur, Dist.-Keonjhar, PIN-758047.
e- PROCUREMENT NOTICE
**Bid Identification No.SE, KSD- 09/2026-27**
Email- eekanupurspillway@gmail.com

| Sl. No | Name of work | Approx. value of work. (Rs. in Lakh) | E.M.D./ Bid Security. in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Construction of stair way on both side of the Spillway on Dam Surface" | 31.02 | 31,100.00 | 6,000.00 | 02(Two) Calendar months | "C" & "B" | Kanupur Spillway Division, At/PO-Basudevpur, Dist.-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Spillway Division, Basudevpur, Dist- Keonjhar. | SE, KSD- 09/ 2026-27 | 28.08.26 From 10.00 Hours | 08.09.26 Up to 17.00 Hours | 09.09.26 | 11.00 Hours | O/o the Superintending Engineer Kanupur Spillway Division, Basudevpur, Dist- Keonjhar. |

Further details can be seen from the e-Procurement portal " www.tendersodisha.gov.in".
Sd/- Superintending Engineer
Kanupur Spillway Division, Basudevpur
OIPR-32001/32536/1/26-27/0005

PANCHAYAT SAMITI OFFICE, NUAGAON 19001/214/2627
INVITATION FOR BIDS
Bid Identification No. BDO/NGN/01/2026-27
Letter No. 1687 / Dt. 21.08.2026
The PANCHAYAT SAMITI OFFICE, NUAGAON on behalf of the Govt. of Odisha invites **Percentage Rate** bids in **Double cover system on online Mode. Bid Identification No. BDO/NGN/01/2026-27** for **01** nos. Civil work with value of **Rs. 70.64 Lakh.**
1. Bid documents will be available in website www.tendersorissa.gov.in from 21.08.2026
2. Bids must be submitted on "online" on or before 17.09.2026 by 17:00 hours.
3. Bids shall be opened at 11:00 hours on 18.09.2026 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in
Sd/- Block Development Officer
Nuagaon
OIPR-19001/19358/1/26-27/0001

## ପଛୁଆ ଅଞ୍ଚଳରୁ ଜାତୀୟ ମଞ୍ଚରେ କ୍ରିଷ୍ଣାଙ୍କ କମାଲ୍

# 'ଇଣ୍ଡିଆ କ୍ରାଉନ୍ଡ ଲିଜେଣ୍ଡସ୍, ସିଜନ୍-୨'ରେ ମିଷ୍ଟର କାଟେଗୋରୀରେ ବାଜିମାତ୍

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ଆଦିବାସୀ ଅଧ୍ୟୁଷିତ ତଥା ରାଜ୍ୟର ଏକ ପଛୁଆ ଜିଲ୍ଲା ଭାବେ ପରିଚିତ ନବରଙ୍ଗପୁରରୁ ଜାତୀୟସ୍ତରୀୟ ମଞ୍ଚରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ଜଣେ ଯୁବ ମଡେଲ୍। ଉମରକୋଟ ବ୍ଲକ ରାଜପୁର ଗ୍ରାମର କ୍ରିଷ୍ଣା ପୂଜାରୀ 'ଇଣ୍ଡିଆ କ୍ରାଉନ୍ଡ ଲିଜେଣ୍ଡସ୍, ସିଜନ୍-୨' ଜାତୀୟସ୍ତରୀୟ ବ୍ୟୁଟି ପେଜେଣ୍ଟ ଓ ଟ୍ୟାଲେଣ୍ଟ ହଣ୍ଟରେ ମିଷ୍ଟର କାଟେଗୋରୀରେ ବାଜିମାତ୍ କରିଛନ୍ତି। ତାଙ୍କ ଏହି ସଫଳତା ପରେ ନବରଙ୍ଗପୁର ଜିଲ୍ଲାରୁ ଶୁଭେଚ୍ଛାର ସୁଅ ଛୁଟିଛି। ଗତ ୨୩ ଅଗଷ୍ଟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ରୁଙ୍ଗଟା ଟାଉନହଲ୍‌ରେ 'ଇଣ୍ଡିଆ କ୍ରାଉନ୍ଡ ଲିଜେଣ୍ଡସ୍, ସିଜନ୍-୨' ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମୋଟ ୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତଙ୍କୁ ପଛରେ ପକାଇ କ୍ରିଷ୍ଣା ମିଷ୍ଟର କାଟେଗୋରୀରେ ସଫଳତା ହାସଲ କରି ନବରଙ୍ଗପୁର ପାଇଁ ଗୌରବ ଆଣିଛନ୍ତି। ନବରଙ୍ଗପୁର ଜିଲ୍ଲାର ଏକ ଗ୍ରାମୀଣ





ପରିବେଶରେ ଜନ୍ମ ନେଇଥିବା କ୍ରିଷ୍ଣାଙ୍କର ପିଲାଦିନରୁ ମଡେଲିଂ ଓ ଅଭିନୟ ପ୍ରତି ଆଗ୍ରହ ଥିଲା। ନିଜ ଗାଁରୁ ଉମରକୋଟ ସହର ଆସି ଶିକ୍ଷା ଗ୍ରହଣ କରିବା ସହ ମଡେଲିଂ ପ୍ରତି ନିଜର ଆଗ୍ରହକୁ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଯାଇ ଗଣଇ ପଢ଼ିବା ସମୟରେ ମଡେଲିଂ କ୍ଷେତ୍ରରେ ନିଜକୁ ଅଧିକ ପରିଚିତ କରାଇଥିଲେ। ବିଭିନ୍ନ ମଡେଲ୍‌ଙ୍କ ସହ କାମ କରିବା ଓ ନିରନ୍ତର ଅଭ୍ୟାସ ତାଙ୍କ ପ୍ରତିଭାକୁ ଆହୁରି ଶାଣିତ କରିଥିଲା। ଶେଷରେ ଜାତୀୟସ୍ତରୀୟ ମଞ୍ଚରେ ନିଜ ପ୍ରତିଭା ପ୍ରମାଣ କରି ସେ ସଫଳତା ହାସଲ କରିଛନ୍ତି।

ନବରଙ୍ଗପୁର ଭଳି ଏକ ପଛୁଆ ଅଞ୍ଚଳର ଗ୍ରାମରୁ ଆସି କ୍ରିଷ୍ଣାଙ୍କ ଜାତୀୟସ୍ତରରେ ସଫଳତା ହାସଲ କରିବା ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି। ବିଶେଷକରି ଗ୍ରାମାଞ୍ଚଳରେ ମଡେଲିଂ ଓ ଅଭିନୟକୁ କ୍ୟାରିୟର ଭାବେ ଗ୍ରହଣ କରିବାକୁ ଇଚ୍ଛୁଥିବା ଯୁବପ୍ରତିଭାଙ୍କୁ ତାଙ୍କ ସଫଳତା ଉତ୍ସାହିତ କରିବ ବୋଲି ମତ ପ୍ରକାଶ ପାଇଛି। ସୁଯୋଗର ଅଭାବ ଥିଲେ ମଧ୍ୟ ପ୍ରତିଭା, ପରିଶ୍ରମ, ଆତ୍ମବିଶ୍ୱାସ ଓ ନିରନ୍ତର ପ୍ରୟାସ ଥିଲେ ସଫଳତା ହାସଲ କରାଯାଇପାରେ – କ୍ରିଷ୍ଣାଙ୍କ ସଫଳତା ଏହାର ଏକ ଉଦାହରଣ। ନବରଙ୍ଗପୁର ଭଳି ଅପେକ୍ଷାକୃତ ପଛୁଆ ଅଞ୍ଚଳରୁ ଜାତୀୟ ମଞ୍ଚରେ ପହଞ୍ଚି ନିଜ ପ୍ରତିଭାର ପରିଚୟ ଦେବା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ତାଙ୍କ ଶୁଭେଚ୍ଛୁମାନେ କହିଛନ୍ତି।

ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାର ଗ୍ରାମୀଣ ଅଞ୍ଚଳରୁ ଜଣେ ଯୁବକ ଜାତୀୟସ୍ତରୀୟ ବ୍ୟୁଟି ପେଜେଣ୍ଟରେ ମିଷ୍ଟର କାଟେଗୋରୀରେ ସଫଳତା ହାସଲ କରିବା ଜିଲ୍ଲା ପାଇଁ ଏକ ନୂଆ ପରିଚୟ ଆଣିଛି। ଏହି ସଫଳତା ଜିଲ୍ଲାର ଅନ୍ୟ ଲୁକ୍କାୟିତ ପ୍ରତିଭାଙ୍କୁ ମଧ୍ୟ ଜାତୀୟ ମଞ୍ଚ ଆଡ଼କୁ ଆଗେଇବାକୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି। କ୍ରିଷ୍ଣାଙ୍କ ଏହି ସଫଳତା ପାଇଁ ରାଜପୁର ଗ୍ରାମ ସମେତ ଉମରକୋଟ ସହର ଓ ସମଗ୍ର ନବରଙ୍ଗପୁର ଜିଲ୍ଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ବିଭିନ୍ନ ମହଲରୁ କ୍ରିଷ୍ଣାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଛି। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ ଅତୁଲ ଗିରିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଭାବେ ଧନଞ୍ଜୟ ଦାସ, ସହ-ନିର୍ଦ୍ଦେଶକ ଭାବେ ରଞ୍ଜିତ ପାତ୍ର ଏବଂ ସେଫ୍ଟି ଆମ୍ବାସାଡର ଓ ସହ-ନିର୍ଦ୍ଦେଶକ ଭାବେ ସୁଶ୍ରୀ ଭାରତୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଟିମ୍‌ର ସୁଚାରୁ ବ୍ୟବସ୍ଥାପନା ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜିତ ହୋଇଥିଲା। ପ୍ରତିଭାର ଠିକଣା କେବଳ ବଡ଼ ସହର ନୁହେଁ; ଗାଁ ମାଟିରୁ ମଧ୍ୟ ଜାତୀୟ ମଞ୍ଚ ଜିତିହେବ। କ୍ରିଷ୍ଣା ପୂଜାରୀ ଏହାର ଏକ ଜୀବନ୍ତ ଉଦାହରଣ।



# ଏମ୍‌ଏମ୍‌ଡିଆର୍ ଆଇନରେ ଓଡ଼ିଶାର ଅର୍ଥନୈତିକ ସ୍ୱାଧୀନତାକୁ ଛଡ଼ାଇ ନିଆଯାଇଛି : ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍‌ଏମ୍‌ଡିଆର୍‌କୁ ଓଡ଼ିଶା ସମେତ ସାରା ଭାରତରେ କମ୍ପନ ସୃଷ୍ଟି ହୋଇଛି। ଏହି କଳା ଆଇନ ସଂସଦରେ ପାରିତ ହେଲା। ଏହି ଦିନ ଇତିହାସର ଏକ କଳା ଦିବସ। ୧୯୩୬ ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହୋଇଥିଲା ଓଡ଼ିଶା। ଏହାକୁ ଉତ୍କଳ ଦିବସ ଭାବେ ପାଳନ ହେଉଛି। ସେବେ ଠାରୁ ଓଡ଼ିଆ ଲୋକ ଜାଣିଲେ ଯେ ସେମାନଙ୍କ ନିଜ ଜମି ଓ ଅସ୍ମିତା ଅଛି। ହେଲେ ୨୦୨୬ ଅଗଷ୍ଟ ୧୩ ତାରିଖରେ ଓଡ଼ିଶାର ଅର୍ଥନୈତିକ ସ୍ୱାଧୀନତାକୁ ଛଡ଼ାଇ ନିଆଗଲା। ଭାରତୀୟ ସମ୍ବିଧାନ ଅନୁଯାୟୀ, ଭୂମି ଅଧିକାର ରାଜ୍ୟର। ହେଲେ ଏହି ଅଧିକାରରୁ ଏବେ ବଞ୍ଚିତ ହେଲା ରାଜ୍ୟ। କେନ୍ଦ୍ର ସରକାରଙ୍କ ଗଗଉଜ ଆଇନକୁ ନେଇ ବିଜେଡି ସାମ୍ବାଦିକ ସମ୍ମିଳନୀ କରି ବର୍ଷିଛି । ବିଜେଡି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି, ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଥିଲେ ଗଜପତି ମହାରାଜା ମୁକୁନ୍ଦ



ଦେବ। ସେ ସମୟରେ କଳାପାହାଡ଼ ବେଙ୍ଗଲ ରାଜାଙ୍କ ସେନାପତି ହୋଇ ଓଡ଼ିଶା ଉପରେ ଆକ୍ରମଣ କରିଥିଲା। ସେ ଏକା ମୁକୁନ୍ଦ ଦେବଙ୍କୁ ହରାଇ ପାରିନଥାନ୍ତା। ହେଲେ ରାମଚନ୍ଦ୍ର ଭଞ୍ଜଙ୍କୁ ନେଇ ବିଶ୍ୱାସଘାତକ କରାଯାଇ ତାଙ୍କୁ ହତ୍ୟା କରାଗଲା। କେନ୍ଦ୍ର ସରକାରଙ୍କ ଦାଦାଗିରି ଓଡ଼ିଶାକୁ ଲୁଟ୍ କରାଯାଇଛି। ଓଡ଼ିଶା ମାଟି ତଳେ ଅନେକ ଖଣି ସମ୍ପଦ ରହିଛି। ଏହାକୁ ଲୁଟିବାକୁ ସରକାର ଯୋଜନାବଦ୍ଧ ଷଡ଼ଯନ୍ତ୍ର ରଚିଛନ୍ତି । କେନ୍ଦ୍ର ସରକାର ରାଜ୍ୟର କ୍ଷମତାକୁ ସଂକୁଚିତ କରିବାକୁ ଚାହୁଁଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ କେନ୍ଦ୍ରକୁ ପଛରେ ପକାଇ ରାଜ୍ୟ ସରକାର ଅର୍ଥନୈତିକ ଓ ସାମଗ୍ରିକ ବିକାଶ କରାଇଥିଲେ। କେନ୍ଦ୍ର ଏଥିରେ ଈର୍ଷା କରୁଥିଲା । ତେଣୁ ଖଣି ନିୟନ୍ତ୍ରଣ ପାଇଁ ଏହା ବି ଏକ ଷଡ଼ଯନ୍ତ୍ର । ସେ ଆହୁରି ମଧ କହିଛନ୍ତି, କେନ୍ଦ୍ରର ହାତଟେକା ଉପରେ ରାଜ୍ୟ ନିର୍ଭର କରି ପାରିବ ନାହିଁ । ଓଡ଼ିଶା ଲୋକେ ଧୁଳିଧୂଆଁ ସହିବେ, ଆଉ କେନ୍ଦ୍ର ସରକାର ରାଜ୍ୟରୁ ଟଙ୍କା ପୋଛି ନେବ। ଯାହାକୁ ନବୀନ ପଟ୍ଟନାୟକ ସ୍ୱୀକାର କରିନଥିଲେ ଆଗାମୀ ଦିନରେ କରିବେ ନାହିଁ । ବର୍ତ୍ତମାନ ରାଜ୍ୟର ପ୍ରଗତି ରଥ ବନ୍ଦ କରିବାକୁ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର ରଚାଯାଉଛି । ଜେନ୍-ଜି ଆନ୍ଦୋଳନ ସମୟରେ ଅତି ଗୋପନ ଭାବେ ଗଗଉଜ ବିଲ୍ ଅଣି ସଂସଦରେ ପାରିତ କରାଯାଇଥିବା ବୋଲି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ବିନା ଆଲୋଚନା ଏମ୍‌ଏମ୍‌ଡିଆର୍ ଆଇନ ଆସିଲା। ସେକ୍ସନ ୯D ଯାହା ଲଗାଗଲା, ପୂର୍ବ ଅଧିକାର ଆଉ ରାଜ୍ୟ ସରକାରଙ୍କ ରହିବ ନାହିଁ। ସୁପ୍ରିମ କୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଓଡ଼ିଶା ସପକ୍ଷରେ ନିଷ୍ପତ୍ତି ଦେଇଥିଲେ। ହେଲେ ଏବେ ଏହି ଆଇନ ପାଇଁ ବର୍ଷକୁ ୧୨ ହଜାର କୋଟି ଟଙ୍କା ହରାଇବ ଓଡ଼ିଶା। କଞ୍ଚାମାଲ ନେଇଯିବେ ପୁଞ୍ଜିପତି, ହେଲେ ଶିଳ୍ପ ଓଡ଼ିଶାରେ ପ୍ରତିଷ୍ଠା ହେବନି। ସେଥିପାଇଁ ସେକ୍ସନ ୯ଡି ଲଗାଗଲା । ଏଭଳି ଅନ୍ୟାୟକୁ ବିରୋଧ କରି ନ୍ୟାୟ ପାଇଁ ଠିଆ ହେବେ ନବୀନ ପଟ୍ଟନାୟକ । ଏଭଳି ଓଡ଼ିଶା ବିରୋଧୀ କାର୍ଯ୍ୟକୁ ରାଜ୍ୟବାସୀ ଗ୍ରହଣ କରିବେ ବୋଲି ଗୌତମ ବୁଦ୍ଧ କହିଛନ୍ତି ।

# ସ୍କିଲ୍ ଡେଭଲପମେଣ୍ଟ ପଦକ୍ଷେପ ମାଧ୍ୟମରେ ୩୦ ଯୁବକ-ଯୁବତୀଙ୍କୁ ସଶକ୍ତ କରିଛି ବେଦାନ୍ତ ଆଲୁମିନିୟମ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କମ୍ପାନୀର ବେଦକ୍ଷତା ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ପ୍ରଶିକ୍ଷାର୍ଥୀମାନଙ୍କ ନୂତନ ବ୍ୟାଚର ସମାପନୀ ସମାରୋହ ଆୟୋଜିତ ହୋଇଛି। ଏହି ଅବସରରେ ଜିଲ୍ଲାର ୩୦ ଜଣ ଯୁବକ-ଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁକୂଳ ଖାଦ୍ୟ ଓ ପାନୀୟ କ୍ଷେତ୍ରରେ ପ୍ରଦାନ କରାଯାଇଥିବା ବ୍ୟାପକ ପ୍ରଶିକ୍ଷଣର ସଫଳ ସମାପ୍ତି ପାଳନ କରାଯାଇଥିଲା। ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସଡ଼ିଏ), ଝାରସୁଗୁଡ଼ାର ଅମିତ କୁମାରଙ୍କ ଅଧ୍ୟକ୍ଷତାରେ ଏହି ସମାରୋହଟି ଅନୁଷ୍ଠିତ ହୋଇଥିଲା। ସମାପନୀ ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ସେ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ଭାବେ ଅର୍ଜନ କରିଥିବା ଦକ୍ଷତାକୁ ଉପଯୋଗ କରି ସଫଳ କ୍ୟାରିୟର ଗଢ଼ିବାକୁ ଉତ୍ସାହିତ କରିଥିଲେ। ବେଦକ୍ଷତା ହେଉଛି ଓଡ଼ିଶାରେ ବେଦାନ୍ତ ଆଲୁମିନିୟମର ଏକ ପ୍ରମୁଖ ଦକ୍ଷତା ବିକାଶ କାର୍ଯ୍ୟକ୍ରମ। ସ୍ଥାନୀୟ ସମୁଦାୟର ଯୁବପିଢ଼ିଙ୍କ ନିଯୁକ୍ତିଯୋଗ୍ୟତା ଓ ଜୀବିକା ସୁଯୋଗ ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଅଂଶଗ୍ରହଣକାରୀମାନଙ୍କୁ ବ୍ୟବହାରିକ ଦକ୍ଷତା, କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତି ଏବଂ ବୃତ୍ତିଗତ ଦକ୍ଷତାରେ ସଜ୍ଜିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ପରିକଳ୍ପିତ। ବର୍ତ୍ତମାନ ଏହା ଯୁବପିଢ଼ିଙ୍କୁ ହସ୍ପିଟାଲିଟି ଓ ମୋବାଇଲ୍ ମରାମତି କ୍ଷେତ୍ରରେ ଉଦୀୟମାନ ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରୁଛି। ଶିଳ୍ପର ଆବଶ୍ୟକତା ଅନୁକୂଳ ବୃତ୍ତିଗତ ପ୍ରଶିକ୍ଷଣ, ବ୍ୟବହାରିକ ଶିକ୍ଷା ଏବଂ କ୍ୟାରିୟରଭିତ୍ତିକ ମାର୍ଗଦର୍ଶନ ମାଧ୍ୟମରେ ସ୍ଥାନୀୟ ପ୍ରତିଭା ଓ ପରିବର୍ତ୍ତିତ




ବଜାର ଆବଶ୍ୟକତା ମଧ୍ୟରେ ଥିବା ଦକ୍ଷତା ଅଭାବକୁ ଦୂର କରିବାକୁ ଏହି କାର୍ଯ୍ୟକ୍ରମ ପ୍ରୟାସ କରୁଛି। ଆରମ୍ଭରୁ ବେଦକ୍ଷତା ଅଧୀନରେ ୯୦ରୁ ଅଧିକ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହା ମଧ୍ୟରୁ ଅନେକ ଯୁବକ-ଯୁବତୀ ନିଯୁକ୍ତି ପାଇବା ସହ ସ୍ଥାୟୀ ଜୀବିକାର ସୁଯୋଗ ହାସଲ କରିଛନ୍ତି। ଶିଳ୍ପର ଆବଶ୍ୟକତା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମନ୍ୱିତ କରି ଏହି ପଦକ୍ଷେପ ଅଞ୍ଚଳରେ ଦକ୍ଷତା ବିକାଶ ଓ ଆର୍ଥିକ ସଶକ୍ତୀକରଣରେ ନିରନ୍ତର ଅବଦାନ ରଖୁଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମ- ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ଦକ୍ଷତାସମ୍ପନ୍ନ ଯୁବପିଢ଼ି ସଶକ୍ତ ହେବା ଦୃଢ଼ ଓ ସକ୍ଷମ ସମୁଦାୟ ଗଠନ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଢ଼ିବାର ଏକ ଅବିଚ୍ଛିନ୍ନ ଅଂଶ ବୋଲି ଆମେ ବିଶ୍ୱାସ କରୁ। ବେଦକ୍ଷତା ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ ଆବଶ୍ୟକତା ଅନୁକୂଳ ଦକ୍ଷତା, ବ୍ୟବହାରିକ ଅଭିଜ୍ଞତା ଏବଂ ନିଜର ଆକାଂକ୍ଷାକୁ ସାର୍ଥକ କ୍ୟାରିୟରରେ ପରିଣତ କରିବା ପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ପ୍ରଦାନ କରିବା ଆମର ଉଦ୍ୟମ। ଓଡ଼ିଶାରେ ଦକ୍ଷତା ବିକାଶ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ସମୁଦାୟର ଆତ୍ମନିର୍ଭରଶୀଳତା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଆମେ ପ୍ରତିବଦ୍ଧ।" ବେଦକ୍ଷତା କାର୍ଯ୍ୟକ୍ରମରେ ନିଜ ଅଭିଜ୍ଞତା ବାଣ୍ଟି ପ୍ରଶିକ୍ଷାର୍ଥୀ ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ୍ ଅନ୍ତର୍ଗତ ପୁଡ଼େଇଧି ଗ୍ରାମର ଯଶୋଦା ବୁଡୁଲା କହିଛନ୍ତି, "ବେଦକ୍ଷତାରେ ପ୍ରଶିକ୍ଷଣ ନେବା ଦ୍ୱାରା ଖାଦ୍ୟ ଓ ପାନୀୟ କ୍ଷେତ୍ରକୁ ଉତ୍ତମ ଭାବେ ବୁଝିବାରେ ମୋତେ ସହାୟତା ମିଳିଛି। ଏହା ମୋର ବୃତ୍ତିଗତ ଦକ୍ଷତା ସହ ଆତ୍ମବିଶ୍ୱାସକୁ ମଧ ବୃଦ୍ଧି କରିଛି। ଏହି କାର୍ଯ୍ୟକ୍ରମ ମୋତେ ଅଧିକ ସ୍ପଷ୍ଟତା ସହ ନିଯୁକ୍ତି ସୁଯୋଗ ଖୋଜିବା ପାଇଁ ପ୍ରସ୍ତୁତ କରିଛି। ଏବେ ମୁଁ ଏଠାରୁ ଶିଖିଥିବା ଦକ୍ଷତାକୁ ନିଜ କ୍ୟାରିୟର ଆରମ୍ଭରେ ପ୍ରୟୋଗ କରିବାକୁ ଆଗ୍ରହୀ।" ଓଡ଼ିଶାରେ ବେଦାନ୍ତ ଆଲୁମିନିୟମର ସାମାଜିକ ପ୍ରଭାବ କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ, ସ୍ଥାୟୀ ଜୀବିକା, କ୍ରୀଡ଼ା, ସଂସ୍କୃତି ଓ ସମୁଦାୟ ଭିତ୍ତିଭୂମି ଭଳି ବିଭିନ୍ନ କ୍ଷେତ୍ରକୁ ବ୍ୟାପିଛି। ସ୍ଥାନୀୟ ସମୁଦାୟ, ସରକାରୀ ଅନୁଷ୍ଠାନ ଏବଂ କାର୍ଯ୍ୟାନ୍ୱୟନ ସହଯୋଗୀଙ୍କ ସହଭାଗିତାରେ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ଆବଶ୍ୟକତାର ସମାଧାନ କରୁଛି। କେବଳ ଆର୍ଥିକ ବର୍ଷ ୨୬ରେ ଏହି ପଦକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ବିକାଶ କ୍ଷେତ୍ରରେ ୮ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି। ଏହା ଓଡ଼ିଶାରେ ଆର୍ଥିକ ତଥା ସାମାଜିକ ପ୍ରଭାବ ସୃଷ୍ଟି କରିବା ପ୍ରତି ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆମ ସାହିତ୍ୟରେ...

ବସିଲାଣି । ସାହିତ୍ୟକାରଟିଏ ସବୁ କିଛିକୁ ଜାଣିଛି ଓ ଅନୁଭବୀଛି ମଧ୍ୟ, ଅଥଚ ସେ ଦିଗରେ ଆଉ ଅଧ୍ୟବସାୟ ନକରି ସାହିତ୍ୟ ରୂପକ ମେଳକ ପଡିଆରୁ କେବଳ ପୁରସ୍କାର-ଅଙ୍ଗବସ୍ତ୍ର, ଫୁଲ-ତୋଡା ନଗଦ ଅର୍ଥ ଗୋଟାଇବାରେ ନିଜକୁ ସମାହିତ କରିଚାଲିଛି । ସାହିତ୍ୟ-ଏବର ସାରସ୍ୱତ ସାଧକ (ଅତ୍ୟଳ୍ପ)ର କଣ୍ଢେଇ ଖେଳ ସଦୃଶ ! ସାହିତ୍ୟିକଟିଏ ହେବାର କୃଚ୍ଛ୍ର ସାଧନା ଭିତରୁ ବାହାରି ସେ ପଳାୟନ ପନ୍ଥୀ ହୋଇ କେବଳ ସାହିତ୍ୟକୁ ନେଇ ରାଜନୀତି ହିଁ କରିଚାଲିଛି । ବିଶ୍ୱ ପ୍ରସିଦ୍ଧ ଭାରତୀୟ ମହାନ୍ ଲେଖକମାନଙ୍କର ଜୀବନାଦର୍ଶ ଓ ସେମାନଙ୍କର ପୀଡା, ସଂଘର୍ଷ, ଅବସାଦ, ଅର୍ଥ, ଦାରିଦ୍ର୍ୟତା, ଅବସୋସକୁ ମୂଲ୍ୟାୟନ କରି ସେପରି ଜୀବନ ଜିଇଁବା ପାଇଁ ଆମ ପାଖରେ ଆଉ ଇଚ୍ଛାଶକ୍ତି ନାହିଁ କି ଧୈର୍ଯ୍ୟ ବି ନାହିଁ ! ଏହି ସବୁ କାରଣମାନଙ୍କୁ ବାଦ ଦେଲେ ପ୍ରତିନିଧିସ୍ତରୀୟ ଗଳ୍ପ, ଉପନ୍ୟାସ, କାବ୍ୟ କବିତାର ସର୍ଜନାମାନ ଆଉ ଆମ ଭାଷାରେ ଆସିବ ବା କେଉଁଠୁ ? ଫଳତଃ ପାଠକଗୋଷ୍ଠୀ ସାହିତ୍ୟ ପ୍ରତି ବିମୁଖ ହେବାର ଏହା ଏକ ବଡ କାରଣଟିଏ ନୁହେଁ କି ? ଆମ ଓଡ଼ିଆ ସାହିତ୍ୟରେ ବର୍ତ୍ତମାନ ସମୟରେ ଗଳ୍ପ, ପ୍ରବନ୍ଧ ଭ୍ରମଣ କାହାଣୀର ଯେଭଳି ପାଠକୀୟତା ଅଛି, କାବ୍ୟ କବିତା ପ୍ରତି ସେପରି ଭାବେ ପାଠକର କବିତା ପ୍ରତିପଠନ ଆଗ୍ରହ ଆଦୌ ନାହିଁ କହିଲେ ଚଳେ ! ଏବର କାଳଖଣ୍ଡରେ ଭାବ ଉଦ୍ରେକକାରୀ କାବ୍ୟ, କବିତାର ସମାଦାର ଆଉ ନାହିଁ କି ସାଧାରଣ ପାଠକଟିଏ ଆଗ୍ରହ ପ୍ରକାଶ କରୁନାହିଁ ! ସ୍ରଷ୍ଟାର ଅନୁଭବ ଶକ୍ତି ଓ ଭାବମୟତା, ଶବ୍ଦ ସଂଗ୍ରହର ମାନସିକତା ନଥିବାରୁ ଗରିୟାନ ଆମ ଓଡ଼ିଆ ଭାଷା ସାହିତ୍ୟର ଆଳଙ୍କାରିକ ଅଭିଧାନିକ ଶବ୍ଦମାନେ ମଧ ସେହି ପୋଥିରେ ରହି କେବଳ ସ୍ରଷ୍ଟାଟିର ସୌଖିନ ପଢା ଘରଟିକୁ ମହିମାମୟ କରୁଛି ଯାହା ! ସାଂପ୍ରତିକ କାଳଖଣ୍ଡରେ କିଛି ଭାବବିଭୋର ଗଳ୍ପ ସ୍ରଷ୍ଟାଙ୍କର କାହାଣୀ, ଯୁଗର ତତ୍କାଳିକା ତାକୁ ନେଇ ରଚିତ ପ୍ରବନ୍ଧ-ସ୍ମୃତିରଚନା-ଭ୍ରମଣ କାହାଣୀମାନଙ୍କର ପାଠକୀୟ ଆଦୃତି ହେଉଥିବା ସ୍ଥଳେ କବିତାର ଭାଗ୍ୟ ଅତ୍ୟନ୍ତ ପ୍ରମାଦପୂର୍ଣ୍ଣ-ନିରୁତ୍ସାହଜନକ ସ୍ଥିତି ସୃଷ୍ଟି କରିବାରେ ଏବେ ସଫଳ ହେବାରେ ଲାଗିଛି । ବହୁ ସଭା-ଅନୁଷ୍ଠାନମାନଙ୍କରେ ସହୃଦୟ ପାଠକ ବୃନ୍ଦ ଏ ବିଷୟରେ ଉଲ୍ଲେଖ କରିବାକୁ ମଧ ପଶ୍ଚାତପଦ ହେଉ ନାହାନ୍ତି ! ବହୁକ୍ଷେତ୍ରରେ ମଧ ଏହା ସ୍ୱୀକାର୍ଯ୍ୟ । ତେବେ କେବେ, କିପରି, ଆମ ଓଡ଼ିଆ କବିତାର ସେହି ପୂର୍ବଯଶ ପୌରୁଷ ଯେ ଫେରି ଆସିବ କେବଳ ସେହି ମଙ୍ଗଳମୟ ସୃଷ୍ଟି ସର୍ଜନାର ଅମୃତ କାଳକୁ ବିଚରା ସାହିତ୍ୟ ମନସ୍କ-କବିତା ପ୍ରେମୀ ପାଠକଟିଏ ଉଦାସ ଆଖିରେ ଅପେକ୍ଷା ରଖିଛି ! ଆମକୁ ମନେ ରଖିବାକୁ ହେବ, ଜାତିର ଭାଷା-ସାହିତ୍ୟକୁ କେବଳ ବୃହତର ପାଠକ ସମାଜ ହିଁ ନୀତିଗତ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସଖ୍ୟ ଓ ସାମର୍ଥ୍ୟ ଦେଇପାରିବ।

## ସୁଭଦ୍ରା ଯୋଜନାର ...

୫ ବର୍ଷ ମଧ୍ୟରେ ଯୋଗ୍ୟ ମହିଳାମାନଙ୍କୁ ମୋଟ ୫୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା। ଏହି ରାଶି ବାର୍ଷିକ ୧୦,୦୦୦ ଟଙ୍କା ହିସାବରେ ଦୁଇଟି ସମାନ କିସ୍ତିରେ (ପ୍ରତ୍ୟେକ କିସ୍ତିରେ ୫,୦୦୦ ଟଙ୍କା) ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଉଛି।

## ସୀମା ସମସ୍ୟା...

ଦୁଇଦିନିଆ ଚୀନ୍ ଗସ୍ତରେ ଅଛନ୍ତି। ଡୋଭାଲ ମଧ ଚୀନ୍ ଉପରାଷ୍ଟ୍ରପତି ହାନ୍ ଜେଙ୍ଗଙ୍କ ସହ ସାକ୍ଷାତ୍ କରିଥିଲେ। ଦୁଇ ନେତା ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହିତ ଅର୍ଥନୈତିକ, ରାଜନୈତିକ ଓ ବହୁପକ୍ଷୀୟ ମଞ୍ଚରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଉପାୟ ନେଇ ଆଲୋଚନା କରିଥିଲେ। ଏହା ଦୁଇ ଦେଶର ନେତାମାନଙ୍କ ମଧ୍ୟରେ ହୋଇଥିବା ସହମତି ସହ ସମନ୍ୱିତ ଥିଲା।

ଉଲ୍ଲେଖଯୋଗ୍ୟ ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ଡୋଭାଲଙ୍କ ବୈଠକର ଗୁରୁତ୍ୱ ଆହୁରି ବଢ଼ିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏଥିରେ ଯୋଗଦେବେ ବୋଲି ଆଶା କରାଯାଉଛି, ଯଦିଓ ବେଜିଂ ଏପର୍ଯ୍ୟନ୍ତ ଜିନପିଙ୍ଗଙ୍କ ଗସ୍ତ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ କିଛି ସ୍ପଷ୍ଟ କରିନାହିଁ। ପ୍ରଧାନମନ୍ତ୍ରୀ ମୋଦୀ ଓ ସି ଜିନପିଙ୍ଗ ଶେଷଥର ପାଇଁ ଅଗଷ୍ଟ ୨୦୨୫ରେ ତିଆନଜିନ୍‌ରେ ହୋଇଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ଅବସରରେ ସାକ୍ଷାତ୍ କରିଥିଲେ। ଚୀନ୍ ସମଗ୍ର ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶ ଉପରେ ଦାବି କରୁଛି ଏବଂ ଏହାକୁ 'ଜାଙ୍ଗନାନ' ବା ଦକ୍ଷିଣ ତିବ୍ବତ ବୋଲି କହୁଛି। ଭାରତ ଏହି ଦାବିକୁ ନିରନ୍ତର ଭାବେ ପ୍ରତ୍ୟାଖ୍ୟାନ କରିଆସିଛି ଏବଂ କହିଛି ଯେ ଅରୁଣାଚଳ ପ୍ରଦେଶ ଆମ ଦେଶର ଏକ ଅବିଭାଜ୍ୟ ଅଂଶ। ଅରୁଣାଚଳ ପ୍ରଦେଶର ଉପର ସୁବନସିରି ଅଞ୍ଚଳରେ ଚୀନର ସାମରିକ କାର୍ଯ୍ୟକଳାପ ବୃଦ୍ଧି ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ସମ୍ପର୍କିତ ରିପୋର୍ଟ ପରେ ପୂର୍ବ କ୍ଷେତ୍ରଟି ପୁନର୍ବାର ଗୁରୁତ୍ୱ ପାଇଛି। ଏହି ଘଟଣାବଳୀ ନୂଆଦିଲ୍ଲୀ ଓ ବେଜିଂର ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବାର ପ୍ରୟାସକୁ ଆହୁରି ଜଟିଳ କରିଛି। ଭାରତ ନିରନ୍ତର ଭାବେ କହିଆସିଛି ଯେ ସୀମାରେ ଶାନ୍ତି ଓ ସ୍ଥିରତା ବ୍ୟାପକ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ମୌଳିକ ଆବଶ୍ୟକତା। ଡୋଭାଲ-ୱାଙ୍ଗ ବୈଠକ ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ ଏହି ମତକୁ ଦୋହରାଇଥିଲେ।

## ଆଇଏଏସ୍ ଓ ଓଏଏସ୍ ସ୍ତରରେ...

ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେଠାରେ ଥିବା ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାଶ ପଟ୍ଟନାୟକଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିବା ଆଇଏଏସ୍ ବୀରେନ୍ଦ୍ର କୋରକୋରାଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ ଗୃହ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ଆରାଧନା ଦାସଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ କରାଯାଇଛି । ଓବିସି ନିର୍ଦ୍ଦେଶକ ଥିବା ଆଇଏଏସ୍ ଯୁଗଳେଶ୍ୱରୀ ଦାଶଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବାବେଳେ ଅବକାରୀ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଆୟୁଷ ନିର୍ଦ୍ଦେଶକ ଓ ସେଠାରେ ଥିବା ଆଇଏଏସ୍ ଅଞ୍ଜନା ପଣ୍ଡାଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ପୂର୍ତ୍ତ ବିଭାଗର ଉପସଚିବ ଆଇଏଏସ୍ ସୁନ୍ଦରମାଧବ ପାଢ଼ୀଙ୍କୁ ଓଡ଼ିଶା ମେରିଟାଇମ୍ ବୋର୍ଡର ସିଇଓ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଓଏସଆରଟିସିର ଜେନେରାଲ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଓଏଏସ୍ ଅଫିସରସ୍ତରରେ ମଧ ବଡ଼ଧରଣର ଅଦଳବଦଳ ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ବବିତା ମହାନ୍ତିଙ୍କୁ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ, ଲୋକାୟୁକ୍ତରେ ଅତିରିକ୍ତ ସଚିବ ହିମାଂଶୁ ଶେଖର ବେହେରାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, କଟକ ମହାନଗର ନିଗମର ଅତିରିକ୍ତ କମିଶନର କଳ୍ପତରୁ ବେହେରାଙ୍କୁ ଇଷ୍ଟେଟ୍ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସନ୍ତୋଷୀ ସାହୁଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ, ମନସ୍ୱିନୀ ସାହୁଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ, ଯୋଜନା ବିଭାଗର ଅତିରିକ୍ତ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ଓଡ଼ିଶା ୟୁନିଫର୍ମଡ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନର ସଚିବ, ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଜୟଶ୍ରୀ ସେନାପତିଙ୍କୁ ଓୟୁଏସ୍‌ଏସ୍‌ଏସ୍‌ସିର ଯୁଗ୍ମ ସଚିବ, କ୍ରୀଡ଼ା ବିଭାଗର ଓଏସଡି ସ୍ୱରୂପାନନ୍ଦ ସାହୁଙ୍କୁ ଓୟୁଏସ୍‌ଏସ୍‌ଏସ୍‌ସିର ଉପସଚିବ ଓ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ପରେଶ କୁମାର ନାୟକଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ସେହିପରି କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ (ପିଏ) ଚିତ୍ତରଞ୍ଜନ ମହାନ୍ତଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିବାବେଳେ କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ ଆଇଟିଡିଏର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ସେପ୍ଟେମ୍ବର ୨୨ରୁ ...

ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖ ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୭ଟି ସରକାରୀ କାର୍ଯ୍ୟଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ଅନ୍ତର୍ଭୁକ୍ତ ରହିଛି। ସେପ୍ଟେମ୍ବର ୨୨, ୨୩ ଓ ୨୪ ତିନିଦିନ ସରକାରୀ କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଥିବା ବେଳେ ୨୫ତାରିଖ ବେସରକାରୀ କାର୍ଯ୍ୟଦିବସ ଭାବେ ଉଦ୍ଦିଷ୍ଟ ରହିବ ଓ ବିଲ୍ ଏବଂ ସଂକଳ୍ପ ଉପରେ ଆଲୋଚନା ହେବ।

ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏନେଇ ସଂସଦୀୟ ବ୍ୟାପାର ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଅନୁମୋଦନ ମିଳିବା ପରେ ରାଜ୍ୟପାଳଙ୍କ ଦ୍ୱାରା ଅଧିବେଶନ ଆହ୍ୱାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି ।

## ଗୋଦାବରୀଶ ମିଶ୍ର ...

ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ । ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି, ସେ ସଂପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି। ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତ୍ତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଯୋଜନାର କାର୍ଯ୍ୟାନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟସେଲ୍‌ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକ ତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକତା ଅନୁଯାୟୀ ପ୍ରସ୍ତାବିତ ବିଦ୍ୟାଳୟର ନିକଟସ୍ଥ ସରକାରୀ/ବେସରକାରୀ ଜମି ଅଧିଗ୍ରହଣ କରିବା ଏବଂ କେବଳ ପଞ୍ଚାୟତ ମୁଖ୍ୟାଳୟରେ ଏହି ବିଦ୍ୟାଳୟ ସ୍ଥାପନ ସୀମିତ ନରଖି, ସେଠାରେ ଜମି ଉପଲବ୍ଧ ନଥିଲେ ପଞ୍ଚାୟତର ସର୍ବାଧିକ ଜନବସତି ଥିବା ସ୍ଥାନରେ ବିଦ୍ୟାଳୟ ସ୍ଥାପନ ପାଇଁ ଗାଇଡଲାଇନ ସଂଶୋଧନ ପ୍ରସ୍ତାବ ଦିଆଯାଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ସହିତ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା।ନିର୍ମାଣ କାର୍ଯ୍ୟ ପରେ ଆବଶ୍ୟକ ସଂଖ୍ୟକ ଓ ଉତ୍ତମ ଶିକ୍ଷକଙ୍କ ଉପଲବ୍ଧତା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା ରହିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।ଏଥିପାଇଁ ଯୋଜନାର ପ୍ରତ୍ୟେକ ପର୍ଯ୍ୟାୟରେ ଉଚ୍ଚ ଆକାଂକ୍ଷା, ଗୁଣାତ୍ମକ ମାନଦଣ୍ଡ ଓ ଦୀର୍ଘମିଆଦୀ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ତିରୁମାଲା ନାଏକଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳ ନର୍ତ୍ତକ୍ ରିଦମ୍ସ ପକ୍ଷରୁ ସ୍ୱିଡେନରେ ନୃତ୍ୟ ନାଟିକା ପରିବେଷଣ



**ନୂଆଦିଲ୍ଲୀ, ୨୫/୦୮ (ପିଆଇବି)**

ସ୍ୱିଡେନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସ୍ୱିଡେନର ସର୍ବବୃହତ ଭାରତୀୟ ପ୍ରବାସୀ କାର୍ଯ୍ୟକ୍ରମ 'ନମସ୍ତେ ଷ୍ଟକହୋମ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ନର୍ତ୍ତକ ରିଦମ୍ସ ଦ୍ୱାରା ଏକ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା । ପ୍ରସିଦ୍ଧ ଚିତ୍ରଶିଳ୍ପୀ ଡକ୍ଟର ପିକେ ମହାନନ୍ଦିଆଙ୍କ ଲୋକପ୍ରିୟ ପ୍ରେମ କାହାଣୀ ଉପରେ କାର୍ଯ୍ୟକ୍ରମଟି ଆଧାରିତ ଥିଲା। 'ଦ ସାଇକେଲ୍ ଅଫ୍ ଲଭ୍' ଶୀର୍ଷକ ଏହି ନୃତ୍ୟନାଟିକାରେ ୭୦ ଦଶକରେ ନିଜର ପ୍ରେମିକା ଶାର୍ଲୋଟ୍ ଭନ୍ ଶେଡୱିନଙ୍କୁ ଭେଟିବା ଲାଗି ସାଇକେଲରେ ସ୍ୱିଡେନ୍ ଯାତ୍ରା କରିଥିବା ଶ୍ରୀ ମହାନନ୍ଦିଆଙ୍କ ପ୍ରେମକାହାଣୀକୁ ପାରମ୍ପରିକ ସମ୍ବଲପୁରୀ ଲୋକ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏଥିରେ ମଧ ପାଶ୍ଚାତ୍ୟ ନୃତ୍ୟର ଝଲକ ଦେଖିବାକୁ ମିଳିଥିଲା। ଦର୍ଶକମାନେ ଏହି ନୃତ୍ୟନାଟିକାକୁ ଖୁବ୍ ପସନ୍ଦ କରିଥିଲେ ଏବଂ ସେମାନଙ୍କର ଉତ୍ସାହ ବୃଦ୍ଧି କରିଥିଲେ। ପ୍ରଥମ ଥର ପାଇଁ ଏତେ ବଡ଼ ପ୍ରତିଷ୍ଠିତ ମଞ୍ଚରେ ଓଡ଼ିଶାର ସମୃଦ୍ଧ ଓ ଜୀବନ୍ତ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସବୁ ନୃତ୍ୟଶିଳ୍ପୀ ଓଡ଼ିଆ ବଂଶୋଦ୍ଭବ ହୋଇଥିବା ବେଳେ ସେମାନେ ମଧ ସ୍ୱିଡେନରେ ରହୁଥିବା ଓଡ଼ିଆ ସମାଜର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ପ୍ରୋତ୍ସାହନ ଦେବା ଲାଗି ସେମାନେ ସମୟ ବାହାର କରିଥିବାରୁ ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ.:e-tendersouthkur-130-2026,ତା.12.08.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(SSE)/(P.Way)/ରମ୍ଭା ଅଧୀନସ୍ଥ ବାଲୁଗାଁ (Ex)-ଗଞ୍ଜାମ (In) ମଧ୍ୟରେ କି.ମି.528.00 ଠାରୁ କି.ମି.572.263 ପର୍ଯ୍ୟନ୍ତ 30.09.2027 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 124.05 ଲକ୍ଷ, EMD (ଟଙ୍କାରେ) : 2,48,100.00।

(2) ଟେଣ୍ଡର ସଂ.:e-tendersouthkur-131-2026,ତା.12.08.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(SSE)/(P.Way)/କାଳୁପଡ଼ାଘାଟ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ଠାରୁ ବାଲୁଗାଁ ମଧ୍ୟରେ କି.ମି.457.200 ଠାରୁ କି.ମି.528.00 ପର୍ଯ୍ୟନ୍ତ 30.09.2027 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): :** 135.83 ଲକ୍ଷ, EMD (ଟଙ୍କାରେ) : 2,71,700.00।

(3) ଟେଣ୍ଡର ସଂ.:e-tendersouthkur-132-2026,ତା.12.08.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(SSE)/(P.Way)/ନୟାଗଡ଼ ଟାଉନ୍ (NYGT) ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ (KUR)(Ex) ଠାରୁ ଦଶପଲ୍ଲା (DSPL) ସେକ୍ସନ ମଧ୍ୟରେ କି.ମି.0.00 ଠାରୁ କି.ମି.106.650 ପର୍ଯ୍ୟନ୍ତ 30.09.2027 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 69.67 ଲକ୍ଷ, EMD (ଟଙ୍କାରେ) : 1,38,600.00।

ଶେଷ ହେବା ଅବଧି : 12(ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.09.2026 ରିଖ 1500 ଘଣ୍ଟିକା (ସମସ୍ତ କ୍ରମ ସଂ. ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

**ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ),**
**ଖୋର୍ଦ୍ଧା ରୋଡ**

PR-391/R/26-27

# ତିନି ପ୍ରମୁଖ ସଂସ୍ଥା ସହ ବାଲ୍‌ମିର ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତ୍ତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲ୍‌ମି)କୁ ଏକ ଆଧୁନିକ ସେଂଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ବାଲ୍‌ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲ୍ୟୁଏ), ପୁଣେ, ଆଇସିଏଆର-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ)ଙ୍କ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ। ଜାତୀୟ ଜଳ ଏକାଡେମୀ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ଓ୍ୱସୀମ ଅଶରଫ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗର ନ୍ୟାସନାଲ ୱାଟର ଏକାଡେମୀ (ଏନ୍‌ଡବ୍ଲ୍ୟୁଏ), ପୁଣେ ସହ ଏହି ସହଯୋଗ ମାଧ୍ୟମରେ ଯୁଗ୍ମ ଓ ଆବଶ୍ୟକତାଭିତ୍ତିକ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ ଏବଂ ଜଳ ସମ୍ପଦ ପରିଚାଳନାରେ ସମକାଳୀନ ପଦ୍ଧତି ଏବଂ ପ୍ରଯୁକ୍ତି ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ ବାଲ୍‌ମି ଏନ୍‌ଡବ୍ଲ୍ୟୁଏର ଜାତୀୟସ୍ତରୀୟ ବିଶେଷଜ୍ଞତା, ବିଶେଷ ପ୍ରଶିକ୍ଷଣ ସମ୍ବଳ ଓ ଶ୍ରେଷ୍ଠ ଅଭ୍ୟାସ ସମ୍ପର୍କିତ ଅଭିଜ୍ଞତାର ଲାଭ ଉଠାଇପାରିବ। ଆଇସିଏଆର-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଭାବେ ଡ. ଏ. ସାରଙ୍ଗୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମାଧ୍ୟମରେ ଗବେଷଣା, ପ୍ରଯୁକ୍ତି ଓ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ। କୃଷି ଜଳ ପରିଚାଳନା, ଜଳ ବ୍ୟବହାର ଦକ୍ଷତା ଓ ଜଳବାୟୁ-ସହନଶୀଳ ସେଚନ ବ୍ୟବସ୍ଥା ସମ୍ପର୍କିତ ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍‌ର ବିଶେଷଜ୍ଞତା ଓ ନବୀନ ପ୍ରଯୁକ୍ତିରୁ ବାଲ୍‌ମି ଲାଭାନ୍ୱିତ ହେବ। ଏଥିରେ ଆଇଓଟି ଓ ସେନ୍ସର୍ ଆଧାରିତ ଜଳ ପରିଚାଳନା, ସଠିକ୍ ସେଚନ ବ୍ୟବସ୍ଥା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ସହଯୋଗ ମାଧ୍ୟମରେ ବାଲ୍‌ମିକୁ ଏକ ସେଂଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପାଇଁ ଏହାର ଭୌତିକ ଭିତ୍ତିଭୂମିର ଉନ୍ନତି ଓ ସୁଦୃଢ଼ୀକରଣ କରାଯିବ। ଏଥିରେ ପ୍ରଶିକ୍ଷଣ ଓ ଏକାଡେମିକ୍ ସୁବିଧା, ହଷ୍ଟେଲ୍, ଅଡିଟୋରିୟମ୍, ସମ୍ମିଳନୀ କକ୍ଷ ଓ ପାଠାଗାରର ଆଧୁନିକୀକରଣ, ଅଡିଓ-ଭିଜୁଆଲ୍ ସୁବିଧା ସମ୍ପନ୍ନ ଶ୍ରେଣୀଗୃହ, ସମଗ୍ର କ୍ୟାମ୍ପସ୍ ରେ ୱାଇ-ଫାଇ ସଂଯୋଗ ଏବଂ ନୂତନ ୧୦୦-ସିଟ୍ ବିଶିଷ୍ଟ ହଷ୍ଟେଲ୍ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଅବସରରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଇଂ. ଦିଲ୍ଲୀପ କୁମାର ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ; ଇଂ. ବିଘ୍ନରାଜ ପୁରୋହିତ, ସର୍ବୋଚ୍ଚ ଯନ୍ତ୍ରୀ, ଏସ୍ ଆଣ୍ଡ୍ ଏମ୍; ଇଂ. ନିରଞ୍ଜନ ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ପ୍ରୋକ୍ୟୁରମେଂଟ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ସର୍ବୋଚ୍ଚ ଯନ୍ତ୍ରୀ, ଆଇଭି; ଇଂ. ଅବିନାଶ ରାଉଳ, ସର୍ବୋଚ୍ଚ ଯନ୍ତ୍ରୀ, ଇଂଟର ଷ୍ଟେଟ୍‌ସ; ଇଂ. ବୈଜିନାଥ ହେମ୍ବ୍ରମ, ନିର୍ଦ୍ଦେଶକ, ବାଲ୍‌ମି; ଏବଂ ସୁବ୍ରତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଓ୍ୱସୀମ ଅଶରଫ, ଚିଫ୍ ଇଞ୍ଜିନିୟର ଓ ମୁଖ୍ୟ, ଏନ୍‌ଡବ୍ଲ୍ୟୁଏ, ପୁଣେ; ଚୈତନ୍ୟ କେ. ଏସ୍, ନିର୍ଦ୍ଦେଶକ, ଏନ୍‌ଡବ୍ଲ୍ୟୁଏ; ଡ. ଅର୍ଜମଦ ସାରଙ୍ଗୀ, ନିର୍ଦ୍ଦେଶକ, ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍; ଡ. କାଳିକିଙ୍କର ବନ୍ଦୋପାଧ୍ୟାୟ, ପ୍ରିନ୍ସିପାଲ ସାଇଂଟିଷ୍ଟ, ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍; ଏବଂ ଇଂ. ଶରତ ଚନ୍ଦ୍ର ଘଡ଼େଇ, ଜେନେରାଲ୍ ମ୍ୟାନେଜର, ଓସିସିଏଲ୍ ଉପସ୍ଥିତ ଥିଲେ।

13001/1639/2627

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୧୨୭ ତା.୧୦.୦୮.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ମୃତ୍ୟୁ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ- ୰ତାରାକାନ୍ତ ଦାସ, ପିତା- ୰ଶୁକଦେବ ଦାସ, ସା- କେଶୋଲ, ପୋ- ତେନ୍ଦକୁରା, ଥାନା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା | ଘର ନଂ-ଏଲ.ଆଇ.ଜି-୬୦୩ (LIG-603) ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧. ପ୍ରିତୀମାନ ଦାସ (ପୁତ୍ର) ପ୍ରଜ୍ଞା ଉପାସନା ଦାସ (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/26-27/0215

ଭୁବନେଶ୍ୱର, ୨୬ ଅଗଷ୍ଟ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ରକୁ ଆସିଲା ପାଟରାକ୍ଷୀ : ରାକ୍ଷୀ ପିନ୍ଧିବେ ଶ୍ରୀବଳଦେବଜୀଉ

**କେନ୍ଦ୍ରାପଡା,୨୫/୮ ନ୍ୟୁଜ ବ୍ୟୁରୋ**



ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ରକୁ ଆସିଲା ପାଟରାକ୍ଷୀ। ପୁରୀରୁ ମା'ସୁଭଦ୍ରା ପଠାଇଥିବା ପାଟରାକ୍ଷୀକୁ ଶ୍ରୀବଳଦେବଜୀଉ ତାଙ୍କ ଜନ୍ମଦିନରେ ପିନ୍ଧିବେ । ଏଥିପାଇଁ ମହାପ୍ରଭୁଙ୍କ ପାଟ ସେବା ସଂଘ ପକ୍ଷରୁ ଶ୍ରୀମନ୍ଦିର ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ରରୁ ପାଟରାକ୍ଷୀ ଆସି କେନ୍ଦ୍ରାପଡ଼ାରେ ପହଞ୍ଚିଛି । ଆଦିଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ରାକ୍ଷୀକୁ ସ୍ପର୍ଶ କରିବା ପରେ ଆଶୀର୍ବାଦ ପୂର୍ବକ ରାକ୍ଷୀ ନେଇ ସୁସଜ୍ଜିତ ରଥରେ ରଖି ତୁଳସୀ କ୍ଷେତ୍ରକୁ ଆସିଥିଲେ ସୁଭଦ୍ରାଙ୍କ ବାଡଗ୍ରାହୀ । ଏଠାରେ ପହଞ୍ଚିବା ପରେ ଶ୍ରୀବଳଦେବଜୀଉ ମନ୍ଦିର ପ୍ରଶାସନ ପକ୍ଷରୁ ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପଣ୍ଡିତ ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ପୂର୍ବତନ ପୌରାଧକ୍ଷ ଧିରେନ୍ ସାହୁ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ ଓ ମନ୍ଦିର କର୍ମଚାରୀମାନେ ରାକ୍ଷୀକୁ ସ୍ୱାଗତ କରିଥିଲେ । ଏହି ରାକ୍ଷୀକୁ ମନ୍ଦିର କାର୍ଯ୍ୟାଳୟ ପାଖରୁ ଘଣ୍ଟ ଘଣ୍ଟା ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ମନ୍ଦିର ପର୍ଯ୍ୟନ୍ତ ନିଆ ଯାଇଥିଲା। ଶୋଭାଯାତ୍ରାରେ ପାଟସେବା ସଂଘ ପକ୍ଷରୁ ସମ୍ପାଦକ ଶ୍ରୀ ଜଗନ୍ନାଥ ଚେତନା ଚାରଣ ଗୋଷ୍ଠୀ, ପୁରୀର ସମ୍ପାଦକ ଡ. ଶୁଭେନ୍ଦୁ ସ୍ୱାଇଁ, ଉପଦେଷ୍ଟା ଡ. ପ୍ରଭୁଚରଣ ମହାନ୍ତି, ଟ୍ରଷ୍ଟି ଡ. ରାକେଶ ପାଣିଗ୍ରାହୀ, ଶ୍ରୀ ଜଗନ୍ନାଥ ପାଟ ରାକ୍ଷୀ ବିକାଶ ପରିଷଦ ସମ୍ପାଦକ ହିମାଂଶୁ ଶେଖର ସାହୁ, ସଭ୍ୟ ଆଶିଷ ସାହୁ, ଇଂ. ରବିନାରାୟଣ ମହାପାତ୍ର, ରଞ୍ଜନ କୁମାର ବେହେରା ପ୍ରମୁଖ ବହୁ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ । ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମନ୍ଦିର ରତ୍ନ ସିଂହାସନ ପାଖରେ ମା' ସୁଭଦ୍ରାଙ୍କ ପୂଜାପଣ୍ଡା ପରୀକ୍ଷିତ କରଙ୍କୁ ଦୁଇଗୋଟି ପାଟ ରାକ୍ଷୀ ହସ୍ତାନ୍ତର କରିବା ପରେ ସୁପରଭାଇଜର ଓ ଭଣ୍ଡାରରକ୍ଷକ ଭଗବାନ ସୁଆରଙ୍କୁ ଜିମା ଦିଆଯାଇ ଭଣ୍ଡାର ଗୃହରେ ସୁରକ୍ଷିତ ଭାବେ ରଖାଯାଇଥିଲା । ଆସନ୍ତା ୨୭ତାରିଖ ଗୁରୁବାର ଜନ୍ମୋତ୍ସବ ଅବସରରେ ଶ୍ରୀବଳଦେବଜୀଉ ଓ ସାନଭାଇ ଶ୍ରୀଜଗନ୍ନାଥ ଏହି ପାଟରାକ୍ଷୀକୁ ହସ୍ତରେ ପରିଧାନ କରିବେ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

# ଶ୍ରୀକ୍ଷେତ୍ରରେ ଭୋଇ ସର୍ଦ୍ଦାରଙ୍କ ଦ୍ୱାରା ରଥ ଖୋଲା ଅନୁକୂଳ

## ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଭଙ୍ଗା ଆରମ୍ଭ

**ପୁରୀ ୨୫/୦୮ ନ୍ୟୁଜ ବ୍ୟୁରୋ**



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସରିବା ପରେ ରଥ ଖୋଲା ଆରମ୍ଭ ହୋଇଛି । ରଥ ନିର୍ମାଣରେ ଯେପରି ଅନୁକୂଳ ସେପରି ରଥ ଖୋଲା ସମୟରେ ଅନୁକୂଳ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ କ୍ରମେ ମୁଖ୍ୟ ବିଶ୍ୱକର୍ମା। ମହାରଣାଙ୍କ ତତ୍ତ୍ୱାବଧାନରେ ଭୋଇ ସର୍ଦ୍ଦାର ରବି ଭୋଇ ମହାପ୍ରଭୁଙ୍କ ଲଡୁ ମାହାର୍ଦ୍ଦ ଦେଇ ଅନୁକୂଳ କରିଛନ୍ତି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଖୋଲା ଯିବ। ରଥର ଶୀର୍ଷ ଭାଗ କଳସ ଠାରୁ ରଥ ଖୋଲା କାର୍ଯ୍ୟ ଆରମ୍ଭ ହେବ। ରଥରୁ ଖୋଲି କାଠଗୁଡ଼ିକ ବଡ଼ଦାଣ୍ଡରେ ରଖାଯିବା ପରେ ରହଣି ସ୍ଥାନକୁ ସ୍ଥାନାନ୍ତର କରାଯିବ। ଏହି ସବୁ କାଠ ଠାକୁରଙ୍କ କୋଠ ଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ପରେ ନନ୍ଦିଘୋଷ ଓ ଶେଷରେ ତାଳଧ୍ୱଜ ରଥ ଖୋଲାଯିବ । ପୂର୍ବରୁ ତିନି ରଥର ୨୭ପାର୍ଶ୍ୱ ଦେବତା, ୧୨ଟି ଅଶ୍ୱ, ୩ ସାରଥି, ଠେକରା ବାଡ଼ ଆଦି ରଥାଂଶକୁ କାଢ଼ି ସାଇତା ଯାଇଛି।

# ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଲେ ଅନୁଗୁ ଶିବା ମାରୁତି ରେଡ୍ଡୀ




**ଭୁବନେଶ୍ୱର, ୨୫।୮ ନ୍ୟୁଜ ବ୍ୟୁରୋ**

ଆଇପିଏସ ଅଧିକାରୀ ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି (ଏଡ୍-ଡି-କ୍ୟାମ୍ପ) ଭାବେ ଯୋଗ ଦେଇଛନ୍ତି । ଲୋକ ଭବନରେ ଏକ ଔପଚାରିକ ସମାରୋହରେ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ରାଜ୍ୟପାଳ ସ୍ୱାଗତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା- ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍-ଡିଭିଜନାଲ୍ ପୋଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ଥୀଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି । ଓଡ଼ିଶା ରାଜ୍ୟପାଳଙ୍କୁ ଦୁଇ ଜଣ ଏଡିସି ସହାୟତା କରିଥାନ୍ତି ଓ ଜଣେ ଭାରତୀୟ ନୌସେନାରୁ ଓ ଅନ୍ୟ ଜଣେ ଓଡ଼ିଶା ପୋଲିସରୁ । ବର୍ତ୍ତମାନ ଲେଫ୍ଟନାଣ୍ଟ ହର୍ଷିତ ଦେଓ ନୌସେନା ଏଡିସି ଭାବେ କାର୍ଯ୍ୟ କରୁଥିବା ବେଳେ ଶ୍ରୀ ରେଡ୍ଡୀ ପୋଲିସ୍ ଏଡିସି ଭାବେ ଯୋଗ ଦେଇଛନ୍ତି । ଏଡିସି ରାଜ୍ୟପାଳଙ୍କ ଔପଚାରିକ କାର୍ଯ୍ୟକ୍ରମ, ଆନୁଷ୍ଠାନିକ ଉତ୍ସବ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ୍ ସମ୍ପର୍କୀୟ ଦାୟିତ୍ୱରେ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

## କିମ୍ସରେ ହୃତପିଣ୍ଡ ଧମନୀର ସଫଳ ଅସ୍ତ୍ରୋପଚାର

# ନୂଆ ଜୀବନ ପାଇଲେ ୨୧ ବର୍ଷୀୟ ଯୁବକ

**ଭୁବନେଶ୍ୱର, ୨୫/୦୮ ନ୍ୟୁଜ ବ୍ୟୁରୋ**



ଭଦ୍ରକର ଜଣେ ୨୧ ବର୍ଷୀୟ ଅନାଥ ଯୁବକଙ୍କ ଜୀବନ ବଞ୍ଚାଇବାରେ କିମ୍ସ ଭୁବନେଶ୍ୱରର ଡାକ୍ତରମାନେ ସଫଳ ହୋଇଛନ୍ତି। ବେକରେ ବଢୁଥିବା ଏକ ବିଶାଳ ଫୁଲା ଯୋଗୁଁ ରୋଗୀଙ୍କ ଶ୍ୱାସକ୍ରିୟା ଓ ଖାଦ୍ୟପାନୀୟ ଗିଳିବାରେ ଗୁରୁତର ସମସ୍ୟା ଦେଖାଦେଇଥିଲା। କିମ୍ସରେ ଜଟିଳ ଜରୁରୀକାଳୀନ ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କୁ ସୁସ୍ଥ କରାଯାଇଛି। ଅଗଷ୍ଟ ୧୫ରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜଣେ ବନ୍ଧୁ ତାଙ୍କୁ କିମ୍ସକୁ ଆଣିଥିଲେ। କାର୍ଡିଆକ୍ ସର୍ଜରୀ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଚନ୍ଦନ ରାୟ ମହାପାତ୍ର ରୋଗୀଙ୍କୁ ପରୀକ୍ଷା କରିବା ପରେ ବେକର ମଝି ଭାଗରେ ପ୍ରାୟ ୪ ଇଞ୍ଚ ଲମ୍ବ ଓ ୩ ଇଞ୍ଚ ଚଉଡ଼ାର ଏକ ବଡ଼, ଟାଣ ଏବଂ ନାଡ଼ି ସ୍ପନ୍ଦନ କରୁଥିବା ଫୁଲା ଥିବା ଜାଣିବାକୁ ପାଇଥିଲେ। ଏହି ଫୁଲା ଏତେ ବଡ଼ ହୋଇଯାଇଥିଲା ଯେ ଏହା ଫୁସଫୁସକୁ ବାୟୁ ନେଉଥିବା ଶ୍ୱାସନଳୀ ଉପରେ ଚାପ ପକାଉଥିଲା। ଫଳରେ ରୋଗୀଙ୍କୁ ଶ୍ୱାସ ନେବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା।

ସୂଚନା ଅନୁଯାୟୀ, ପ୍ରାୟ ୬ ମାସ ପୂର୍ବେ ଯୁବକଜଣକ ଏକ ଦୁଇଚକିଆ ଯାନରୁ ପଡ଼ିଯାଇଥିଲେ। ଏଥିରେ ତାଙ୍କ ଡାହାଣ ପାର୍ଶ୍ୱ ବେକ ହାଡ଼ ଭାଙ୍ଗିଯାଇଥିଲା। କିଛି ଦିନ ପୂର୍ବରୁ ତାଙ୍କ ବେକ ନିକଟରେ ଫୁଲିବା ଆରମ୍ଭ ହୋଇଥିଲା। କିମ୍ସରେ ସିଟି ସ୍କାନ୍‌ରୁ ଜଣାପଡ଼ିଲା, ଏକ ଧମନୀ କଣା ହୋଇଥିବାରୁ ରକ୍ତ ଜମି ଏହି ବଡ଼ ଫୁଲା ସୃଷ୍ଟି ହୋଇଛି। ରକ୍ତଭରା ଫୁଲାଟି ବଢ଼ିବା ସହ ଶ୍ୱାସନଳୀ ଉପରେ ଚାପ ପଡ଼ି ବେକ, ହାତ ଓ ପିଠିରେ ମଧ୍ୟ ଯନ୍ତ୍ରଣା ହେଉଥିଲା।

ଚିକିତ୍ସା ସମୟରେ ନିଶ୍ଚେତକ ଦେବା ସମୟରେ ଡାକ୍ତରୀ ଦଳ ପାଇଁ ଆହୁରି ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିଲା। ଯଦିଓ ରୋଗୀଙ୍କ ପାଟି ଯଥେଷ୍ଟ ଖୋଲୁଥିଲା, ତଥାପି ବେକରେ ଥିବା ବିଶାଳ ଓ ନାଡ଼ି ସ୍ପନ୍ଦନଶୀଳ ଫୁଲା ଶ୍ୱାସନଳୀକୁ ଏତେ ଚାପି ଦେଇଥିଲା ଯେ ସାଧାରଣ ଉପାୟରେ ରୋଗୀଙ୍କୁ ଭେଣ୍ଟିଲେଟ୍ କରିବା ସମ୍ଭବ ହୋଇନଥିଲା। କାର୍ଡିଆକ୍ ଆନେସ୍ଥେସିଓଲୋଜିଷ୍ଟ ଡା. ଅଶୋକ ବଡ଼ମାଳୀ ନିଶ୍ଚେତକ ପରିଚାଳନାର ଦାୟିତ୍ୱ ନେଇଥିଲେ। କାର୍ଡିଆକ୍ ସର୍ଜରୀ କନସଲଟାଣ୍ଟ ଡା. ସତ୍ୟଜିତ ସାମଲ ଓ ସିନିୟର ପର୍ଫ୍ୟୁଜନିଷ୍ଟ ଦେବବ୍ରତ ମହାପାତ୍ରଙ୍କୁ ନେଇ ଗଠିତ ଅସ୍ତ୍ରୋପଚାର ଦଳ ରୋଗୀଙ୍କୁ ହାର୍ଟ-ଲଙ୍ଗ୍ ମେସିନ୍ ସହ ସଂଯୋଗ କରିଥିଲେ। ଅସ୍ତ୍ରୋପଚାର ସମୟରେ ରୋଗୀଙ୍କ ଛାତି ଖୋଲାଯାଇ କଣା ହୋଇଥିବା ଧମନୀର ଅସ୍ତ୍ରୋପଚାର କରାଯାଇଥିଲା। ହାର୍ଟ-ଲଙ୍ଗ୍ ମେସିନର ସହାୟତାରେ ପ୍ରାୟ ୪ରୁ ୫ ଘଣ୍ଟା ଧରି ଚାଲିଥିବା ଏହି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା। ଅସ୍ତ୍ରୋପଚାରର ପରଦିନ ରୋଗୀଙ୍କ ଶ୍ୱାସନଳୀ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ଏବେ ସେ ସୁସ୍ଥ ଅଛନ୍ତି। ରୋଗୀ ଜଣକ ଛୋଟବେଳୁ ବାପା-ମା'ଙ୍କୁ ହରାଇଥିଲେ। କିମ୍ସରେ ଜୀବନ ବଞ୍ଚିଯାଇଥିବାରୁ ରୋଗୀ ଓ ତାଙ୍କ ଗାଁର ସଂପର୍କୀୟମାନେ କିମ୍ସ ଡାକ୍ତର ଓ ନର୍ସମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି। ଏହି ବିରଳ ଚିକିତ୍ସା ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ନିଜ ଆଦେଶ ବିରୋଧରେ ଅପିଲ୍‌ର ଶୁଣାଣି କରିପାରିବେନି ଅଧିକାରୀ

**କଟକ,୨୫/୦୮ ନ୍ୟୁଜ ବ୍ୟୁରୋ**



ଜଣେ କର୍ମଚାରୀଙ୍କ ବିରୋଧରେ ଦଣ୍ଡାଦେଶ ଦେଇଥିବା ଅଧିକାରୀ ପରେ ପ୍ରାଧିକୃତ ଅପିଲ୍ ଅଧିକାରୀ ଭାବେ ନିଜେ ଦେଇଥିବା ଆଦେଶ ବିରୋଧରେ ହୋଇଥିବା ଅପିଲର ଶୁଣାଣି କରିପାରିବେ ନାହିଁ । ଏପରି ପ୍ରକ୍ରିୟା ପ୍ରକୃତ ନ୍ୟାୟର ପରିପନ୍ଥୀ ଏବଂ ନିରପେକ୍ଷ ଶୁଣାଣିର ଅଧିକାରକୁ କ୍ଷୁର୍ଣ୍ଣ କରେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ପ୍ରସନ୍ନ କୁମାର ପତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଆଦେଶ ଦେଇଛନ୍ତି । ଆବେଦନକାରୀ ଶ୍ରୀ ପତିଙ୍କୁ ବିଭାଗୀୟ ତଦନ୍ତ ପରେ ୨୦୧୧ ଡିସେମ୍ବର ୧୨ରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଏହି ଆଦେଶ ବିରୋଧରେ ସେ ଅପିଲ୍ କରିଥିଲେ। ମାତ୍ର ଯେଉଁ ଅଧିକାରୀ ପୂର୍ବରୁ ଦଣ୍ଡାଦେଶ ଦେଇଥିଲେ, ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇ ସଂପୃକ୍ତ ବ୍ୟକ୍ତି ପ୍ରାଧିକୃତ ଅଧିକାରୀ ଭାବେ ଅପିଲର ଶୁଣାଣି କରି ୨୦୧୬ ଏପ୍ରିଲ ୨୩ରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରି ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ପ୍ରସନ୍ନ କୁମାର ପତି ସେସୁରେ ଲାଇନ୍‌ମ୍ୟାନ୍-ଏ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗରେ ବିଭାଗୀୟ ମାମଲା ହୋଇଥିଲା । ଏହି ମାମଲାରେ ହାଇକୋର୍ଟ କହିଛନ୍ତି, ଅପିଲ ଶୁଣାଣି ପାଇଁ ପ୍ରାଧିକୃତ ଅଧିକାରୀଙ୍କ ଉଦ୍ଦେଶ୍ୟ ହେଉଛି ମାମଲାର ତଥ୍ୟ, ଆଇନ, ପ୍ରମାଣ ଓ ଦଣ୍ଡର ମାତ୍ରାକୁ ସ୍ୱାଧୀନ ଭାବେ ପୁନଃବିଚାର କରିବା। ତେଣୁ ପୂର୍ବରୁ ଦଣ୍ଡାଦେଶ ଦେଇଥିବା ସେହି ବ୍ୟକ୍ତି ନିଜ ଆଦେଶ ବିରୋଧରେ ଅପିଲ ଶୁଣିବା ଗ୍ରହଣୀୟ ନୁହେଁ । ଏପରି ସ୍ଥିତିରେ ପକ୍ଷପାତର ଯଥାର୍ଥ ଆଶଙ୍କା ରହିଥାଏ । କୌଣସି ବ୍ୟକ୍ତି ନିଜ ମାମଲାରେ ନିଜେ ବିଚାରପତି ହୋଇପାରିବେ ନାହିଁ । ଜଣେ ଅଧିକାରୀ ପୂର୍ବରୁ ନେଇଥିବା ନିଷ୍ପତ୍ତିର ଅପିଲ ନିଜେ ବିଚାର କଲେ ତାହା ପକ୍ଷପାତ ବିରୋଧୀ ନୀତିର ପରିପନ୍ଥୀ ହେବ। ଏହି ଆଧାରରେ ହାଇକୋର୍ଟ ୨୦୧୬ ଏପ୍ରିଲ ୨୩ର ଅପିଲ ଖାରଜ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଏଥିସହ ଅନ୍ୟ ଜଣେ ସ୍ୱତନ୍ତ୍ର ଅପିଲେଟ୍ ଅଥରିଟିଙ୍କ ଦ୍ୱାରା ଆବେଦନକାରୀଙ୍କୁ ପକ୍ଷ ରଖିବାର ସୁଯୋଗ ଦେଇ ଦୁଇ ମାସ ମଧ୍ୟରେ ନୂତନ ଭାବେ ଶୁଣାଣି କରି ନ୍ୟାୟପୂର୍ଣ୍ଣ ଆଦେଶ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୫/୦୮/୨୦୨୬
୩,୯୮,୪୮୩/- ଟଙ୍କା
ସୁନା:- ଶୂନ୍ୟ
ରୂପା:-୧୮ ଗ୍ରାମ୍ ୫୦୦ମିଲିଗ୍ରାମ୍

# ଅଯୋଗ୍ୟତା ପ୍ରସଙ୍ଗ: ୨୦ ବିଦ୍ରୋହୀ ଟିଏମସି ସାଂସଦଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୫/୦୮**

ସୁପ୍ରିମକୋର୍ଟ ମଙ୍ଗଳବାର ଦିନ ମୌଖିକ ଭାବେ କହିଛନ୍ତି ଯେ, ପ୍ରସଙ୍ଗ ନୋଟିସ ଜାରି କରିବା ବିଷୟରେ ନୁହେଁ, ବରଂ ଏକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ ହେବା ନିଶ୍ଚିତ କରିବା ବିଷୟରେ । ସୁପ୍ରିମକୋର୍ଟ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି, ଯେଉଁଥିରେ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ) ସହ ଜଡ଼ିତ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନ ଉପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଠାରୁ ଶୀଘ୍ର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି । ଏହି ମାମଲା ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ସମ୍ମୁଖରେ ଆସିଥିଲା । ବରିଷ୍ଠ ଓକିଲ କଲ୍ୟାଣ ବାନାର୍ଜୀ ଖଣ୍ଡପୀଠ ସମ୍ମୁଖରେ ଅଭିଷେକ ବାନାର୍ଜୀଙ୍କ ମାମଲା ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ, ଖଣ୍ଡପୀଠ ଆବେଦନ ଉପରେ ନୋଟିସ୍ ନିର୍ଦ୍ଦେଶ ଦେଇଥିଲେ । ଲୋକସଭା ବାଚସ୍ପତିଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ୍ ତୁଷାର ମେହେଟା କହିଥିଲେ ଯେ, ବାଚସ୍ପତିଙ୍କୁ ନୋଟିସ୍ ଜାରି କରିବାରେ ତାଙ୍କର କିଛି ସମସ୍ୟା ଅଛି । ସେ କହିଥିଲେ, 'ମୁଁ ଏଠାରେ ଉପସ୍ଥିତ ଅଛି । ମୁଁ ହାଜର ହୋଇ ମୋର ଉପସ୍ଥିତି ପତ୍ର ଦାଖଲ କରିବି । ଦୟାକରି (ବାଚସ୍ପତିଙ୍କୁ) ନୋଟିସ୍ ଜାରି କରନ୍ତୁ ନାହିଁ... ମୁଁ ଆଜି ହିଁ ଏହି ବିଷୟରେ କୋର୍ଟଙ୍କୁ ଜଣାଇବି ।' ଜଷ୍ଟିସ୍ ବାଗଚି କହିଛନ୍ତି, 'ଏହା ନୋଟିସର ପ୍ରଶ୍ନ ନୁହେଁ, ଶ୍ରୀଯୁକ୍ତ ସଲିସିଟର । ଏହା ଏକ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାର ପ୍ରଶ୍ନ ।' ଖଣ୍ଡପୀଠ ମୌଖିକ ଭାବେ କହିଥିଲେ ଯେ, ଏହା କୌଣସି ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ନୋଟିସ ଜାରି କରିବାକୁ ଚାହୁଁନାହିଁ, ବରଂ କେବଳ ନିଶ୍ଚିତ କରିବାକୁ ଚାହୁଁଛି ଯେ, ପ୍ରକ୍ରିୟା ସମୟସୀମା ମଧ୍ୟରେ ସମାପ୍ତ ହେବ । ଖଣ୍ଡପୀଠ କହିଥିଲେ ଯେ, ମେହେଟା କୋର୍ଟକୁ ସହାୟତା କରିପାରିବେ, ଯେଉଁଥିରେ ସେ ରାଜି ହୋଇଥିଲେ । ଆବେଦନରେ ୨୦ ଜଣ ବିଦ୍ରୋହୀ ଟିଏମସି ସାଂସଦଙ୍କୁ ପ୍ରତିପକ୍ଷ କରାଯାଇଥିଲା ବୋଲି ଦର୍ଶାଇ ବାନାର୍ଜୀ କହିଛନ୍ତି ଯେ, ଆବେଦନରେ ଅନ୍ୟ ପ୍ରତିପକ୍ଷ ମଧ୍ୟ ଅଛନ୍ତି । ଖଣ୍ଡପୀଠ ଏହା ମଧ୍ୟ କହିଛନ୍ତି ଯେ, ମେହେଟା ବାଚସ୍ପତି ଏବଂ ମହାସଚିବଙ୍କ ପ୍ରତିନିଧିତ୍ୱ କରୁଛନ୍ତି, ତେଣୁ ନୋଟିସ ଜାରି କରିବାର କୌଣସି ଆବଶ୍ୟକତା ନାହିଁ। ବାନାର୍ଜୀ ପଚାରିଥିଲେ, 'ଯଦି ନୋଟିସ ଜାରି କରାଯାଏ ତେବେ ଅସୁବିଧା କ'ଣ ?' ଖଣ୍ଡପୀଠ କହିଥିଲେ ଯେ, ଏହା ଏକ ଜବାବ ଚାହାନ୍ତି । ମେହେଟା ଉତ୍ତର ଦେଇଥିଲେ, 'ମୋତେ ସମନ କରିବା ପାଇଁ ଏକ ନୋଟିସ୍ ଦିଆଯାଇଛି । ମୁଁ ଏଠାରେ ଅଛି ।' ସୁପ୍ରିମକୋର୍ଟ ଲୋକସଭା ବାଚସ୍ପତିଙ୍କ କାର୍ଯ୍ୟାଳୟ ଏବଂ ଲୋକସଭା ସଚିବଙ୍କୁ ନୋଟିସ୍ ଜାରି କରିବାକୁ ମନା କରିଦେଇଥିଲେ, ଉଲ୍ଲେଖ କରିଥିଲେ ଯେ, ମେହେଟା ତାଙ୍କ ପ୍ରତିନିଧିତ୍ୱ କରିବାକୁ ଉପସ୍ଥିତ ଥିଲେ । ଖଣ୍ଡପୀଠ ବାନାର୍ଜୀଙ୍କ ଆବେଦନ ଉପରେ ୨୦ ଜଣ ସାଂସଦଙ୍କୁ ନୋଟିସ୍ ଜାରି କରିଥିଲେ। ଟିଏମସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଆବେଦନ ବିଦ୍ରୋହୀ ସାଂସଦଙ୍କ ବିରୁଦ୍ଧରେ ଅଯୋଗ୍ୟତା ପ୍ରକ୍ରିୟା ନିଷ୍ପତ୍ତି ନେବାରେ ବିଳମ୍ବକୁ ଚ୍ୟାଲେଞ୍ଜ କରି ହୋଇଛି । ଟିଏମସି ସଂସଦୀୟ ଦଳ ଭିତରେ ଏକ ବିଦ୍ରୋହରୁ ଏହି ବିବାଦ ସୃଷ୍ଟି ହୋଇଛି, ଯେଉଁଥିରେ ୨୦ ଜଣ ସାଂସଦ ଏନ୍‌ସିପିଆଇରେ ଯୋଗ ଦେଇଥିଲେ। ବିଦ୍ରୋହୀ ଗୋଷ୍ଠୀ ଲୋକସଭାରେ ଏକ ପୃଥକ ଦଳ ଭାବେ ମାନ୍ୟତା ଦାବି କରିଛି । ଆବେଦନରେ ଲୋକସଭା ବାଚସ୍ପତି ଏବଂ ମହାସଚିବଙ୍କ ସହିତ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ମାମଲାରେ ପ୍ରତିପକ୍ଷ ଭାବେ ନାମିତ କରାଯାଇଛି। ଟିଏମସି ଜିଦ୍ ଧରିଛି ଯେ, ସାଂସଦ ଦଳର ନିର୍ବାଚନ ଚିହ୍ନରେ ନିର୍ବାଚିତ ହୋଇଥିଲେ ଏବଂ ପରେ ଅନ୍ୟ ଏକ ରାଜନୈତିକ ଦଳରେ ଯୋଗଦେବାର ତାଙ୍କର ନିଷ୍ପତ୍ତି ଦଳ ପରିବର୍ତ୍ତନ ବିରୋଧୀ ଆଇନ ପରିସରଭୁକ୍ତ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଅସ୍ତିତ୍ୱ ହରାଉଛି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ

## ଉଜୁଡ଼ି ଯାଇଛି ଆଲୋକ ବ୍ୟବସ୍ଥା, ଭାଙ୍ଗିରୁଜି ଗଲାଣି ପାଚେରୀ

**କୋଣାର୍କ,୨୫/୦୮ ନ୍ୟୁଜ ବ୍ୟୁରୋ**

ଅସ୍ତିତ୍ୱ ହରାଉଛି ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ । ତୀର୍ଥ କ୍ଷେତ୍ରରୁ ତୀର୍ଥ ପୁଷ୍କରିଣୀ ପାଲଟିଥିବା ଏହି ପବିତ୍ର ସ୍ଥାନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ । ତୁରନ୍ତ ଏହାର ପୁନରୁଦ୍ଧାର ଲାଗି ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । କୁଶଭଦ୍ରା, ଚିତ୍ରୋତ୍ପଳା ଓ ଶ୍ୱେତଗଙ୍ଗା ନଦୀର ଧାର ଚନ୍ଦ୍ରଭାଗା ଦେଇ ବଙ୍ଗୋପସାଗରରେ ମିଶିଥିବା ପୁରାଣରେ ବର୍ଣ୍ଣିତ । କାଳକ୍ରମେ ଏହି ୩ ନଦୀର ଧାର ପୋତି ହୋଇଯିବା ଫଳରେ କେବଳ ଚନ୍ଦ୍ରଭାଗା ରହିଯାଇଛି। ଏହାର ମାହାତ୍ମ୍ୟ ସର୍ବଜନ ବିଦିତ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣଙ୍କ ପୁତ୍ର ଶାମ୍ବ ଚନ୍ଦ୍ରଭାଗା ତୀର୍ଥରେ ସୂର୍ଯ୍ୟ ଉପାସନା କରି କୁଷ୍ଠ ରୋଗରୁ ଆରୋଗ୍ୟ ଲାଭ କରିଥିଲେ। ଏବେ ଏହି ପବିତ୍ର କ୍ଷେତ୍ର ତୀର୍ଥ ପୁଷ୍କରିଣୀ ଭାବେ ରହିଯାଇଛି। ପବିତ୍ର ମାଘ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥ ଜଳରେ ସ୍ନାନ ସାରି ସୂର୍ଯ୍ୟଦର୍ଶନ ଓ ଦାନ କଲେ ସମସ୍ତ ପାପ କ୍ଷୟ ହୋଇ ମୁକ୍ତି ମିଳିଥାଏ ବୋଲି ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସ ରହିଛି। ଏଣୁ କାହିଁ କେଉଁ କାଳରୁ ଏହି ତିଥିରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଆବାଳ ବୃଦ୍ଧ ବନିତା ଚନ୍ଦ୍ରଭାଗା ତୀର୍ଥ ଜଳରେ ସ୍ନାନ କରି ସୂର୍ଯ୍ୟ ଦର୍ଶନ ଓ ନବଗ୍ରହଙ୍କ ନିକଟରେ ହୋମଯଜ୍ଞ, ପୂଜାର୍ଚ୍ଚନା କରିଥାନ୍ତି । ମାଘ ସପ୍ତମୀ ପୂର୍ବ ଷଷ୍ଠୀ ରାତିରୁ ଚନ୍ଦ୍ରଭାଗା ତୀର୍ଥ କ୍ଷେତ୍ରକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଧାଇଁ ଆସନ୍ତି। ମେଳା ପଡ଼ିଆରେ ରାତିସାରା ଉଜାଗର ହୋଇଥାନ୍ତି । ମାଟି ହାଣ୍ଡିରେ ଭାତ, ଶୁଖୁଆ ଡାଲ୍‌ମା ରୋଷେଇ କରି ଖାଇ ସାରିବା ପରେ ହାଣ୍ଡି ଭଙ୍ଗା ପୁଷ୍କରିଣୀରେ ହାଣ୍ଡି ଭଙ୍ଗାଯିବା ପରମ୍ପରା ରହିଛି । ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର, ଐଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଚନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ବିରାଜମାନ କରିଥାନ୍ତି । ପାରମ୍ପରିକ ରୀତିନୀତିରେ ଚଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ଶେଷ ପରେ ତିନି ଠାକୁର ତୀର୍ଥ ଜଳରେ ସ୍ନାନ କରନ୍ତି । ହରିବୋଲ ଓ ହୁଳହୁଳି ଧ୍ୱନିରେ ତୀର୍ଥ କ୍ଷେତ୍ର ପ୍ରକମ୍ପିତ ହୋଇଥାଏ । ଏହାପରେ ଅପେକ୍ଷାରତ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ଜଳରେ ବୁଡ଼ ପକାଇ ସୂର୍ଯ୍ୟ ଦେବତାଙ୍କୁ ଦର୍ଶନ କରନ୍ତି। କିଛିବର୍ଷ ହେବ ତୀର୍ଥ ପୁଷ୍କରିଣୀକୁ ପାଚେରି ଘେରା ଯାଇ ଆବଦ୍ଧ କରାଯାଇଛି। ଫଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏକ ସମୟରେ ସ୍ନାନ କରିବାରେ ଅସୁବିଧା ସୃଷ୍ଟି ହେଉଛି । ମାଘ ସପ୍ତମୀ ବ୍ୟତୀତ ଅନ୍ୟ ଦିନ ମାନଙ୍କରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଚତୁଃପାର୍ଶ୍ୱ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହୁଛି । ପାଚେରି ସବୁ ଭାଙ୍ଗିରୁଜି ଗଲାଣି । ଆଲୋକ ବ୍ୟବସ୍ଥା ନାହିଁ । ପୁଷ୍କରିଣୀରେ ଛିଣ୍ଡା କପଡ଼ା, ପ୍ଲାଷ୍ଟିକ୍ ବୋତଲ, ପଲିଥିନ, ମଦ ବୋତଲ ଆଦି ପରିତ୍ୟକ୍ତ ପଦାର୍ଥ ଗୁଡ଼ିକ ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ଏଗୁଡ଼ିକ ଜମା ହୋଇ ରହିବା ଫଳରେ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ପୁଷ୍କରିଣୀ ଚତୁଃପାର୍ଶ୍ୱରେ ସୋଲାର ଲାଇଟ୍ ସବୁ ଦୀର୍ଘ ଦିନରୁ ଅଚଳ ହୋଇପଡ଼ିଛି । କେତେକ ଲୁଣି ଲାଗି ନଷ୍ଟ ହୋଇଗଲାଣି। ଅଧିକାଂଶ ସମୟ ଏହି ଜଳ ଗୋଳିଆ ରହୁଥିବାରୁ ଶ୍ରଦ୍ଧାଳୁମାନେ ସ୍ନାନ ନକରି ଫେରି ଯାଉଛନ୍ତି। ପୁଷ୍କରିଣୀରେ ଆଲୋକ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକମାନେ ସନ୍ଧ୍ୟାରେ ଏଠାରେ ରହିବାକୁ ଉଚିତ ମନେ କରୁନାହାନ୍ତି । ଏହାର ପୁନରୁଦ୍ଧାର କରାଗଲେ ଏଠାକୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହେବା ସହିତ ପର୍ଯ୍ୟଟନ ମାନଚିତ୍ରରେ ଗୁରୁତ୍ୱ ବଢ଼ିବ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com